# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME- 42 ◆ISSUE-317 ◆BHUBANESWAR ◆FRIDAY ◆16 MAY 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୨ ◆ସଂଖ୍ୟା-୩୧୭ ◆ଭୁବନେଶ୍ୱର ◆ଶୁକ୍ରବାର ◆୧୬ ମେ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




ହରମନ୍‌ପ୍ରୀତ୍
ଟି-୨୦ ଅଧିନାୟକ

▶ପୃଷ୍ଠା ୧୨ ଦେଖନ୍ତୁ...




# ଉଜୁଡ଼ା କ୍ଷେତ ଦେଖି ଗଛରେ ଝୁଲିପଡ଼ିଲେ ଚାଷୀ

ମଙ୍ଗଳପୁର/କୟାଁଗୋଲା,୧୫।୫(ସମିସ): ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ମଙ୍ଗଳପୁର ଥାନା ଅଧୀନ କୟାଁ ପଞ୍ଚାୟତ ମାଧପୁର ଗ୍ରାମର ମହେଶ୍ୱର ଯେନା (୫୨) ନିଜ ଚାଷ ଜମି ନିକଟରେ ଥିବା ଏକ ଚାକୁଣ୍ଡା ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଆଜି ସକାଳୁ ସେ ଚାଷ ଜମିକୁ ଯାଇଥିଲେ। କିଛି ସମୟ ପରେ ସେ ଚାକୁଣ୍ଡା ଗଛରେ ଏକ ରଶିରେ ଝୁଲୁଥିବା ସ୍ଥାନୀୟ ଲୋକ ଦେଖି ପରିବାରକୁ ଖବର ଦେଇଥିଲେ। ପରିବାରଲୋକେ ପହଞ୍ଚି ଦେଖିବା ବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା।

ମହେଶ୍ୱର ଜଣେ ଅତ୍ୟନ୍ତ ଗରିବ ଚାଷୀ। ପରିବାର ପ୍ରତିପୋଷଣ ପାଇଁ ସେ ମୁଖ୍ୟତଃ ଡାଲୁଅ ଚାଷ ଉପରେ ନିର୍ଭର କରନ୍ତି। ଚାଷ କାର୍ଯ୍ୟ କରିବା ପାଇଁ ଗାଁ ମହାଜନଙ୍କ ନିକଟରୁ ହାତଉଧାରି କରି କିଛି ଟଙ୍କା ଆଣିଥିଲେ। ତେବେ ଚଳିତ ବର୍ଷ ଡାଲୁଅ ଧାନ ଚାଷରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ମହାଜନଠାରୁ ସୁଧକୁ ଆଣି କରିଥିବା ଚାଷ କାର୍ଯ୍ୟରେ କ୍ଷତି ହେବାରୁ ମହାଜନ ପଇସା କିପରି ଶୁଝିବେ, ଏହାକୁ ନେଇ ସେ କିଛିଦିନ ହେବ ଚିନ୍ତା ଗ୍ରସ୍ତ ଥିଲେ ଏବଂ ଏହି ଚାପରେ ସେ ଆତ୍ମହତ୍ୟା କରିଛନ୍ତି ବୋଲି ଗ୍ରାମବାସୀ କହିଛନ୍ତି। କିନ୍ତୁ ପରିବାରଲୋକଙ୍କ କହିବା କଥା, କେହି ଦୁର୍ବୃତ୍ତ ତାଙ୍କୁ ହତ୍ୟା କରିବା ପରେ ଆତ୍ମହତ୍ୟାର ରୂପ ଦେବା ପାଇଁ ଗଛରେ ଟାଙ୍ଗି ଦେଇଛନ୍ତି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ପରିବାର ପକ୍ଷରୁ କୌଣସି ଅଭିଯୋଗ ହୋଇନଥିଲା। ମଙ୍ଗଳପୁର ପୁଲିସ ଶବଟିକୁ ଜବତ କରିବା ସହ ୧୧/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ଜଣାପଡ଼ିଛି।

■ ଋଣ ଶୁଝିବାକୁ କମ୍ପାନୀ କର୍ମଚାରୀଙ୍କ ଧମକ

# ବିଷ ପିଇଦେଲେ ଚାଷୀ

ଟିଟିଲାଗଡ଼, ୧୫।୫ (ସମିସ): ଋଣ ପରିଶୋଧ କରି ନପାରି ଜଣେ ଚାଷୀ ବିଷ ପିଇଦେବା ଘଟଣା ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ବ୍ଲକ୍ ଅନ୍ତର୍ଗତ ସିଆଲଝୁଡୁଙ୍ଗି ଗ୍ରାମରେ ଆଲୋଡ଼ନ ସୃଷ୍ଟି କରିଛି। ଚାଷୀଜଣଙ୍କ ହେଲେ, ରାତ୍ର ଛତ୍ରିଆ। ଝିଅ ବାହାଘର ପାଇଁ ସେ ଏକ ଘରୋଇ କମ୍ପାନୀଠାରୁ ୩୫ହଜାର ଟଙ୍କା ଋଣ ଆଣିଥିଲେ। କିନ୍ତୁ, ଆର୍ଥିକ ଅନଟନରୁ ସେ ମାସିକିଆ କିସ୍ତି ପରିଶୋଧ କରିପାରୁନଥିଲେ। ଏନେଇ କମ୍ପାନୀ କର୍ତ୍ତୃପକ୍ଷ ତାଙ୍କୁ ଧମକଚମକ ଦେଇ ଆସୁଥିଲେ। ବୁଧବାର ଅପରାହ୍ଣରେ କମ୍ପାନୀର କିଛି କର୍ମଚାରୀ ତାଙ୍କ ଘରକୁ ଯାଇ ସମସ୍ତଙ୍କ ସାମ୍ନାରେ ଗାଳିଗୁଲଜ କରିବା ସହ ଶୀଘ୍ର ଋଣ ଶୁଝିବାକୁ ଧମକ ଦେଇଥିଲେ। ଏହା ରାତ୍ରଙ୍କୁ ଭୀଷଣ ବାଧିଥିଲା ଏବଂ ସେ ମାନସିକ ଭାରସାମ୍ୟ ହରାଇ ଗ୍ରାମବାସୀ ଏବଂ ନିଜ ଝିଅ, ପୁଅ, ପତ୍ନୀଙ୍କ ସମ୍ମୁଖରେ ବିଷ ପିଇ ଦେଇଥିଲେ। ଅବସ୍ଥା ଗୁରୁତର ହୋଇପଡ଼ିବାରୁ ପରିବାରଲୋକ ତାଙ୍କୁ ଟିଟିଲାଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଛନ୍ତି।

ଏ ସଂପର୍କରେ ରାତ୍ର କହିଛନ୍ତି ଯେ ୧୨ହଜାରରୁ ଉର୍ଦ୍ଧ୍ୱ ଟଙ୍କାଶୁଝି ସାରିଛି। ସବୁ ଟଙ୍କା ପରିଶୋଧ କରିବି। ହେଲେ ବାରମ୍ବାର ଘରକୁ ଯାଇ ଲୋକଙ୍କ



ସମ୍ମୁଖରେ ଗାଳିଗୁଲଜ, ମାର୍‌ପିଟ କରାଯାଉଥିବାରୁ ଲୋକଲଜ୍ଜାରେ ବିଷ ପିଇ ଦେଇଥିଲି। ଏ ସଂପର୍କରେ ଟିଟିଲାଗଡ଼ ଥାନା ଆଇଆଇସି କଲ୍ୟାଣୀ ବେହେରାଙ୍କୁ ଯୋଗାଯୋଗ କରିବାରୁ ଏ ସମ୍ପର୍କରେ ତଦନ୍ତ କରାଯିବ ବୋଲି କହିଛନ୍ତି।

## ଜଳେଶ୍ୱର ଏସ୍‌ଡିପିଓ ଆତ୍ମହତ୍ୟା ଧମକ ଦେବା ଘଟଣା

# ପୁଲିସ ବିଭାଗରେ ବିବାଦ ପଛରେ ବାଲି ବଟି !

ବାଲେଶ୍ୱର,୧୫।୫(ସମିସ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଏସଡିପିଓ ବ୍ରଜ ମୋହନ ପ୍ରଧାନଙ୍କ ଆତ୍ମହତ୍ୟା ଧମକ ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି । ତାହା ପୁଣି ଜିଲ୍ଲାର ଏସପି, ଜିଲ୍ଲାପାଳ ଓ ସାଂସଦଙ୍କ ବ୍ୟବହାର ଅସହ୍ୟ ହେବାରୁ ଜିଲ୍ଲାରେ ରହିବାକୁ ଚାହୁଁ ନାହାନ୍ତି ଏସଡିପିଓ। ଏସ୍‌ପିଙ୍କ ନିର୍ଯାତନା ସମ୍ପର୍କରେ ତଦନ୍ତ ପୁଲିସ ବିଭାଗ କେମିତି କରୁଛି ତାହା ଉପରେ ସଭିଙ୍କ ନଜର। ଉଭୟ ଅଭିଯୋଗକାରୀ ଓ ତଦନ୍ତକାରୀ ହେଉଛନ୍ତି ପୁଲିସ ଅଧିକାରୀ। ଏଣୁ ପ୍ରକୃତରେ ସତ କିଏ କହୁଛି, ମୂଳ ଘଟଣାର ତଦନ୍ତ ହେଲେ ପଦାକୁ ଆସିବ। ସ୍ଥାନୀୟ ଅଞ୍ଚଳବାସୀ ଓ ବୁଦ୍ଧିଜୀବୀଙ୍କ ପ୍ରତିକ୍ରିୟା ଏହି ଘଟଣାରେ ଆଣୁଛି ଭିନ୍ନ ଦିଗ ।

ସୁବର୍ଣ୍ଣରେଖାରୁ କୋଟି କୋଟି ଟଙ୍କାର ବାଲି ଚୋରି ଓ ଏଥିରୁ ଆସୁଥିବା ସିଂହଭାଗ କଳା ଟଙ୍କାର ଭାଗ ମାପ କନ୍ଦଳର ମୁଖ୍ୟ କାରଣ ସାଜିଲା କି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବାଲି ମାଫିଆଙ୍କୁ ସୁହାଇଲା ଭଳି ପରିବେଶ ସରକାର ସୃଷ୍ଟି କରି ଅଧିକାଂଶ ସୈରାତ ଲିଜ ଦେବାରେ ଟାଳଟୁଳ ନୀତିକୁ ଦାୟୀ କରାଯାଉଛି । ପୂର୍ବରୁ ସାରା ଓଡିଶାରେ ସର୍ବାଧିକ ରାଜସ୍ୱ ଦେଉଥିବା ଜଳେଶ୍ୱର ତହସିଲକୁ ଏଭଳି ମାଫିଆଙ୍କ ହାତରେ ଟେକି ଦେଇଛି କିଏ ? ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଥିବା ବେଳେ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନର ଭୂମିକା ସନ୍ଦେହ ଘେରରେ ରହିଛି । ଏହି ପ୍ରସଙ୍ଗ ଏବେ ଚର୍ଚ୍ଚାରେ ଥିବା ବେଳେ ବିଗତ ଏକ ବର୍ଷ ଧରି ଜଳେଶ୍ୱରରେ ଥିବା ପୁଲିସ ଅଧିକାରୀ, ଜିଲ୍ଲା ଖଣି ଅଧିକାରୀ ଓ ଅନ୍ୟ ଉଚ୍ଚପଦସ୍ଥ ଅଧିକାରୀଙ୍କ ଭୂମିକା, ମାଫିଆଙ୍କ ସହ ସମ୍ପର୍କ ଓ ନେଣଦେଣ ସମ୍ପର୍କରେ ଉଚ୍ଚସ୍ତରୀୟ ତଦନ୍ତ ହେଲେ ଉକ୍ତ ବିବାଦର ମୁଖ୍ୟ କାରଣ ଜଣାପଡିବ ବୋଲି ସାଧାରଣରେ ଦାବି

■ ସୁବର୍ଣ୍ଣରେଖା ବାଲି ଚୋରିର ଭାଗ ବଣ୍ଟା ସାଜିଲା କି ବିବାଦର କାରଣ ?
■ ଜିଲ୍ଲାରେ ରହିବାକୁ ଚାହୁଁ ନାହାନ୍ତି ଜଳେଶ୍ୱର ଏସ୍‌ଡିପିଓ

ହେଉଛି । ରାଜ୍ୟ ସରକାରଙ୍କ ଏଭଳି ଲକ୍ଷ୍ୟ ବିହିନ ନିଷ୍ପତ୍ତି ପଛରେ ରାଜନେତାଙ୍କ ସିଧାସଳଖ ଲିଙ୍କ୍ ଥିବା ସାମ୍ନାକୁ ଆସୁଛି । ଶାସକ ଦଳର ବଡ଼ ନେତାଙ୍କ ଠାରୁ ଜଳେଶ୍ୱରର ଛାମୁଆ ନେତା ଚୋରା ବାଲି, ମାଟି ଓ ମୋରମ କାରବାରରେ ସାମିଲ ଥିବା ଲୋକଲୋଚନକୁ ଆସୁଛି । ନିରପେକ୍ଷ ତଦନ୍ତ କରି ସତ୍ୟାସତ୍ୟ ସାମ୍ନାକୁ ଆସିବା ନିହାତି ଦରକାର ବୋଲି ଜଳେଶ୍ୱରବାସୀ ଦାବି କରୁଛନ୍ତି। ସେପଟେ ଜଳେଶ୍ୱର ଏସଡିପିଓଙ୍କୁ ଏସପିଙ୍କ ମାନସିକ ନିର୍ଯାତନା ଦେବା ଘଟଣା ଲୋକଲୋଚନକୁ ଆସିବା ପରେ ଜିଲ୍ଲାରେ ରହିବାକୁ ଚାହୁଁ ନଥିବା ବୋଲି କହିଛନ୍ତି ଏସଡିପିଓ। ଏସଡିପିଓ ଶ୍ରୀ ପ୍ରଧାନ କହିଛନ୍ତି, ଗତକାଲି ଡ଼ିଆଇଜି ସତ୍ୟଜିତ ନାୟକ ଆସି ସମସ୍ତ ବିଷୟ ବସ୍ତୁ ପଚାରିଥିଲେ। ଘଟଣା ବିଷୟରେ ସବୁ କିଛି ତାଙ୍କୁ ସେ ଜଣାଇଛନ୍ତି। ସେ ଆଉ ସମସ୍ତଙ୍କର ଶତ୍ରୁ ହେବାକୁ ଚାହୁଁନାହିଁ। ଯଦି ତାଙ୍କ ବିରୁଦ୍ଧରେ ଏସପି, ଜିଲାପାଳ ଓ ସାଂସଦ ରହିବେ, ସେ ଆଉ କାମ କରିବେ କେମିତି ? ଶୀଘ୍ର ଏ ଜିଲ୍ଲାରୁ ବିଦା କରିଦିଅନ୍ତୁ, ଏଠି ରହିବା ପାଇଁ ଯୋଗ୍ୟ ନୁହଁ ବୋଲି ଏସଡିପିଓ ଶ୍ରୀ ପ୍ରଧାନ କହିଛନ୍ତି। ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଭଳିଆ ଲୋକ ତାଙ୍କ ବିରୁଦ୍ଧରେ ଦୁର୍ନୀତି ଅଭିଯୋଗ କରୁଛନ୍ତି, ସେଥିପାଇଁ ଏଠି ରହିବା ଉଚିତ୍ ନୁହଁ। ଏଠି ଜିଲ୍ଲାଟା ଠିକ୍ ରେ ରହୁ, ଦୁର୍ନୀତି କମି ଯାଉ। ଏଠି ଆମ ଭଳିଆ ଲୋକ ରହୁଛନ୍ତି ବୋଲି ଏଠି ଦୁର୍ନୀତି ହେଉଛି ବୋଲି ଲୋକେ ଯଦି ଭାବୁଥିବେ, ଭାବନ୍ତୁ ମୁଁ ଏଠି ରହିବି ନାହିଁ । ମୁଁ ବଦଳି ପାଇଁ ମାଗିଛି, ବଦଳି ହେଲେ ପଳେଇ ଯିବି ବୋଲି ଏସଡିପିଓ ଶ୍ରୀ ପ୍ରଧାନ କୋହର ସହକାରେ କହିଛନ୍ତି । ଅନ୍ୟପଟେ ଏହି ଘଟଣାକୁ ନେଇ ସାଂସଦ ପ୍ରତାପ ଷଡ଼ଙ୍ଗୀ ଓ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏସଡିପିଓଙ୍କ ବାଲି ମାଫିଆ ପ୍ରତି କୋହଳ ମନୋଭାବ ନେଇ କାମ କରିଆସୁଥିଲେ ବୋଲି ଅଭିଯୋଗ ଆଣିଛନ୍ତି। ଅଭିଯୋଗ ଦାୟର କରିବାରେ ଏସଡିପିଓ ବିଳମ୍ବ କରୁଥିବାରୁ ତାଗିଦ କରାଯାଇଥିବା କହିଛନ୍ତି ବାଲେଶ୍ୱର ସାଂସଦ। ବାଲି ଚୋରି ଉପରେ ଅଙ୍କୁଶ ଲଗାଇବାକୁ କହିବାରୁ ଏସଡିପିଓଙ୍କ ଆତ୍ମହତ୍ୟାର ବ୍ଲାକମେଲିଂ କୌଶଳ ବୋଲି ସାଂସଦ କହିଛନ୍ତି। ସୁବର୍ଣ୍ଣରେଖାରୁ ବିଗତ କିଛି ଦିନ ଧରି ବ୍ୟାପକ ବାଲି ଚୋରା ଚାଲାଣ ଚାଲିଥିବା ନେଇ ସାଂସଦ ଖୋଲାଖୋଲି କହୁଥିବା ବେଳେ ଏହା ଉପରେ ଅଙ୍କୁଶ ଲଗାଇବା କାହାର ଦାୟିତ୍ୱ ସେନେଇ ସାଂସଦ ପ୍ରଶ୍ନ କରିବା, ସରକାରୀ କଳ କେମିତି ଚାଲିଛି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏସଡିପିଓ ନିର୍ଯାତନା ଘଟଣାର ଡ଼ିଆଇଜି ତଦନ୍ତ ପରେ ସବୁ ସତ୍ୟାସତ୍ୟ ସାମ୍ନାକୁ ଆସିବ ବୋଲି ଆଲୋଚନା ହେଉଥିବା ବେଳେ ସୁବର୍ଣ୍ଣରେଖା ନଦୀ ବାଲି ଚୋରା କାରବାରର ନିରପେକ୍ଷ ତଦନ୍ତ ନେଇ ବିଭିନ୍ନ ମହଲରେ ଦାବି ହେଉଛି।

# ଲୋଧା ଦମ୍ପତିଙ୍କ ମୃତଦେହ ଉଦ୍ଧାର

ବାରିପଦା, ୧୫।୫(ସମିସ): ମୟୂରଭଞ୍ଜ ଜିଲ୍ଲା ଝାରପୋଖରିଆ ଥାନା ଅଞ୍ଚଳରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି । ଭୁରକାଣି ପଞ୍ଚାୟତ ଅନ୍ତର୍ଗତ ରାୟବଣି ଗ୍ରାମର ଏକ ବନ୍ଦ ଘରୁ ଲୋଧା ଦମ୍ପତିଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ଦମ୍ପତି ହେଲେ, କାଳୀପଦ ଭକ୍ତା (୫୦) ଓ ତାଙ୍କ ପତ୍ନୀ ସୋମବାରୀ(୪୦) । ଘର ଭିତରେ ସୋମବାରୀଙ୍କ ରକ୍ତାକ୍ତ ମୃତଦେହ ପଡ଼ିଥିବା ବେଳେ କାଳୀପଦଙ୍କ ଶବ ଝୁଲୁଥିଲା । ଘର ଭିତରୁ ଏକ ରକ୍ତଲଗା ଶାବଳ ଜବତ ହୋଇଛି। ସ୍ତ୍ରୀକୁ ଶାବଳରେ ପିଟି ହତ୍ୟା କରିବା ପରେ କାଳୀପଦ ବେକରେ ରଶି ଦେଇ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ଖବର

ସ୍ତ୍ରୀକୁ ହତ୍ୟା କରି ଝୁଲିପଡ଼ିଲା ସ୍ୱାମୀ

ପାଇ ସାଇଣ୍ଟିଫିକ୍ ଟିମ୍ ସହ ଥାନାଧିକାରୀ ପ୍ରଭୁକଲ୍ୟାଣ ଆଚାର୍ଯ୍ୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ପୁଲିସ୍ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଦୁହିଁଙ୍କ ମୃତ୍ୟୁ ଉପରୁ ପରଦା ହଟିବ ବୋଲି ପୁଲିସ୍ ଆଶାବାଦୀ ରହିଛି।

# ଖାଦ୍ୟରେ ବିଷକ୍ରିୟା; ୨୦ ତୀର୍ଥଯାତ୍ରୀ ଅସୁସ୍ଥ

ସୋର, ୧୫।୫(ସମିସ): ଖାଦ୍ୟରେ ବିଷକ୍ରିୟା ଯୋଗୁଁ ୨୦ ତୀର୍ଥଯାତ୍ରୀ ଅସୁସ୍ଥ । ସମସ୍ତଙ୍କ ଘର ବେଙ୍ଗାଲୁରୁରେ। ସେମାନଙ୍କୁ ବାଲେଶ୍ୱର ଜିଲ୍ଲା ସୋର ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନାନୁଯାୟୀ, କର୍ଣ୍ଣାଟକର ବେଙ୍ଗାଲୁରୁ ସହରରୁ ୫୦ ଜଣ ଯାତ୍ରୀ ଏକ ବସ୍‌ରେ ଗତ ୨୬ ତାରିଖରେ ବିଭିନ୍ନ ତୀର୍ଥସ୍ଥାନ ପରିଭ୍ରମଣ ପାଇଁ ବାହାରିଥିଲେ। ୨୫ଦିନର ଏହି ଟୁର୍‌ରେ ଗୟାରୁ ପୁରୀ ଅଭିମୁଖେ ଯାଉଥିବା ବେଳେ ସୋର ନିକଟରେ ଗତକାଲି ରାତିରେ ଯାତ୍ରୀଙ୍କ ପାଇଁ ଭାତ, ତରକାରୀ ଓ ସାମ୍ବର୍ ରୋଷେଇ କରାଯାଇଥିଲା । ଖାଇବାର କିଛି ସମୟ ପରେ ୨୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଅସୁସ୍ଥ ହୋଇପଡ଼ିଥିଲେ। ସମସ୍ତଙ୍କର ଝାଡ଼ାବାନ୍ତି ହୋଇଥିଲା । ସମସ୍ତଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ଅପରାହ୍ଣରେ ଚାରିଜଣଙ୍କ ଅବସ୍ଥା ଉଦ୍‌ବେଗଜନକ ହେବାରୁ ସେମାନଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ରାଜ୍ୟ ବିପର୍ଯ୍ୟୟ ତାଲିକାରେ ଅଦିନିଆ ବର୍ଷା

## ଏସଡିଆର୍‌ଏଫ୍‌ରୁ ୧୦% ଅର୍ଥ ବିନିଯୋଗ ହୋଇପାରିବ

ଭୁବନେଶ୍ୱର,୧୫।୫(ସମିସ): ରାଜ୍ୟଭିତ୍ତିକ ବିପର୍ଯ୍ୟୟ ସୂଚୀରେ ଅଦିନିଆ ବର୍ଷାକୁ ସାମିଲ କରିଛନ୍ତି ରାଜ୍ୟ ସରକାର। ପୂର୍ବରୁ ଏନେଇ ନିଷ୍ପତ୍ତି ହୋଇଥିବା ବେଳେ ଏ ସଂକ୍ରାନ୍ତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ ଦେଇଛନ୍ତି। ଏହାଦ୍ୱାରା ଓଡ଼ିଶାର କୃଷକମାନେ ଅଦିନିଆ ବର୍ଷାରେ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି (ଏସ୍‌ଡିଆରଏଫ୍)ରୁ ସହାୟତା ପାଇ ପାରିବେ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଏସ୍‌ଡିଆର୍‌ଏଫ୍ ର ବାର୍ଷିକ ଆବଣ୍ଟନର ସର୍ବାଧିକ ୧୦ ପ୍ରତିଶତ ଅର୍ଥ ଏଥିପାଇଁ ବିନିଯୋଗ ହୋଇପାରିବ।

୨୦୨୪ ଡିସେମ୍ବର ମାସରେ ଅଦିନିଆ ବର୍ଷା ଯୋଗୁଁ ରାଜ୍ୟର ୨୨, ୭୯୧ ହେକ୍ଟର ଜମିରେ ଫସଲ ନଷ୍ଟ ହୋଇଥିଲା ଏବଂ ଏଥିରେ ରାଜ୍ୟର ପ୍ରାୟ ୬.୬୬ ଲକ୍ଷ ଚାଷୀ ପ୍ରଭାବିତ ହୋଇଥିଲେ।

ସୂଚନାଯୋଗ୍ୟ ଯେ, ରାଜ୍ୟରେ ପୂର୍ବରୁ ୮ଟି ବିପର୍ଯ୍ୟୟକୁ ରାଜ୍ୟଭିତ୍ତିକ ବିପର୍ଯ୍ୟୟ ଭାବେ ଘୋଷଣା କରାଯାଇଛି। ବଜ୍ରପାତ, ଗ୍ରୀଷ୍ମ ପ୍ରବାହ, ଘୂର୍ଣ୍ଣିଝଡ଼, ଟର୍ଣ୍ଣାଡୋ, ପ୍ରବଳ ବର୍ଷା ଏବଂ ବନ୍ୟା ନ ଥିବା ସମୟରେ ଡଙ୍ଗା ଦୁର୍ଘଟଣା, ପାଣିରେ ବୁଡ଼ି ମୃତ୍ୟୁ ଓ ସର୍ପାଘାତ ଭଳି ଘଟଣାକୁ ଏହି ତାଲିକାରେ ରଖାଯାଇଛି। ଏବେ ଏଥିରେ ଅଦିନିଆ ବର୍ଷା ଯୋଡ଼ି ହେବା ସହ ରାଜ୍ୟ ବିପର୍ଯ୍ୟ ସଂଖ୍ୟା ୯କୁ ବୃଦ୍ଧି ପାଇଛି। ଏହାବ୍ୟତୀତ କେନ୍ଦ୍ର ସରକାର ମଧ୍ୟ ୧୨ଟି ବିପର୍ଯ୍ୟୟ ପାଇଁ ସହାୟତା ପ୍ରଦାନ କରୁଛନ୍ତି।

# ବୃଦ୍ଧଙ୍କୁ ଦଳିଦେଲା ଦନ୍ତା

ଯୋଡ଼ା, ୧୫।୫(ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜ ବାମେବାରୀ ସେକ୍ସନର ଦବୁନା ଓଏମସି ଖଣି ନିକଟ ଜଙ୍ଗଲରେ ଏକ ଦନ୍ତାହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ପରିଚୟ ମିଳିନଥିବା ବେଳେ ତାଙ୍କୁ ପାଖାପାଖି ୭୦ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ତାଙ୍କ ଘର ଝାଡ଼ଖଣ୍ଡ ଅଞ୍ଚଳରେ। ବୃଦ୍ଧଜଣଙ୍କ କାଠ ବିକି ଜୀବିକା ନିର୍ବାହ କରନ୍ତି। ଆଜି ଦିନ ପ୍ରାୟ ୧୦ଟାରେ ସେ ଜଙ୍ଗଲକୁ କାଠ ଆଣିବାକୁ ଯାଇଥିବା ବେଳେ ଏକ ଗୋଠଛଡ଼ା ଦନ୍ତା ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ। ହାତୀଟି ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେବା ପରେ ତାଙ୍କ ଅଣ୍ଟା ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ସ୍ଥାନୀୟ ବନପାଳ ରାଜେନ୍ଦ୍ର ଜେନା ଘଟଣାସ୍ଥଳରୁ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ। ବନ ବିଭାଗର ଏତଲାକ୍ରମେ ବାମେବାରି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଆଇଆଇସି ଝସକେତନ ଭୋଇ କହିଛନ୍ତି।

## ବାଲିମାଫିଆଙ୍କ ଦୌରାତ୍ମ୍ୟ

# ଖଣି ଅଧିକାରୀଙ୍କୁ ଟ୍ରାକ୍ଟର ଚଢ଼ାଇ ହତ୍ୟା ଉଦ୍ୟମ

ଜଳେଶ୍ୱର ବ୍ଲକ, ୧୫।୫ (ସମିସ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍‌ରେ ବାଲି ମାଫିଆଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି । ସୁବର୍ଣ୍ଣରେଖା ନଦୀରୁ ବେଆଇନ ଭାବେ ଟ୍ରିପ୍ ଟ୍ରିପ୍ ବାଲିଚାଲାଣ କରୁଥିବା ବେଳେ ବାଧା ଦେଲେ ସେମାନେ ରକ୍ତମୁଖା ହୋଇଉଠୁଛନ୍ତି। ଏପରିକି, ସରକାରୀ ଅଧିକାରୀଙ୍କୁ ବି ଛାଡୁନାହାନ୍ତି। ଗତକାଲି ଜଣେ ଖଣି ଅଧିକାରୀଙ୍କୁ ସେମାନେ ଟ୍ରାକ୍ଟର୍ ଚଢ଼ାଇ ହତ୍ୟା ଉଦ୍ୟମ କରିଛନ୍ତି। ଏନେଇ ଜଳେଶ୍ୱର କନିଷ୍ଠ ଖଣି ଅଧିକାରୀ ଜିତେନ୍ଦ୍ର ଦାସ ଜଳେଶ୍ୱର ଥାନାରେ ଏତଲା ଦେବା ପରେ ପୁଲିସ୍ ତଦନ୍ତ ଆରମ୍ଭ କରିଛି।

ଜଳେଶ୍ୱର ଥାନାରେ ମାମଲା ରୁଜୁ

ସୂଚନାନୁଯାୟୀ, ଜଳେଶ୍ୱର ବ୍ଲକ୍ ଦେଇ ବୋହି ଯାଇଥିବା ସୁବର୍ଣ୍ଣରେଖା ନଦୀର ଓଲମରା ପଞ୍ଚାୟତ ରାଜନଗରଠାରୁ ଜଳେଶ୍ୱରର ବାଲିଆପୋଲ ମଧ୍ୟରେ ମାଫିଆମାନେ ଦିନରାତି ବାଲି ଲୁଟୁଛନ୍ତି । ଜିଲ୍ଲା ପ୍ରଶାସନ ତରଫରୁ ବେଆଇନ ବାଲି ଖାଦାନ ଉପରେ ଚଢ଼ଉ ପାଇଁ ନିର୍ଦ୍ଦେଶ ରହିଛି । ଏନେଇ ଜଳେଶ୍ୱର କନିଷ୍ଠ ଖଣିଅଧିକାରୀ ଜିତେନ୍ଦ୍ର ଦାସ ବେଆଇନ ବାଲି ଖାଦାନ ଉପରେ ଚଢ଼ଉ ସହ ବେଆଇନ ବାଲି ଉତ୍ତୋଳନ ହେଉଥିବା ନଦୀଆଡିକୁ ଜେସିବି ମାଧ୍ୟମରେ କାଟି ଦେଇଛନ୍ତି। ଫଳରେ ଜଳେଶ୍ୱର ଅଞ୍ଚଳରେ ବାଲି ମାଫିଆମାନେ ରକ୍ତମୁଖା ହୋଇଉଠିଛନ୍ତି। ବୁଧବାର ରାତି ପ୍ରାୟ ୧ଟାରେ କନିଷ୍ଠ ଖଣି ଅଧିକାରୀ ଶ୍ରୀ ଦାସ ଏବଂ କନଷ୍ଟେବଳ ଉମାକାନ୍ତ ସିଂ ଜଳେଶ୍ୱର ଅଞ୍ଚଳର ବେଆଇନ ବାଲି ଖାଦାନରେ ଚଢ଼ଉ ପାଇଁ ଯିବା ସମୟରେ ପଥରପୁରା ଅଞ୍ଚଳରେ ଜେଲ୍ ରୋଡ୍ ପାଖରେ ଏକ ବେଆଇନ ବାଲି ବୋଝେଇ ଟ୍ରାକ୍ଟରକୁ ଅଟକାଇବା ପାଇଁ ଉଦ୍ୟମ କରିଥିଲେ। ଏହି ସମୟରେ ଟ୍ରାକ୍ଟର୍‌ଟି ଖଣି ଅଧିକାରୀଙ୍କ ବଲେରୋ ଗାଡ଼ିକୁ ଧକ୍କା ଦେଇ ତାଙ୍କୁ ହତ୍ୟା କରିବାକୁ ଉଦ୍ୟମ କରିଥିଲା। କିନ୍ତୁ ସେଥିରେ ବିଫଳ ହେବାରୁ ଚାଳକଜଣଙ୍କ ଗାଡ଼ି ଛାଡ଼ି ଫେରାର୍ ହୋଇଯାଇଥିଲା। ଖବର ପାଇ ଜଳେଶ୍ୱର ଥାନା ପୁଲିସ ଏବଂ ଖଣି ଅଧିକାରୀ ନୀଳକଣ୍ଠ ପୃଷ୍ଟି ପହଞ୍ଚି ଉକ୍ତ ଟ୍ରାକ୍ଟରକୁ ଥାନାକୁ ନେଇଥିଲେ। ଏନେଇ ଖଣି ଅଧିକାରୀ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ୪ ହତ୍ୟାକାରୀଙ୍କୁ ଆଜୀବନ

ନୂଆପଡ଼ା, ୧୫।୫(ସମିସ): ଏକ ହତ୍ୟା ମାମଲାର ବିଚାର କରି ନୂଆପଡ଼ା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ସୁନୀଲ କୁମାର ଦାସ ଗୋଟିଏ ପରିବାରର ୪ଜଣଙ୍କୁ ଆଜୀବନ ଜେଲ୍ ଓ ୧୦ ହଜାର ଟଙ୍କା ଲେଖାଏଁ ଜରିମାନାରେ ଦଣ୍ଡିତ କରିଛନ୍ତି। ସେମାନେ ହେଲେ, ହୃଷୀ ଶବର (୬୦), ଛେତ୍ରୀ ଶବର(୫୫), ଭୁବନେଶ୍ୱର ଶବର(୫୫) ଓ ବିମଳା ଶବର (୪୦)। ୨୩ଜଣଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି କୋର୍ଟ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ସେହିପରି, ଏହି ଘଟଣାରେ ସଂପୃକ୍ତ ଜଣେ ଅଭିଯୁକ୍ତକୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ୨୦୧୭ ଜାନୁଆରୀ ୧୫ରେ ଲଖନା ଥାନା ଅନ୍ତର୍ଗତ ସିଲଡା ଗାଁରେ ଏହି ହତ୍ୟାକାଣ୍ଡ ଘଟିଥିଲା। ଗାଁର ଗୋକୁଳ ଶବରଙ୍କୁ ୫ଜଣ ଠେଙ୍ଗାରେ ଆକ୍ରମଣ କରିଥିଲେ। ଗୁରୁତର ଗୋକୁଳଙ୍କୁ ଜଣେ ମହିଳା ଦାଆରେ ଆକ୍ରମଣ ମଧ୍ୟ କରିଥିଲେ। ଏଥିରେ ଗୋକୁଳଙ୍କ ମୃତ୍ୟୁ ହୋଇଯାଇଥିଲା। ସରକାରଙ୍କ ପକ୍ଷରୁ ଏପିପି କାର୍ତ୍ତିକେଶ୍ୱର ମହାରଣା ଏହି ମାମଲା ପରିଚାଳନା କରୁଥିଲେ।

ଦାଆରେ କାଟି ମାରିଥିଲେ

# ୫ ବନ୍ୟଜନ୍ତୁ ଶିକାରୀ ଗିରଫ

କାମାକ୍ଷାନଗର, ୧୫।୫(ସମିସ): କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜ ବାଟଗାଁ-କଙ୍କଡାହାଡ଼ ରାସ୍ତାରେ ବନ୍ୟଜନ୍ତୁ ୫ ଶିକାରୀଙ୍କୁ କାବୁ କରିଛି ବନବିଭାଗ। ଏହାସହ ଘଟଣାସ୍ଥଳରୁ ୧୦ କେଜି ବାର୍‌ହା ମାଂସ, ଗୋଟିଏ ମଲା ଗୋଧି, ଗୋଟିଏ ସ୍କର୍ପିଓ ଏବଂ ଶିକାରରେ

## ବାର୍‌ହା ମାଂସ, ମଲା ଗୋଧି ଓ ସ୍କର୍ପିଓ ଜବତ

ବ୍ୟବହୃତ ଦୁଇଟି ବର୍ଚ୍ଛା ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ପୁରୁଯୋଡ଼ା ଗାଁର ଦିକୁଳ ମୁଣ୍ଡା, ବିକ୍ରମ ମୁଣ୍ଡା, ଭରତ ମୁଣ୍ଡା, ତୁରମ ମୁଣ୍ଡା ଓ ସରୋଜ ମୁଣ୍ଡା। ଶୁକ୍ରବାର ଏମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ରେଞ୍ଜର୍ କୈଳାସ ଚନ୍ଦ୍ର ସାହୁ ପ୍ରକାଶ କରିଛନ୍ତି। ଗୁରୁବାର ଭୋର୍‌ରେ ବନ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ବେଳେ ବାଟଗାଁ-କଙ୍କଡାହାଡ଼ ରାସ୍ତାରେ ଏକ ଧଳାରଙ୍ଗର ସ୍କର୍ପିଓ ଠିଆ ହୋଇଥିବା ଦେଖିବାକୁ ପାଇଥିଲେ। ସନ୍ଦେହ ହେବାରୁ କର୍ମଚାରୀମାନେ ସେଠାରେ ଅଟକି ଗାଡ଼ି ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ବେଳେ ସେଥିରୁ ବାରହା ମାଂସ ଓ ମଲା ଗୋଧି ଥିବା ଦେଖିବାକୁ ପାଇଥିଲେ। ଗାଡ଼ିରେ ଥିବା ୫ ଅଭିଯୁକ୍ତ ବନ କର୍ମଚାରୀଙ୍କୁ ଦେଖି ଫେରାର ହେବା ପାଇଁ ଚେଷ୍ଟା କରୁଥିବା ବେଳେ କର୍ମଚାରୀମାନେ ସେମାନଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ। ଅଭିଯୁକ୍ତମାନେ କାମାକ୍ଷାନଗର ପୂର୍ବାଞ୍ଚଳ ଜଙ୍ଗଲ ମଧ୍ୟରେ ବାରହା ଓ ଗୋଧି ଶିକାର କରି ଚୋରାରେ ମାଂସ ଓ ଚମଡ଼ା ବିକ୍ରି କରୁଥିଲେ ବୋଲି ବନବିଭାଗ ତଦନ୍ତରୁ ଜଣାପଡ଼ିଛି।

# ବଜ୍ରପାତ ନେଲା ୨ ଜୀବନ

ଡାବୁଗାଁ/ ପାଇକମାଳ, ୧୫।୫ (ସମିସ): ଗୁରୁବାର ବଜ୍ରପାତ ୨ଜଣଙ୍କ ଜୀବନ ନେଇଛି। ନବରଙ୍ଗପୁର ଓ ବରଗଡ଼ ଜିଲ୍ଲାରେ ଜଣେ ଲେଖାଏଁ ପ୍ରାଣ ହରାଇଥିବା ବେଳେ ୪ ଜଣ ଆହତ ହୋଇଛନ୍ତି। ମୃତକଦ୍ୱୟ ହେଲେ, ଡାବୁଗାଁ ବ୍ଲକ୍ ବୋରିଗାଁ ପଞ୍ଚାୟତ ଅଧୀନ ଡଙ୍ଗରିଗୁଡା ଗ୍ରାମର ଦଶାଇ ପନକା (୫୨) ଓ ପାଇକମାଳ ବ୍ଲକ୍ ବରତୁଣ୍ଡା ପଞ୍ଚାୟତ ପୁରେନା ଗାଁର ରଞ୍ଜିତ ଧରୁଆ(୮) । ଆଜି ଅପରାହ୍ଣରେ ଦଶାଇ ବୋରିଗାଁ ଛକରେ ବସରୁ ଓହ୍ଲାଇ ଚାଲିଚାଲି ଘରକୁ ଫେରୁଥିବା ବେଳେ ହଠାତ୍ ବର୍ଷା-ପବନ ସହ ବଜ୍ରପାତ ହୋଇଥିଲା। ଗୋଟିଏ ବଜ୍ର ତାଙ୍କ ଉପରେ ପଡ଼ିବାରୁ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେହିପରି କୋଇଲାରୀ ପଞ୍ଚାୟତ ଅଧୀନ ସରାଗୁଡା ଗ୍ରାମର ଲାଇବାନ ଭତ୍ରାଙ୍କ ଝିଅ ଓ ୨ ନାତି ଘରେ ଥିବା ବେଳେ ଘର ଉପରେ ବଜ୍ରପାତ ହୋଇଥିଲା। ଏଥିରେ ଲାଇବାନଙ୍କ ଝିଅ ରତନା ଭତ୍ରା(୧୫), ନାତି ରାଜେଶ ଭତ୍ରା (୬) ଓ ନିତେଶ ଭତ୍ରା (୩ ମାସ) ଆହତ ହୋଇଥିଲେ। ସେମାନଙ୍କୁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି।

ଅନ୍ୟ ଏକ ଘଟଣାକ୍ରମେ, ପାଇକମାଳ ବ୍ଲକ୍ ବରତୁଣ୍ଡା ପଞ୍ଚାୟତ ପୁରେନା ଗାଁର ଏକ ଜାମୁକୋଳି ଗଛ ମୂଳରେ ରଞ୍ଜିତ ଧରୁଆ(୮) ଓ ସୋନୁ ଓରଫ ପଙ୍କଜ ତନସନା (୧୧) ଖେଳୁଥିଲେ। ଏହି ସମୟରେ ଝଡ଼ବର୍ଷା ସାଙ୍ଗକୁ ବ୍ରଜପାତ ହୋଇଥିଲା। ଏଥିରେ ରଞ୍ଜିତଙ୍କ ମୃତ୍ୟୁ ଘଟିଥିବା ବେଳେ ସୋନୁ ଅଚେତ ହୋଇପଡ଼ିଥିଲା। ପରିବାର ଲୋକେ ଜାଣିବା ପରେ ରଞ୍ଜିତକୁ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ରଞ୍ଜିତର ମୃତ୍ୟୁ ହୋଇଯାଇଥିଲା। ଗୁରୁତର ସୋନୁକୁ ପାଇକମାଳ ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ରଞ୍ଜିତକୁ ହରାଇ ପରିବାର ବର୍ଗ ଭାଙ୍ଗି ପଡ଼ିଛନ୍ତି।

## ଜବରଦଖଲରେ ଦେବୋତ୍ତର ସମ୍ପତ୍ତି

# ମନ୍ଦିର ଆଗରେ ଦଣ୍ଡବତ ପଡ଼ି ସେବାୟତଙ୍କ ପ୍ରତିବାଦ



ବାରିପଦା,୧୫।୫(ସମିସ): ବାରମ୍ବାର କହି କହି ପ୍ରଶାସନ ଶୁଣିଲାନି। ଦୁଇ ଦୁଇଜଣ ଉପମୁଖ୍ୟମନ୍ତ୍ରୀ ବି ପ୍ରତିଶ୍ରୁତି ଦେଇ ଭୁଲିଗଲେ। ତେଣୁ, ଅନ୍ୟନ୍ୟୋପାୟ ହୋଇ ପ୍ରଭୁଙ୍କ ଶରଣ ପଶିଲେ ସେବାୟତ। ମନ୍ଦିର ଆଗରେ ଦଣ୍ଡବତ ପଡ଼ି ନିଜ ଜବରଦଖଲ ସମ୍ପତ୍ତି ନିଜେ ଉଦ୍ଧାର କରିବା ପାଇଁ ମହାପ୍ରଭୁଙ୍କୁ ଗୁହାରି କଲେ। ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଶ୍ରୀଶ୍ରୀହରିବଳଦେବଜୀଉ ମହାପ୍ରଭୁଙ୍କ ପୀଠରେ ୧୮ ସେବାୟତ ଆଜି

## ବାରମ୍ବାର ଅଭିଯୋଗ ପରେ ବି ଶୁଣୁନି ସରକାର

ଏପରି ନିଆରା ଢଙ୍ଗରେ ପ୍ରତିବାଦ କରିବା ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନାନୁଯାୟୀ, ମହାପ୍ରଭୁ ଶ୍ରୀଶ୍ରୀବଳଦେବଜୀଉଙ୍କ ସମେତ ଅନ୍ୟ ଦେବଦେବୀଙ୍କୁ ମିଶାଇ ଦେବୋତ୍ତର ବିଭାଗ ଅଧୀନରେ ଥିବା ୪୪ ହଜାର ୭୦୦ ଏକର ଜମିରୁ ପ୍ରାୟ ୪୦ହଜାର ଏକର ଜମି ବର୍ତ୍ତମାନ ଜବରଦଖଲରେ। ଏହି ଜମିଗୁଡ଼ିକୁ ଜବରଦଖଲମୁକ୍ତ କରିବା ପାଇଁ ସେବାୟତମାନେ ଦୀର୍ଘ ଦିନ ଧରି ଦାବି କରି ଆସୁଛନ୍ତି। କିଛି ଦିନ ତଳେ ସେବାୟତଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ୯ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ଖାଲି ସେତିକି ନୁହେଁ, ଗତ ରଥଯାତ୍ରା ସମୟରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବାରିପଦାକୁ ରଥ ଟାଣିବାକୁ ଆସିଥିବା ବେଳେ ସେବାୟତମାନେ ତାଙ୍କୁ ସାକ୍ଷାତ କରି ଏ ବାବଦରେ ଜଣାଇଥିଲେ। ସେତେବେଳେ ଶ୍ରୀମତୀ ପରିଡ଼ା ଦେବୋତ୍ତର ଜମି ଜବରଦଖଲମୁକ୍ତ ହେବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏଯାଏ ଫଳ ଶୂନ। ପରେ, ପୁଣି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏଯାଏ ସମସ୍ୟାର ସମାଧାନ ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ। ଏ ନେଇ ଗତବର୍ଷ ଅଗଷ୍ଟ ୨୮ ତାରିଖରେ ସେବାୟତମାନେ ବାରିପଦାରୁ ପଦଯାତ୍ରାରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ଭୁବନେଶ୍ୱର ଯାଇଥିଲେ। କିନ୍ତୁ ମୁଖ୍ୟମନ୍ତ୍ରୀ କି କୌଣସି ମନ୍ତ୍ରୀ ବା ଅଧିକାରୀ ଭେଟି ନ ଥିଲେ। ସେଠାରେ ସେବାୟତମାନେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଥିଲେ। ପରେ ସେମାନେ ବାରିପଦାରେ ସାଂସଦ ଓ ବିଧାୟକଙ୍କୁ ଭେଟିବାରୁ ସମାଧାନ ନେଇ ପ୍ରତିଶ୍ରୁତି ଦେବା ପରେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ଖାଲି ସେତିକି ନୁହେଁ, ଉଦଳା ଗସ୍ତ ବେଳେ ମଧ୍ୟ ସମସ୍ତେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଅଭିଯୋଗ ଜଣାଇଥିଲେ। ଏକ ମାସ ମଧ୍ୟରେ ସମସ୍ୟାର ସମାଧାନ ନେଇ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ। ତେଣୁ, ରାଜ୍ୟ ସରକାରଙ୍କ ବାରମ୍ବାର ମିଛ ପ୍ରତିଶ୍ରୁତି ପ୍ରତିବାଦରେ ଆଜି ଅସନ୍ତୁଷ୍ଟ ସେବାୟତମାନେ ଏପରି ଅଭିନବ ଉପାୟରେ ଆନ୍ଦୋଳନ କରିଛନ୍ତି।

ଏହି ଅବସରରେ ସେମାନେ ଦେବୋତ୍ତର ବିଭାଗର ସମସ୍ତ ଜବରଦଖଲ ଜମି ଓ ଠାକୁରଙ୍କ ଗହଣାର ପୁନରୁଦ୍ଧାର ସହ ନୂତନ ଗହଣା ନିର୍ମାଣ, ଠାକୁରଙ୍କ ନିତିନିୟମ ସଠିକ୍ ଭାବେ ପରିଚାଳନା, ରାଜ୍ୟର ଅନ୍ୟାନ୍ୟ ମନ୍ଦିର ସୌନ୍ଦର୍ଯ୍ୟକରଣ ପରି ଉକ୍ତ ମନ୍ଦିରକୁ ସୌନ୍ଦର୍ଯ୍ୟକରଣ କରିବା, ଠାକୁରଙ୍କ ଡ଼ଉଲ ଖାତା ସଂଶୋଧନ, ଦେବୋତ୍ତର ବିଭାଗ ପାଇଁ ସ୍ୱତନ୍ତ୍ର ଅଫିସର ନିଯୁକ୍ତ, ସେବାୟତଙ୍କ ପାଇଁ ଦୋକାନ ଗୃହ ପ୍ରଦାନ, ମାସିକ ଭତ୍ତା ବୃଦ୍ଧି, ମନ୍ଦିର ପାଇଁ ସ୍ୱତନ୍ତ୍ର ପୁଲିସ ଫାଣ୍ଡି ନିର୍ମାଣ ଆଦି ଦାବି କରିଛନ୍ତି। ଦାବି ପୂରଣ ନ ହେବା ଯାଏ ପ୍ରତିବାଦ କରିବେ ବୋଲି ସେବାୟତ ସଂଘର ରାଜ୍ୟ ସଭାପତି କାମେଶ୍ୱର ତ୍ରିପାଠୀ କହିଛନ୍ତି।

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
♦VOLUME- 42 ♦ISSUE-317 ♦BHUBANESWAR ♦FRIDAY ♦16 MAY 2025 ♦PAGE-12 ♦₹ 6.00
SAMBALPUR
♦ବର୍ଷ-୪୨ ♦ସଂଖ୍ୟା-୩୧୭ ♦ଭୁବନେଶ୍ୱର ♦ଶୁକ୍ରବାର ♦୧୬ ମେ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦

# ଆଜିଠୁ ବଢ଼ିବ କାଳବୈଶାଖୀ

## ଜାରି ରହିବ ଗୁଳୁଗୁଳି ସ୍ଥିତି

■ **ଭୁବନେଶ୍ୱର, ୧୫।୫ (ସମିସ):** ରାଜ୍ୟରେ ବଢ଼ିବ କାଳବୈଶାଖୀ ବର୍ଷାର ପ୍ରଭାବ । ଶୁକ୍ରବାରଠାରୁ ରାଜ୍ୟରେ କାଳବୈଶାଖୀ ସ୍ଥିତିରେ ବୃଦ୍ଧି ଘଟିବ । ଫଳରେ ରାଜ୍ୟର ଅଧିକାଂଶ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସାଙ୍ଗକୁ ବର୍ଷା ହେବ । ଯଦିଓ କାଳବୈଶାଖୀ ଯୋଗୁଁ ବିଭିନ୍ନ ସ୍ଥାନରେ ବର୍ଷା ହେବ, ମାତ୍ର ଦିନ ବେଳା ରାଜ୍ୟରେ ପୂର୍ବବତ୍ ଗୁଳୁଗୁଳି ଜାରି ରହିବ । ଏଥିପାଇଁ ବିଭିନ୍ନ ଜିଲ୍ଲାକୁ କାଳବୈଶାଖୀ ସହ ଗୁଳୁଗୁଳି ଜନିତ ୟେଲୋ ଆଲର୍ଟ ଜାରି ହୋଇଛି । ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ବର୍ତ୍ତମାନ ଏକ ଟ୍ରଫ୍ ଲାଇନ ଉପ-ହିମାଳୟ ପଶ୍ଚିମବଙ୍ଗ ଏବଂ ସିକିମରୁ ଦକ୍ଷିଣ-ପୂର୍ବ ମଧ୍ୟପ୍ରଦେଶ ପର୍ଯ୍ୟନ୍ତ ଉତ୍ତର ଛତିଶଗଡ଼ ଦେଇ ସମୁଦ୍ର ପତ୍ତନଠାରୁ ୦.୯ କିଲୋମିଟର ଉଚ୍ଚରେ ରହିଛି । ଫଳରେ ଅନେକ ସ୍ଥାନରେ କାଳବୈଶାଖୀ ଯୋଗୁଁ ଭାରି ବର୍ଷା ହେଉଛି । ବର୍ଷା ଯୋଗୁଁ ଉତ୍ତର ଆଭ୍ୟନ୍ତରୀଣ ଅଞ୍ଚଳରେ ସର୍ବାଧିକ ତାପମାତ୍ରା ପ୍ରାୟ ୪-୫ ଡିଗ୍ରୀ ସେଲସିୟସ୍ ହ୍ରାସ ହୋଇଥିବା ବେଳେ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର ଅନେକ ସ୍ଥାନରେ ଓ ଉତ୍ତର ▶ପୃଷ୍ଠା-୭

# ରାଷ୍ଟ୍ରମୁଖ୍ୟ-ନ୍ୟାୟମୁଖ୍ୟ ମୁହାଁମୁହିଁ

## ସୁପ୍ରିମକୋର୍ଟଙ୍କ କ୍ଷମତା ନେଇ ପ୍ରଶ୍ନ ଉଠାଇଲେ ରାଷ୍ଟ୍ରପତି



### ରାଷ୍ଟ୍ରପତିଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇପାରିବେ କି?

### ରାଜ୍ୟପାଳଙ୍କ ବିନା ସ୍ୱୀକୃତିରେ ବିଲ୍ ଆଇନରେ ପରିଣତ ହୋଇପାରିବ କି?

■ **ନୂଆଦିଲ୍ଲୀ, ୧୫।୫ (ଏଜେନ୍ସି):** ରାଜ୍ୟ ବିଧାନସଭା ଦ୍ୱାରା ଗୃହୀତ ବିଲକୁ ଅନୁମୋଦନ ଦେବାକୁ ନେଇ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ପାଇଁ ସୁପ୍ରିମ କୋର୍ଟ ଯେଉଁ ସମୟସୀମା ଧାର୍ଯ୍ୟ କରିଛନ୍ତି ତାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ରାଷ୍ଟ୍ରପତି । ସମ୍ବିଧାନରେ ଏଭଳି ବ୍ୟବସ୍ଥା ନଥିବା ବେଳେ ସୁପ୍ରିମ କୋର୍ଟ କେମିତି ସମୟ ଧାର୍ଯ୍ୟ କରିବେ? ତାମିଲନାଡୁ ସରକାର ବନାମ୍ ରାଜ୍ୟପାଳ ମାମଲାରେ ଗତ ଏପ୍ରିଲ ୮ ତାରିଖରେ ସୁପ୍ରିମକୋର୍ଟଙ୍କ ଏକ ଦୁଇ ଜଣିଆ ବେଞ୍ଚ ଦେଇଥିବା ଏସଂକ୍ରାନ୍ତ ଐତିହାସିକ ରାୟକୁ ନେଇ କେନ୍ଦ୍ର ସରକାର ଅଡୁଆରେ ପଡ଼ିଥିବା ବେଳେ ରାଷ୍ଟ୍ରପତିଙ୍କ ଏଭଳି ପ୍ରଶ୍ନ ବିଶେଷ ପରିସ୍ଥିତି ସୃଷ୍ଟି କରିଛି । ସମ୍ବିଧାନର ଧାରା ୧୪୩ ଅନୁଯାୟୀ ରାଷ୍ଟ୍ରପତି ଏସଂପର୍କରେ ସୁପ୍ରିମ କୋର୍ଟଙ୍କ ମତାମତ ଲୋଡ଼ିଛନ୍ତି । ଏଭଳି ଜଟିଳ ପ୍ରସଙ୍ଗ ଉପରେ ସୁପ୍ରିମ କୋର୍ଟଙ୍କ ମତାମତ ନେବା ଲାଗି ସମ୍ବିଧାନର ଧାରା ୧୪୩ ରାଷ୍ଟ୍ରପତିଙ୍କୁ କ୍ଷମତା ଦେଇଛି । ତେବେ ରାଷ୍ଟ୍ରପତିଙ୍କ ଏହି ପ୍ରଶ୍ନ ନବନିଯୁକ୍ତ ପ୍ରଧାନ ବିଚାରପତି ଜଷ୍ଟିସ ବିଆର୍ ଗଭାଇଙ୍କ ପାଇଁ ଚାଲେଞ୍ଜ ସୃଷ୍ଟି କରିଛି । ▶ପୃଷ୍ଠା-୭

### ୧୪ ପ୍ରଶ୍ନ ଉପରେ ମତାମତ ଲୋଡ଼ିଲେ

୧. ସମ୍ବିଧାନର ଧାରା ୨୦୦ ଅଧୀନ ରାଜ୍ୟପାଳଙ୍କ ପାଖକୁ ବିଲ୍ ଆସିଲେ, ରାଜ୍ୟପାଳଙ୍କ ପାଖରେ ସାମ୍ବିଧାନିକ ବିକଳ୍ପ କ'ଣ?
୨. ରାଜ୍ୟ ମନ୍ତ୍ରୀ ପରିଷଦର ପରାମର୍ଶ ଗ୍ରହଣ କରିବାକୁ ରାଜ୍ୟପାଳ ବାଧ କି ?
୩. ସମ୍ବିଧାନର ଧାରା ୨୦୦ରେ ରାଜ୍ୟପାଳଙ୍କୁ ମିଳିଥିବା ଇଚ୍ଛାଧୀନ କ୍ଷମତାର ଉପଯୋଗ ଯୁକ୍ତିଯୁକ୍ତ କି?
୪. ଧାରା ୨୦୦ ଅନୁଯାୟୀ ରାଜ୍ୟପାଳଙ୍କୁ ମିଳିଥିବା କ୍ଷମତାର ଧାରା ୩୬୧ ଅନୁଯାୟୀ ନ୍ୟାୟିକ ସମୀକ୍ଷା ହୋଇପାରିବ କି?
୫. ଭାରତୀୟ ସମ୍ବିଧାନର ଧାରା ୨୦୦ରେ ରାଜ୍ୟପାଳଙ୍କ ପାଇଁ କୌଣସି ସମୟସୀମା ଧାର୍ଯ୍ୟ କରାଯାଇ ନ ଥିବା ବେଳେ କୋର୍ଟ ସମୟ ଧାର୍ଯ୍ୟ କରିପାରିବେ କି?
୬. ସମ୍ବିଧାନର ଧାରା ୨୦୧ ଅନୁଯାୟୀ ରାଷ୍ଟ୍ରପତିଙ୍କୁ ମିଳିଥିବା ସାମ୍ବିଧାନିକ ଇଚ୍ଛାଧୀନ କ୍ଷମତା ଯୁକ୍ତିଯୁକ୍ତ କି ?
୭. ସମ୍ବିଧାନର ଧାରା ୨୦୧ରେ ରାଷ୍ଟ୍ରପତିଙ୍କୁ ଇଚ୍ଛାଧୀନ କ୍ଷମତା ମିଳିଛି । ବିଲ୍ ପାଇଁ ସମୟ ଧାର୍ଯ୍ୟ କରାଯାଇ ନ ଥିବା ବେଳେ କୋର୍ଟ ସମୟ ସୀମା ଧାର୍ଯ୍ୟ କରିପାରିବେ କି?
୮. ରାଜ୍ୟ ବିଧାନସଭାରେ ଅନୁମୋଦିତ ବିଲକୁ ସ୍ୱୀକୃତି ନଦେଇ ରାଷ୍ଟ୍ରପତିଙ୍କ ବିଚାର ପାଇଁ ରାଜ୍ୟପାଳ ସଂରକ୍ଷିତ ରଖିଲେ, ଏହା ଉପରେ ରାଷ୍ଟ୍ରପତି ସୁପ୍ରିମ କୋର୍ଟଙ୍କ ମତାମତ ନେବା ଜରୁରୀ କି ?
୯. ରାଷ୍ଟ୍ରପତି/ରାଜ୍ୟପାଳଙ୍କ ପାଖରେ ପଡ଼ି ରହିଥିବା ବିଲ ଉପରେ କୋର୍ଟ ରାୟ ଦେଇପାରିବେ କି ?
୧୦. ଧାରା ୧୪୨ରେ ରହିଥିବା ରାଷ୍ଟ୍ରପତି/ରାଜ୍ୟପାଳଙ୍କ ସାମ୍ବିଧାନିକ କ୍ଷମତାର ଅନ୍ୟ ବିକଳ୍ପ ଅଛି କି ?
୧୧. ରାଜ୍ୟପାଳଙ୍କ ବିନା ସ୍ୱୀକୃତିରେ ରାଜ୍ୟ ବିଧାନସଭାରେ ଗୃହୀତ ବିଲ୍ ଆଇନରେ ପରିଣତ ହୋଇପାରିବ କି ?
୧୨. ସମ୍ବିଧାନର ଧାରା ୧୪୫(୩) ପରିପ୍ରେକ୍ଷୀରେ କୌଣସି ଜଟିଳ ପ୍ରସଙ୍ଗରେ ସମ୍ବିଧାନର ବ୍ୟାଖ୍ୟା ପାଇଁ ବେଞ୍ଚରେ ବିଚାରପତି ସଂଖ୍ୟା ସର୍ବନିମ୍ନ ୫ ହେବା ଜରୁରୀ ନୁହେଁ କି ?
୧୩. ମତାମତ ଦେବାପାଇଁ ସମ୍ବିଧାନରେ ବ୍ୟବସ୍ଥା ଥିବା ବେଳେ ରାଷ୍ଟ୍ରପତିଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇପାରିବେ କି ?
୧୪. କେନ୍ଦ୍ର-ରାଜ୍ୟ ବିବାଦରେ ହସ୍ତକ୍ଷେପ ପାଇଁ ସମ୍ବିଧାନର ଧାରା ୧୩୧କୁ ଛାଡ଼ିଦେଲେ ସୁପ୍ରିମ କୋର୍ଟ ପାଖରେ ଅନ୍ୟ କୌଣସି କ୍ଷମତା ନାହିଁକି ?

# ବନ୍ଧୁ ପାଲଟିଲା ବଇରୀ

## ଭାରତ ପ୍ରତି ବଢୁଛି ଟ୍ରମ୍ପଙ୍କ ଅସୂୟା ମନୋଭାବ



ଭାରତରେ ପ୍ଲାଣ୍ଟ ନ ବସାଇବାକୁ ଆପଲ୍‌କୁ ନିର୍ଦ୍ଦେଶ

■ **ନୂଆଦିଲ୍ଲୀ, ୧୫।୫ (ଏଜେନ୍ସି):** ପହଲ୍‌ଗାମ୍ ଆତଙ୍କୀ ଆକ୍ରମଣ ଘଟଣା ଓ ଭାରତ–ପାକିସ୍ତାନ ଯୁଦ୍ଧ ପରିସ୍ଥିତି ବନ୍ଧୁ ବୋଲାଉଥିବା ଭାରତର ଶତ୍ରୁମାନଙ୍କ ମୁହଁରୁ ମୁଖା ଖୋଲି।।ଦେଇଛି ।ଏସୀୟଦେଶମଧ୍ୟରେଚୀନ ସହ ଭାରତର ମତାନ୍ତର ଓ ବିବାଦ ପୂର୍ବରୁ ଜଣାଶୁଣା ରହିଥିଲା, ମାତ୍ର ନିଜକୁ ଭାରତର ବନ୍ଧୁ କହୁଥିବା ଟ୍ରମ୍ପଙ୍କ ଭାରତ ବିରୋଧୀ ଭୂମିକା ଏବେ ସ୍ପଷ୍ଟ ହୋଇଛି । ଶୁଳ୍କ ନୀତିଠାରୁ ଆରମ୍ଭ କରି ଯୁଦ୍ଧ ବିରତିରେ ପାକିସ୍ତାନକୁ ସମର୍ଥନ କରିବା ପର୍ଯ୍ୟନ୍ତ ସବୁଠାରେ ଟ୍ରମ୍ପ୍ ପ୍ରଶାସନର ଭାରତ ପ୍ରତି ଅସୂୟା ମନୋଭାବ ସ୍ପଷ୍ଟ ଭାବେ ବାରି ହୋଇ ପଡ଼ିଛି । ଏବେ ଭାରତରେ ନିବେଶ ରୋକିବାକୁ ଟ୍ରମ୍ପ ▶ପୃଷ୍ଠା-୭

# ନିୟନ୍ତ୍ରଣରେ ନାହିଁ ପ୍ରଶାସନ
# ସରକାର ଅସହାୟ


## ମୋ ଭାଷଣ ଆସିଲେ ବିଡିଓ ଟିଭି ବନ୍ଦ କରି ଦେଉଛନ୍ତି: ମୁଖ୍ୟମନ୍ତ୍ରୀ

■ **ଭୁବନେଶ୍ୱର, ୧୫।୫ (ସମିସ):** ରାଜ୍ୟରେ ବିଜେପିର କଥିତ ଅସ୍ମିତା ସରକାରକୁ ବର୍ଷେ ପୂରିବାକୁ ଯାଉଛି । ମାତ୍ର ବର୍ଷକ ମଧ୍ୟରେ ସରକାରଙ୍କ ଉପଲବ୍ଧିକୁ ନେଇ ସାଧାରଣ ଲୋକ ଅନ୍ଧାରରେ । ସରକାରୀ ବ୍ୟବସ୍ଥା ଭୁଶୁଡ଼ି ଗଲାଣି, ତଳସ୍ତରରେ ସରକାରୀ କାର୍ଯ୍ୟାଳୟରେ ଶାସକ ଦଳର କୁଜି ନେତାମାନେ ମାମଲତି ଦେଖାଉଛନ୍ତି । ସରକାରୀ ଅଧିକାରୀ ଅଣନିଃଶ୍ୱାସୀ ହୋଇ ପଡ଼ିଲେଣି । ଏହି ସମୟରେ ଖୋଦ୍ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏକ ସରକାରୀ କାର୍ଯ୍ୟକ୍ରମରେ ତାଙ୍କ ଭାଷଣ ବିଡ଼ିଓ ବି ଶୁଣୁ ନାହାନ୍ତି ବୋଲି ଯେଉଁ ବିସ୍ଫୋରଣ କରିଛନ୍ତି; ତାହା ସରକାରରେ ରହିଥିବା ଦ୍ୱନ୍ଦ୍ୱ, ଦୁର୍ବଳତାକୁ ସ୍ପଷ୍ଟ କରି ଦେଇଛି । ଯଦିଓ ମୁଖ୍ୟମନ୍ତ୍ରୀ ସମ୍ପୃକ୍ତ



ବିଡ଼ିଓମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେଇଛନ୍ତି; ତାହା ରାଜନୈତିକ ସମୀକ୍ଷକଙ୍କୁ ସରକାରୀ ବ୍ୟବସ୍ଥାକୁ ନେଇ ପୁନର୍ବାର ଚିନ୍ତା କରିବାକୁ ବାଧ କରିଛି । ଅନ୍ୟପକ୍ଷରେ ବିଡିଓମାନଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଟିପ୍ପଣୀ ପ୍ରଶାସନିକସ୍ତରରେ ଚାଲିଥିବା ବିରାଟ ଅସଙ୍ଗତିକୁ ପଦାରେ ପକାଇ ଦେଇଛି । ରାଜ୍ୟ ପ୍ରଶାସନ ଯେ ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରିମଣ୍ଡଳର ନିୟନ୍ତ୍ରଣରେ ନାହିଁ, ତାହା ମୁଖ୍ୟମନ୍ତ୍ରୀଙ୍କ ଭାଷଣରୁ ଆପାତତଃ ସ୍ପଷ୍ଟ ହୋଇଛି ବୋଲି ମୁଖ୍ୟମନ୍ତ୍ରୀଙ୍କ ଭାଷଣ ପରେ ଚର୍ଚ୍ଚା ଜୋର୍ ଧରିଛି ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କିଛି ବିଡିଓ ମୁଖ୍ୟମନ୍ତ୍ରୀଙ୍କ ସହ ଭଲ ସମ୍ପର୍କ ରଖିନାହାନ୍ତି । ସେମାନେ ଭିଡିଓ କନଫରେନ୍ସରେ ମୋ ଭାଷଣ ଆସିଲେ ଟିଭି ବନ୍ଦ କରି ଲୋକଙ୍କୁ ବିଦା କରିଦେଉଛନ୍ତି । ଏହାର ପରିଣାମ କଣ ହେବ ତାହା ଆପଣମାନେ ଜାଣିଥିବେ । ▶ପୃଷ୍ଠା-୭






# ରାଗିଂ ଅଭିଯୋଗରେ ୩ ମାସ ପାଇଁ ଭିମସାର୍ ଛାତ୍ର ନିଲମ୍ବିତ

**ସମ୍ବଲପୁର, ୧୫।୫(ସମିସ)**

ଗତ ୭ ତାରିଖ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ (ଭିମସାର)ରେ ହୋଇଥିବା ରାଗିଂ ଘଟଣାରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ବରିଷ୍ଠ ଛାତ୍ରଙ୍କୁ ୩ ମାସ ପାଇଁ ତାଙ୍କ ଛାତ୍ରାବାସରୁ ନିଲମ୍ବିତ କରାଯାଇଛି। ଏହି ଅବଧି ମଧ୍ୟରେ ଭିମସାର୍‌ର କୌଣସି ଛାତ୍ରାବାସରେ ତାଙ୍କ ରହିବା ଉପରେ ନିଷେଧାଜ୍ଞା ଜାରି କରାଯାଇଛି। ଗୁରୁବାର ଅପରାହ୍ଣରେ ଭିମସାର୍ ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଣ୍ଟି ରାଗିଂ ସେଲ୍‌ଫ ବୈଠକରେ ପ୍ରଫେସର ଅଶୋକ ନାୟକ, ପ୍ରଫେସର ଜୟଶ୍ରୀ ଦୋରା, ପ୍ରଫେସର୍ ଏଲ୍.କେ ସିଂହ ସହିତ ସାମାଜିକ ସଂଗଠନ କର୍ମକର୍ତ୍ତା ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତିରେ ବରିଷ୍ଠ ଛାତ୍ରଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଡକାଯାଇଥିବା ସତ୍ତ୍ୱେ ସମ୍ପୃକ୍ତ ଛାତ୍ର ବା ତାଙ୍କ ଅଭିଭାବକ ଉପସ୍ଥିତ ନଥିଲେ। ସେମାନଙ୍କୁ ଏହି କାର୍ଯ୍ୟାନୁଷ୍ଠାନ ବିଷୟରେ ଭିମସାର କର୍ତ୍ତୃପକ୍ଷ ପତ୍ର ମାଧ୍ୟମରେ ସୂଚନା ଦେଇଥିବା ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟ ଯେ, ଗତ ୭ ତାରିଖ ରାତିରେ କନିଷ୍ଠ ଛାତ୍ର ଜଣକ ୭ ନମ୍ବର ଛାତ୍ରାବାସକୁ ରାତ୍ରିଭୋଜନ ପାଇଁ ଯାଇଥିଲେ। ସେଠାରୁ ସେ ଚାଲିଯାଉଥିବା ବେଳେ ବରିଷ୍ଠ ଛାତ୍ର ଜଣକ ତାଙ୍କୁ ଛୁରିରେ ଆକ୍ରମଣ ଉଦ୍ୟମ କରିଥିଲେ। ଏହି ଘଟଣାକୁ ନେଇ ଉକ୍ତ ରାତିରେ କନିଷ୍ଠ ଛାତ୍ରଙ୍କ ପକ୍ଷରୁ ଭିମସାର୍ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ପରଦିନ ୮ ତାରିଖରେ ତାଙ୍କ ପିତା ଭିମସାର୍‌କୁ ଯାଇ ଆଣ୍ଟି ରାଗିଂ ସେଲ୍‌ଫରେ ଲିଖିତ ଅଭିଯୋଗ କରାଯାଇଥିଲା। ଅଭିଯୋଗ ମିଳିବା ପରେ ଅଧ୍ୟକ୍ଷ ତଥା ଡିନ୍ ଡ. ମହାନ୍ତି ଏକ ଉପସମିତି ଗଠନ କରି ଘଟଣାର ତଦନ୍ତକରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ସମିତି ଉଭୟ କନିଷ୍ଠ ଛାତ୍ର ଓ ବରିଷ୍ଠ ଛାତ୍ରଙ୍କୁ ବ୍ୟକ୍ତିଗତ ଭାବେ ପଚରାଉଚୁରା କରି ରିପୋର୍ଟ ଦାଖଲ କରିଥିଲା। ଏହି ରିପୋର୍ଟ ଆଧାରରେ ଆଜି ଆଣ୍ଟି ରାଗିଂ ସେଲ୍‌ଫ ବୈଠକରେ ବରିଷ୍ଠ ଛାତ୍ରଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ତାଙ୍କୁ ୩ ମାସ ପାଇଁ ଛାତ୍ରାବାସରୁ ନିଲମ୍ବନ କରାଯାଇଥିବା ସୂଚନା ମିଳିଛି।

# କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ ଶିବିର ଉଦ୍‌ଯାପିତ

**ସମ୍ବଲପୁର, ୧୫।୫ (ସମିସ):** ମାରୱାଡ଼ି ଯୁବା ମଞ୍ଚ କ୍ଷେତରାଜପୁର, ନବଚେତନା, ସମ୍ବଲପୁର ଉଦୟ ଷ୍ଟାର୍ସ ଶାଖା ଏବଂ ବିଜୁ ମହାବୀର ଜୟପୁର ଫୁଟ୍ ସେଣ୍ଟର ଦ୍ୱାରା ଦୁଇଦିନିଆ ନିଃଶୁଳ୍କ କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ୭୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ଲାଭାନ୍ୱିତ ହୋଇଛନ୍ତି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉତ୍ତରଖଣ୍ଡ ଆଇଜି ହିମାଂଶୁ ଲାଲ ମୁଖ୍ୟଅତିଥି ଏବଂ ବିଜେପି ଉପାଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ନାଉରୀ ନାଏକ, ମାରୱାଡ଼ି ସମାଜ ପୂର୍ବତନ ପ୍ରାନ୍ତୀୟ ଅଧ୍ୟକ୍ଷ ଗୋବିନ୍ଦ ଅଗ୍ରୱାଲ, ମାରୱାଡ଼ି ଯୁବା ମଞ୍ଚ ପୂର୍ବତନ ପ୍ରାନ୍ତୀୟ ଅଧ୍ୟକ୍ଷ ପରାଗ ଅଗ୍ରୱାଲ, ପ୍ରାନ୍ତୀୟ ଉପାଧ୍ୟକ୍ଷ ଦେବାଶିଷ ଅଗ୍ରୱାଲ, ପୂର୍ବତନ ପ୍ରାନ୍ତୀୟ ଉପାଧ୍ୟକ୍ଷ ରାକେଶ ଅଗ୍ରୱାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମାରୱାଡ଼ି ଯୁବା ମଞ୍ଚ କ୍ଷେତରାଜପୁର ଅଧ୍ୟକ୍ଷ ସଚିନ ଅଗ୍ରୱାଲ, ନବଚେତନା ଅଧ୍ୟକ୍ଷ ରୀନା ଭାଲୋଟିଆ, ସମ୍ବଲପୁର ଉଦୟ ଷ୍ଟାର୍ସ ଅଧ୍ୟକ୍ଷ ଶିବନାରାୟଣ ଅଗ୍ରୱାଲ ଏବଂ କ୍ଷେତରାଜପୁର ଶାଖା ସଚିବ ଅନିଲ ତାୟଲ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ସଂଯୋଜକ ରିଷି ପୋଦ୍ଦାର ମଞ୍ଚ ସଞ୍ଚାଳନ କରିଥିଲେ। ମୁଖ୍ୟଅତିଥି ଆଇଜି ଶ୍ରୀ ଲାଲ ମାରୱାଡ଼ି ଯୁବା ମଞ୍ଚର ଏହି ଉଦ୍ୟମକୁ ପ୍ରଶଂସା କରିବାସହ ମାନବ ସେବା ହିଁ ମାଧବ ସେବା ବୋଲି କହିଥିଲେ। ଉଦ୍‌ଯାପନୀ ସମାରୋହରେ ଅଗ୍ରୱାଲ ସମ୍ମେଳନ ଅଧ୍ୟକ୍ଷ ଶଙ୍କରଲାଲ ଅଗ୍ରୱାଲ, ମାରୱାଡ଼ି ସମ୍ମେଳନର ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ ଅଗ୍ରୱାଲ, ମଙ୍ଗତୁରାମ କେଡ଼ିଆ, ଚନ୍ଦ୍ର କୁମାର ସରାଫ, ଜୟଦୟାଲ ଅଗ୍ରୱାଲ, ଗଣେଷ ପାଲିୱାଲ, ଅନୀତା ଅଗ୍ରୱାଲ, କିଶନ ଭାଲୋଟିଆ ବିବେକ କେଡ଼ିଆ, ଅମିତା ଭାଲୋଟିଆ ପ୍ରମୁଖ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।



## ଦ୍ୱିତୀୟ କାରଣ ଦର୍ଶାଅ ନୋଟିସ ବିନା ଚାକିରିରୁ ବାଧ୍ୟତାମୂଳକ ଅବସର ଆଦେଶ ଗ୍ରହଣୀୟ ନୁହେଁ : ହାଇକୋର୍ଟ

# ଭିସୁଟ ପ୍ରାଧ୍ୟାପକଙ୍କୁ ପୁନଃଅବସ୍ଥାପିତ କରିବା ପାଇଁ ନିର୍ଦ୍ଦେଶ

**କଟକ, ୧୫।୫(ସମିସ):** ଦ୍ୱିତୀୟ ଥର ପାଇଁ କାରଣ ଦର୍ଶାଅ ନୋଟିସ ଜାରି ନକରି ଚାକିରିରୁ ବାଧ୍ୟତାମୂଳକ ଅବସର ପ୍ରଦାନ ଆଦେଶ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏଭଳି କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ଆଦେଶ ପ୍ରଦାନ ବେଳେ ପ୍ରାକୃତିକ ନ୍ୟାୟର ନୀତିକୁ ଅନୁସରଣ କରାଯାଇନଥିବା ହାଇକୋର୍ଟ କହିଛନ୍ତି। ଏଥିସହ ଆବେଦନକାରୀଙ୍କ ବିରୋଧରେ ଗତ ୨୦୨୩ ଅକ୍ଟୋବର ୩ରେ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ) କର୍ତ୍ତୃପକ୍ଷ ପ୍ରଦାନ କରିଥିବା ବାଧ୍ୟତାମୂଳକ ଅବସର ପ୍ରଦାନ ଆଦେଶକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ଡ.ସସ୍ମିତା କୁମାରୀ ପାଢ଼ୀଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଅନ୍ୟପଟରେ ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ଆବେଦନକାରୀଙ୍କୁ ପୁନଃଅବସ୍ଥାପିତ କରିବା ସଂକ୍ରାନ୍ତରେ ଆଦେଶନାମା ଜାରି କରିବାକୁ ଭିସୁଟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ମାମଲାରୁ ପ୍ରକାଶ ଯେ ଆବେଦନକାରୀ ଭିସୁଟରେ କମ୍ପ୍ୟୁଟର ଆପ୍ଲିକେସନ ବିଭାଗର ଆସୋସିଏଟ ପ୍ରଫେସର ଭାବେ କାର୍ଯ୍ୟରତ ଥିଲେ। ତେବେ ଗତ ୨୦୨୨ ଜୁଲାଇ ୨୨ରେ ତାଙ୍କୁ ୩ବର୍ଷ ପାଇଁ ବିଭାଗର ଏଚଓଡି(ମୁଖ୍ୟ) ଦାୟିତ୍ୱ ନେବାକୁ ରେଜିଷ୍ଟ୍ରାରଙ୍କ ପକ୍ଷରୁ ଆଦେଶ ଜାରି ହୋଇଥିଲା। ତେବେ ଏଥିପୂର୍ବରୁ ବିଭାଗର ବିଭିନ୍ନ ଦସ୍ତାବିଜ ଓ ରେଜିଷ୍ଟର ଗୁଡିକୁ ନିୟମିତ ବା ଠିକ କରାଯାଉ ବୋଲି ସେ ଆବେଦନ କରିଥିଲେ। ହେଲେ ଏଥିପ୍ରତି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଧ୍ୟାନ ଦେଇନଥିବା ବେଳେ ସେ ମଧ୍ୟ କର୍ତ୍ତୃପକ୍ଷଙ୍କ ଆଦେଶ ପାଳନ ନକରିବା ସହ ଏଚଓଡି ଦାୟିତ୍ୱ ଗ୍ରହଣ କରିନଥିଲେ। ଏଣୁ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପ୍ରଥମ କାରଣ ଦର୍ଶାଅ ନୋଟିସର ସେ ଉତ୍ତର ଦେଇଥିଲେ ମଧ୍ୟ ସନ୍ତୋଷଜନକ ନୁହେଁ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ଦର୍ଶାଯାଇଥିଲା। ଏଥି ସହ ଗତ ୨୦୨୩ ଅକ୍ଟୋବର ୩ରେ ତାଙ୍କୁ ବାଧ୍ୟତାମୂଳକ ଅବସର ଆଦେଶ ଦିଆଯାଇଥିଲା। ଏହାକୁ ଚାଲେଞ୍ଜ କରି ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।




ଓଡ଼ିଆ ଦୈନିକ ଖବରକାଗଜ 'ସକାଳ' ସମ୍ବଲପୁର ଛାପା ସଂସ୍କରଣର ଚତୁର୍ଥ ସ୍ୱନକ୍ଷତ୍ର ଦିବସ ଅବସରରେ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ

ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ

ବିଜେଡି ରାଉରକେଲା ଜିଲ୍ଲା ସାଂଗଠନିକ ସଭାପତି, ବଣାଇ



ଓଡ଼ିଆ ଦୈନିକ ଖବରକାଗଜ 'ସକାଳ' ସମ୍ବଲପୁର ଛାପା ସଂସ୍କରଣର ଚତୁର୍ଥ ସ୍ୱନକ୍ଷତ୍ର ଦିବସ ଅବସରରେ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ

ପ୍ରତାପ କୁମାର ସାହୁ

ଫରେଷ୍ଟର ମହୁଲପଦା, ଜର୍ଡା ରେଞ୍ଜ, ବଣାଇ ବନଖଣ୍ଡ



ଓଡ଼ିଆ ଦୈନିକ ଖବରକାଗଜ 'ସକାଳ' ସମ୍ବଲପୁର ଛାପା ସଂସ୍କରଣର ଚତୁର୍ଥ ସ୍ୱନକ୍ଷତ୍ର ଦିବସ ଅବସରରେ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ

ରାଜୁ ପୃଷେଠ

ନିର୍ଦ୍ଦେଶକ ଗୌରୀ ନର୍ସିଂ କଲେଜ, ବଣାଇଗଡ (ମଧୁପୁର)



ଓଡ଼ିଆ ଦୈନିକ ଖବରକାଗଜ 'ସକାଳ' ସମ୍ବଲପୁର ଛାପା ସଂସ୍କରଣର ଚତୁର୍ଥ ସ୍ୱନକ୍ଷତ୍ର ଦିବସ ଅବସରରେ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ

ଅଭିନାଶ ବ୍ରହ୍ମ

ଯୁବମୋର୍ଚ୍ଚା ସଭାପତି

ଭାରତୀୟ ଜନତା ପାର୍ଟି, ବଣାଇ


## ପୂର୍ବତନ ସରପଞ୍ଚଙ୍କର ରସାୟନ ବିଜ୍ଞାନରେ ଡକ୍ଟରେଟ ଲାଭ



କଟଣୀ ବ୍ଲକ୍ ଅନ୍ତର୍ଗତ ... ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ଗବେଷିକା ମନସ୍ୱିନୀ ମିଶ୍ର, ଶିକ୍ଷା ଓ ଅନୁସନ୍ଧାନ ୟୁନିଭର୍ସିଟିରୁ ରସାୟନ ବିଜ୍ଞାନରେ ପି.ଏଚ୍.ଡି ଲାଭ କରିଛନ୍ତି। ... ମନସ୍ୱିନୀ ମିଶ୍ରଙ୍କ ସନ୍ଦର୍ଭ Physicochemical Studies of Ternary Mixtures of Extractants and Diluents ... ଶିକ୍ଷା ଓ ଅନୁସନ୍ଧାନ (ସୋଆ) ... IMMT ର ମୁଖ୍ୟ ବୈଜ୍ଞାନିକ ... ମନସ୍ୱିନୀ ମିଶ୍ରଙ୍କ ସ୍ୱାମୀ ... ବର୍ତ୍ତମାନ ସରପଞ୍ଚ ଅଛନ୍ତି।


SEWAK

Strengthening Rural & Tribal Communities

ସମାଜର ଅବହେଳିତ, ନିଷ୍ପେସିତ, ଗରିବ, ଅତି ଗରିବ, ଆଦିବାସୀ ତଥା ଜଙ୍ଗଲ ଉପରେ ନିର୍ଭରଶୀଳ ପରିବାରଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ତଥା ଏକ ଚିରସ୍ଥାୟୀ ଜୀବିକା ଯୋଗାଇବା ସଙ୍ଗେ ସଙ୍ଗେ ପ୍ରାକୃତିକ ସମ୍ବଳର ସୁପରିଚାଳନା ତଥା ଜଳ, ଜମି, ଜଙ୍ଗଲର ସୁରକ୍ଷା ନିମନ୍ତେ ସ୍ୱେଚ୍ଛାସେବୀ ଅନୁଷ୍ଠାନ "ସେବକ" ଦୀର୍ଘ ୨୯ ବର୍ଷ ଧରି କାର୍ଯ୍ୟରତ। ଆସନ୍ତୁ ସମସ୍ତେ ମିଳିମିଶି ଏକ ସୁସ୍ଥ, ସବୁଜ ଓ ସୁନ୍ଦର ସମାଜ ଗଠନ କରିବା।

"ସେବକ"
ରଙ୍ଗିଆମୁଣ୍ଡା, ସୁନ୍ଦରଗଡ
ମୋବାଇଲ - ୯୪୩୭୦୦୧୧୩୬
ୱେବସାଇଟ - www.sewak.org

JEETA

ଜିତା ଅନୁଷ୍ଠାନ ବିଗତ ୩୦ ବର୍ଷ ହେଲା ମହିଳା ଓ ଶିଶୁ ମାନଙ୍କ ଅଧିକାରର ଓ ସୁରକ୍ଷା ପାଇଁ କାର୍ଯ୍ୟ ରତ। ଗତ ୨୦୨୩ ମସିହା ରୁ ଜିତା ସୁନ୍ଦରଗଡ଼ ଜିଲ୍ଲାରେ ବାଲ୍ୟ ବିବାହ, ଶିଶୁ ଶ୍ରମିକ, ଶିଶୁ ଚାଲାଣ ଓ ଶିଶୁ ଯୌନଶୋଷଣ ରୋକିବା ପାଇଁ ଜଷ୍ଟ ରାଇଟ୍ସ ଫର୍ ଚିଲଡ୍ରେନ୍ସ ଆଲିଆନସ୍ ଓ ଜିଲ୍ଲା ପ୍ରଶାସନ ସହାୟତାରେ ସଚେତନତା କାର୍ଯ୍ୟକ୍ରମ ଜାରି ରଖିବା ସହିତ ବାଲ୍ୟ ବିବାହ ବନ୍ଦ୍ କରିବା ଓ ଆଗାମୀ ଦିନରେ ବାଲ୍ୟ ବିବାହ ନକରିବା ପାଇଁ ଶପଥଗ୍ରହଣ କରାଇବା, ଶିଶୁ ଶ୍ରମିକ ଏବଂ ଶିଶୁ ଚାଲାଣ କୁ ଚିହ୍ନଟ କରି ଜିଲ୍ଲା ପ୍ରଶାସନ ଓ ଶ୍ରମ ଅଧିକାରୀ ଙ୍କ ଗୋଚର କୁ ଉଦ୍ଧାର ପାଇଁ ଆଣିବା ସହିତ ଏଥିରେ ସହଯୋଗ ମଧ୍ୟ କରାଯାଇଛି। ଜିଲ୍ଲା ପ୍ରଶାସନ ସହାୟତାରେ ସୁରକ୍ଷା ଏବଂ ସହାୟତା ଦରକାର ଥିବା ଶିଶୁ ଙ୍କ ସୁରକ୍ଷା ପାଇଁ ଜିତା ଅନୁଷ୍ଠାନ ତାର ପ୍ରୟାସ ଜାରି ରଖିଛି ଓ ସୁନ୍ଦରଗଡ଼ ଜିଲ୍ଲା କୁ ଏକ ବାଲ୍ୟ ବିବାହ ମୁକ୍ତ, ଶିଶୁ ସୁଲଭ ଜିଲ୍ଲା କରିବା ପାଇଁ କାର୍ଯ୍ୟରତ।

ସୁନ୍ଦରଗଡ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, ସୁନ୍ଦରଗଡ –୭୭୦ ୦୦୧

The Bank that cares for Agriculture family of the District

- ଜିଲ୍ଲାର ମୋଟ କୃଷିଋଣର ପ୍ରାୟ ୮୦ ଭାଗ ଋଣ ଯୋଗାଇ ଜିଲ୍ଲା କୃଷି ଅର୍ଥନୀତି ସମୃଦ୍ଧ କରିବାର ଏହି ବ୍ୟାଙ୍କ ଏକ ଅଗ୍ରଣୀ ଭୂମିକା ନିର୍ବାହ କରିଆସୁଅଛି।
- ସ୍ୱଳ୍ପମିଆଦି କୃଷିଋଣକୁ ଠିକ୍ ସମୟରେ ପରିଶୋଧ କରୁଥିବା ଚାଷୀଭାଇ ମାନଙ୍କୁ ୧.୦୦ ଲକ୍ଷ ଟଙ୍କା ଋଣ ପର୍ଯ୍ୟନ୍ତ ୦%(ଶୂନ) ପ୍ରତିଶତ ଓ ୧.୦୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ୩.୦୦ ଲକ୍ଷ ଟଙ୍କା ଋଣ ପର୍ଯ୍ୟନ୍ତ ଶତକଡା (୨%) କେବଳ ମାତ୍ର ସୁଧ ଦେବାକୁ ପଡିଥାଏ। ସେହିଭଳି ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ଋଣ ପ୍ରଦାନ କ୍ଷେତ୍ରରେ ମଧ୍ୟ ଠିକ୍ ସମୟରେ ପରିଶୋଧ କରୁଥିବା ଗୋଷ୍ଠୀଙ୍କୁ ୧୦.୦୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତର ଋଣକୁ ସରକାରଙ୍କ ନୂତନ ନିୟମ ଅନୁସାରେ ବିନା ସୁଧରେ ପ୍ରଦାନ କରାଯାଉଅଛି।
- ସ୍ୱଳ୍ପମିଆଦି କୃଷିଋଣ ବ୍ୟତିତ ବିଭିନ୍ନ ମଧ୍ୟମ ଓ ଦୀର୍ଘ କାଳୀନ ଋଣ ଯଥା – କୃଷି ଯନ୍ତ୍ରପାତି ଓ ଉପକରଣ, ଗୋପାଳନ, ମତ୍ସ୍ୟଚାଷ, କୁକୁଡା ପାଳନ, କୂପଖନନ, ବତକ ପାଳନ, ଛେଳି ପାଳନ, କ୍ଷୁଦ୍ର ବ୍ୟବସାୟ, କ୍ଷୁଦ୍ର ଶିଳ୍ପ ଓ କାରିଗରୀ, ଗୃହ ନିର୍ମାଣ, ଉଦ୍ୟାନ କୃଷି, ଗାଡି ମଟର କ୍ରୟ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ଯୁଗ୍ମ ଦେୟ ଗୋଷ୍ଠୀମାନଙ୍କ ଆବଶ୍ୟକ ଅନୁସାରେ କୃଷି ଓ ଅଣକୃଷି କାର୍ଯ୍ୟପାଇଁ ଋଣ ପ୍ରଦାନର ବ୍ୟବସ୍ଥା।
- ସରକାରଙ୍କର ଯୋଜନା ମୁତାବକ ବିଜ୍ଞାପିତ ଫସଲ ପାଇଁ କୃଷିବୀମା କରାଯାଇଥାଏ।
- ଜମାକାରୀ ମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା (PMSBY) ଏବଂ ଜୀବନଜ୍ୟୋତି ବୀମା ଯୋଜନା (PMJBY) ର ପ୍ରଚଳନ।
- ସମସ୍ତ କିଷାନ କ୍ରେଡିଟ୍ କାର୍ଡ ଧାରୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଯୁଗ୍ମ ଦେୟ ଗୋଷ୍ଠୀର ସଭ୍ୟ / ସଭ୍ୟା ମାନଙ୍କ ପାଇଁ ୫.୦୦ ଲକ୍ଷ ଟଙ୍କାର ଦୁର୍ଘଟଣା ଜନିତ ବ୍ୟକ୍ତିଗତ ବୀମା ବ୍ୟବସ୍ଥା।
- ସମସ୍ତ ସଂଚୟ (Savings) ଖାତା ଜମାକାରୀ ତାଙ୍କର ହାରାହାରି ମାସିକ ଜମାରାଶି ଟ ୧୦,୦୦୦/- କିମ୍ବା ତଦୂର୍ଦ୍ଧ ଥିଲେ ଟ ୫.୦୦ ଲକ୍ଷ ପର୍ଯ୍ୟନ୍ତ ଦୁର୍ଘଟଣା ଜନିତ ମୃତ୍ୟୁ ପାଇଁ ବିନା ମୂଲ୍ୟରେ ଉପଲବ୍ଧ କରିପାରିବେ।
- ମଧ୍ୟମ ଓ ଦୀର୍ଘ କାଳୀନ କୃଷି ତଥା ଆନୁସଙ୍ଗିକ କୃଷି ଋଣ ପାଇଁ ଉପଭୋକ୍ତାଙ୍କୁ ସୁଧରେ ରିହାତି ପ୍ରଦାନ କରାଯାଇଥାଏ।
- ବ୍ୟାଙ୍କର IFSCODE-ORCB0SUN001
- IMPS, NEFT, RTGS, AEPS, PoS, CTS Clearing ସମେତ ATM ଓ RuPay କାର୍ଡ ମାଧ୍ୟମରେ ଉନ୍ନତ ବ୍ୟାଙ୍କିଙ୍ଗ ସେବା ଦିଆଯାଏ ଏବଂ ସମିତି ମାନଙ୍କରେ Micro ATM ମାଧ୍ୟମରେ କୃଷକ ମାନଙ୍କ ପାଇଁ ଟଙ୍କା ଉଠାଣ କରିବାର ସୁବିଧା ଉପଲବ୍ଧ ଅଛି।

ସବିଶେଷ ବିବରଣୀ ପାଇଁ ନିକଟସ୍ଥ ଶାଖା ବ୍ୟାଙ୍କ ତଥା ଲ୍ୟାମ୍‌ପସ୍ ସହିତ ଯୋଗାଯୋଗ କରନ୍ତୁ।

ଶ୍ରୀ ରବିନ୍ଦ୍ର ନାଥ କାଲୁଣ୍ଡିଆ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ | ପରିଚାଳନା ପରିଷଦ | ଡ. ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ସଭାପତି

ଶ୍ରୀମତି କାମିନୀ ମହାପାତ୍ର, ଶ୍ରୀ ପର୍ଶୁରାମ ସାହୁ, ଶ୍ରୀ ଆଲୋକ ପ୍ରକାଶ ପଟେଲ, ଶ୍ରୀମତି ବାସନ୍ତୀ ସାମନ୍ତ, ଶ୍ରୀ ଫଂଟା ବାର୍ଲା, ଶ୍ରୀ ଜଟିଆ ମୁଣ୍ଡା, ଅବଦୁଲ ସଇଦ, ଶ୍ରୀମତି ସୁଷମା ସରୋଜିନୀ ଟେଟେ, ଶ୍ରୀ ଅମିତ ଲାକ୍ରା, ଶ୍ରୀ ମହେଶ ନାଗ, ଶ୍ରୀମତି ଲକ୍ଷ୍ମୀ ମହାନନ୍ଦ, ଶ୍ରୀ ସୁଧୀର ରଂଜନ ପଟେଲ, କୁମାରୀ ସନ୍ଧ୍ୟାରାଣୀ ନାଏକ, ଶ୍ରୀ ମନୋରଂଜନ ଦାଶ


## ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ସୁନ୍ଦରଗଡ

### ଗ୍ରୀଷ୍ମ ଛୁଟିରେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ଗ୍ରୀଷ୍ମକାଳୀନ ଶିକ୍ଷା କାର୍ଯ୍ୟକ୍ରମ

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଏକାଡେମିକ୍ କ୍ୟାଲେଣ୍ଡର ଅନୁଯାୟୀ, ଆସନ୍ତା ଜୁନ୍ ୧୯ ତାରିଖ ପର୍ଯ୍ୟନ୍ତ ଖରା ଛୁଟି ହେବ। ଏହି ଖରା ଛୁଟି ସମୟକୁ ଛାତ୍ରଛାତ୍ରୀମାନେ କିପରି ସଦୁପଯୋଗ କରିବେ, ଓସେପାର ପତ୍ର ସଂଖ୍ୟା ୪୮୩୩ ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଛି। ଏହି ଛୁଟିରେ ସମସ୍ତ ଶିକ୍ଷଣ କାର୍ଯ୍ୟକ୍ରମକୁ ନିରନ୍ତର ଭାବରେ କାର୍ଯ୍ୟକାରୀ କରାଯିବ। ଛାତ୍ରଛାତ୍ରୀମାନେ ଛୁଟି ଉପଭୋଗ କରିବା ସହିତ ପାଠ୍ୟକ୍ରମ ସହ ମଧ୍ୟ ସଂପୃକ୍ତ ରହିବେ। ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ନେଇ ହ୍ୱାଟସଆପ୍ ଗ୍ରୁପ ଗଠନ କରି ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଶିକ୍ଷା ଦାନ କରିବେ। ମୌଳିକ ଜ୍ଞାନ ଆଧାରିତ ଗୃହକାର୍ଯ୍ୟ, ବର୍ଣ୍ଣ ବୋଧ ପଠନ, ମାତ୍ରା ଶିଖିବାର କୌଶଳ, ମୌଖିକ ଭାଷାର ବିକାଶ ଇତ୍ୟାଦିକୁ ଗୁରୁତ୍ୱ ପ୍ରଦାନ କରାଯିବ। ଅଭିଭାବକମାନଙ୍କୁ ମଧ୍ୟ ଶିକ୍ଷକ ହ୍ୱାଟସଆପ୍ ମାଧ୍ୟମରେ ଭିଡିଓ ଆଧାରିତ ଶିକ୍ଷଣ କାର୍ଯ୍ୟ ପଠାଇବେ। ଯଦି କୌଣସି ଅଭିଭାବକଙ୍କର ମୋବାଇଲ ଫୋନ୍ ନ ଥିବ, ସେମାନେ ପଡୋଶୀଙ୍କ ସହ ଯୋଗାଯୋଗ କରି ଫୋନ୍ ରେ ଆସୁଥିବା ଶିକ୍ଷଣ କାର୍ଯ୍ୟକୁ ପିଲାମାନଙ୍କୁ ପ୍ରଦାନ କରିବା ସହିତ ତାହାର ସମୟାନୁଯାୟୀ ତଦାରଖ ମଧ୍ୟ କରିବେ। ଆବଶ୍ୟକ ସ୍ଥଳେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଯୋଗାଯୋଗ କରିବେ। ଖରାଛୁଟିରେ ପିଲାମାନେ କରିଥିବା ଶିକ୍ଷଣ କାର୍ଯ୍ୟକୁ ବିଦ୍ୟାଳୟ ଖୋଲିଲେ ଶିକ୍ଷକଙ୍କ ନିକଟରେ ଦାଖଲ କରିବେ। ସମ୍ପୃକ୍ତ କାର୍ଯ୍ୟକ୍ରମକୁ ଉପରିସ୍ଥ ଅଧିକାରୀମାନେ ସମ୍ପୂର୍ଣ୍ଣ ତଦାରଖ କରିବେ।

-ସ୍ୱା-

ଜିଲ୍ଲା ଶିକ୍ଷା ଅଧିକାରୀ-ତଥା- ଜିଲ୍ଲା ପ୍ରକଳ୍ପ ସଂଯୋଜକ

ସମଗ୍ର ଶିକ୍ଷା, ସୁନ୍ଦରଗଡ଼

ରାଜ୍ୟରେ ଜନଜାତି ମାନଙ୍କର ବିକାଶ ତଥା ଜନଜାତି ସମ୍ପ୍ରଦାୟର ଜୀବିକାରେ ଉନ୍ନତି ଆଣିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର "ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ" କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଆଦିବାସୀ କୃଷକ ଏବଂ ସେମାନଙ୍କର ଅନୁଷ୍ଠାନ ଗୁଡିକ ସହ ଓତଃପ୍ରୋତ ଭାବେ କାର୍ଯ୍ୟକରି, ସେମାନଙ୍କୁ କୃଷି ଓ ଅଣକୃଷି କାର୍ଯ୍ୟକ୍ରମରେ ନିୟୋଜିତ କରି ଆୟବୃଦ୍ଧି କରିବା ଏହାର ମୂଳ ଲକ୍ଷ୍ୟ।

ସୁନ୍ଦରଗଡ ଆଦିବାସୀ ଉନ୍ନୟନ ସଂସ୍ଥା ଅଧୀନରେ ୯ ଟି ବ୍ଲକରେ ୪୧ ଟି ଜନଜାତି ଜୀବିକା ପରିଷଦ ଗଠନ କରାଯାଇ ଆଦିବାସୀ ହିତାଧିକାରୀଙ୍କୁ ବିଭିନ୍ନ ପ୍ରକାରର ବିହନ ଯଥା- ଆଳୁ, ପିଆଜ, ଲଙ୍କା, ବିଲାତି-ବାଇଗଣ, ବାଇଗଣ, ଫୁଲକୋବି,





ସୋରିଷ, ଭେଣ୍ଡି, କଲରା, ମକା, ମଧୁର ମକା, ଶିମିଲା ଲଙ୍କା, ତରଭୁଜ, ମଟର ଚଣା, ବାଦାମ, ବିରି ଓ କୋଳଥ ଚାଷ କରିବାପାଇଁ ଦିଆଯାଇଛି। ବିହନସାଥିରେ ଜୈବିକସାର, ଅଣୁସାର, ବିଶୋଧକ (ଟ୍ରାଇକୋଡେର୍ମା) ଓ କୀଟନାଶକ ଭାବରେ ନିମ୍ବତେଲ ଦିଆଯାଇଛି। ଚାଷୀମାନେ ଏହି ବିହନ ସବୁ ବିନା ମୂଲ୍ୟରେ ପାଇ ଉତ୍ପାଦିତ ଫସଲକୁ ବିକ୍ରିକରି ତାଙ୍କର ଆର୍ଥିକ ସ୍ଥିତି ସୁଦୃଢ କରିପାରୁଛନ୍ତି। ୪୧ ଟି ପରିଷଦ ୪୧ ଗୋଟି ଜନଜାତି ସାଥି ଓ ୧୧୬ ଗୋଟି ଯୁବ ଲଘୁ ଉଦ୍ୟୋଗୀ ଚୟନ କରାଯାଇଛି। ସେଥିମଧ୍ୟରୁ ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ ୧୧୬ ଜଣଙ୍କୁ, ଜଣକୁ ୧୦୦୦୦୦ ଲକ୍ଷ ଟଙ୍କା ହିସାବରେ ୧୧୬୦୦୦୦୦ ଲକ୍ଷ ଟଙ୍କା ବିଭିନ୍ନ ଲଘୁ ଉଦ୍ୟୋଗ ସ୍ଥାପନ ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଅଛି।









# ଶୀତଳ ଷଷ୍ଠୀ ଯାତ୍ରା ପାଇଁ ସମୀକ୍ଷା

**ବରଗଡ଼, ୧୫।୫(ସମିସ):**



- ବରପାଲି ଯାତ୍ରାକୁ ଆସିବେ ମୁଖ୍ୟମନ୍ତ୍ରୀ
- ଶ୍ରଦ୍ଧାଳୁଙ୍କ ପାଇଁ ଡ୍ରୋନରୁ ହେବ ପାଣି ସିଞ୍ଚନ

ଶୀତଳଷଷ୍ଠୀ ମହୋତ୍ସବକୁ ଆଉ ଅଳ୍ପଦିନ ବାକିଥିବା ବେଳେ ପ୍ରଶାସନ ତଥା ଜନପ୍ରତିନିଧିଙ୍କ ଉତ୍ସାହ ଯୋଗୁଁ ନିୟମିତ ଭାବେ ସମୀକ୍ଷା ବୈଠକ ଅନୁଷ୍ଠିତ ହେଉଛି। ଏବର୍ଷ ବରଗଡ଼ ଜିଲ୍ଲା ବରପାଲି ଶୀତଳଷଷ୍ଠୀ ମହୋତ୍ସବ ୧୪୮ ବର୍ଷରେ ପଦାର୍ପଣ କରୁଛି। ବିଧାୟକ ସନତ ଗଡ଼ତିଆ, ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ମହୋତ୍ସବ କମିଟିର ଯୋଗାଯୋଗରେ ରହି କାର୍ଯ୍ୟ ଗୁଡ଼ିକର ତର୍ଜମା କରୁଛନ୍ତି। ଅନେକ ବିଶିଷ୍ଟ ବ୍ୟକ୍ତି, ରାଜନେତା ଅତିଥି ହୋଇ ଆସିବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀ ମଧ୍ୟ ନିମନ୍ତ୍ରଣ ପରେ ବରପାଲି ଆସିବା ନେଇ କମିଟିକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ସେହିପରି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ କନକବର୍ଦ୍ଧନ ସିଂହଦେଓ, ଯୋଗାଣ ମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ ପରିବହନ ମନ୍ତ୍ରୀ, ସ୍ୱାସ୍ଥ୍ୟ ମନ୍ତ୍ରୀ, ସଂସ୍କୃତି ମନ୍ତ୍ରୀ କପିଳେଶ୍ୱର ବାବାଙ୍କ ବିବାହ ଉତ୍ସବରେ ଆସୁଥିବା ସୂଚନା ରହିଛି। ବରପାଲି ତହସିଲ କାର୍ଯ୍ୟାଳୟ ପରିସରରେ ଗୁରୁବାର ସନ୍ଧ୍ୟାରେ ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସରକାରଙ୍କ ଆଗ୍ରହ ଯୋଗୁଁ ଯାତ୍ରା ଆହୁରି ଭବ୍ୟ ହେବ ବୋଲି ଆଶା କରାଯାଉଛି। ବୈଠକରେ ବରପାଲି ତହସିଲଦାର ଥାନାଧିକାରୀ, ଶୀତଳଷଷ୍ଠୀ କମିଟି ସଭାପତି ଆନନ୍ଦ ବାବୁ, ସମ୍ପାଦକ ଜୟନ୍ତ ତ୍ରିପାଠୀ ତଥା ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଯାତ୍ରା ସମୟରେ ସହର ସଫେଇ ସାଙ୍ଗକୁ ପିଇବା ପାଣି, ଆଲୋକିକରଣ, ଟ୍ରାଫିକ ସମସ୍ୟା, ଶାନ୍ତି ଶୃଙ୍ଖଳା ରକ୍ଷା ଉପରେ ଆଲୋଚନା ହୋଇଥିଲା। ପ୍ରଥମଥର ପାଇଁ ପ୍ରବଳ ଗରମରୁ ଶ୍ରଦ୍ଧାଳୁଙ୍କୁ ଆଶ୍ୱସ୍ତି ଦେବାପାଇଁ ଡ୍ରୋନ ଯୋଗେ ପାଣି ସିଞ୍ଚନ ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ସେହିପରି ପ୍ରବଳ ଜନସମାଗମ ଦୃଷ୍ଟିରୁ ବସ ସେବା ପ୍ରତ୍ୟେକ ଅଞ୍ଚଳକୁ କରାଇବା ପାଇଁ ଯାତ୍ରା କମିଟି ପକ୍ଷରୁ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ନିକଟରେ ଦାବି କରାଯିବ ବୋଲି ସୂଚନା ମିଳିଛି।

## ବନ ଓ ଶକ୍ତି ବିଭାଗର ମିଳିତ ସଚେତନତା କାର୍ଯ୍ୟକ୍ରମ

**ଭଟଲି, ୧୫।୫(ସମିସ):** ବନ ବିଭାଗ ଓ ଶକ୍ତି ବିଭାଗ ମିଳିତ ଆନୁକୂଲ୍ୟରେ ହାତୀ ଓ ଅନ୍ୟ ବନ୍ୟପ୍ରାଣୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଭଟଲି ବ୍ଲକ ଅଧୀନ ନଳୀଚୁଆଁ ଗାଁରେ ଅନୁଷ୍ଠିତ ହୋଇଛି। ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ନିର୍ଦ୍ଦେଶକ୍ରମେ ବରଗଡ଼ ବନଖଣ୍ଡ ଏବଂ ଟାଟା ପାୱାର ପଶ୍ଚିମ ଓଡ଼ିଶା ବିତରଣ ଲିମିଟେଡର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ସଚେତନତା ରଥକୁ ଭଟଲି ବନାଞ୍ଚଳଙ୍କ କାର୍ଯ୍ୟାଳୟରେ ଜିଲ୍ଲା ବନଖଣ୍ଡ ଅଧିକାରୀ ବିକ୍ରମ ଦେବ ପଟ୍ଟନାୟକ ଏବଂ ଏସ୍ଇ ସୁରେନ୍ଦ୍ର ହୋତା ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ପରିପ୍ରେକ୍ଷୀରେ ନଳୀଚୁଆଁ ଗାଁରେ ବନପାଳ ରାଜେନ୍ଦ୍ର ସିଂଙ୍କ ସଭାପତିତ୍ୱରେ



ଅନୁଷ୍ଠିତ ସଚେତନତା ସଭାରେ ବରଗଡ଼ ଜିଲ୍ଲା ବନଖଣ୍ଡ ଅଧିକାରୀ ବିକ୍ରମଦେବ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ବନ ସଂରକ୍ଷକ ଡ.ହରମୋହନ ରଥ, ସଚେତନତା କାର୍ଯ୍ୟକ୍ରମ ଅଧିକାରୀ ଆକାଶ ପଧାନ, ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀ ବିଭୂତି ଭୂଷଣ ଶତପଥୀ, କନିଷ୍ଠ ଯନ୍ତ୍ରୀ ସ୍ୱାଧୀନ ସାହୁ, କ୍ଷେତ୍ର ଅଧିକାରୀ ପ୍ରତାପ ବେହେରା, ଲାଇନମେନ୍ ଏ ସିଦ୍ଧେଶ୍ୱର ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ହାତୀ ଓ ଅନ୍ୟ ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଦେବା ଓ ସେମାନଙ୍କ ସହିତ ମିତ୍ରତାପୂର୍ଣ୍ଣ ସମ୍ପର୍କ ରଖିବା ସମ୍ବନ୍ଧରେ ଆଲୋକପାତ କରିଥିଲେ। ସେହିପରି ବିଦ୍ୟୁତ୍ ତାରରୁ ହୁକିଙ୍ଗ କରି ଏବଂ ତାର ବିଛାଇ ବନ୍ୟଜନ୍ତୁ ଶିକାର କରିବା ଏକ ଦଣ୍ଡନୀୟ ଅପରାଧ ବୋଲି କହିଥିଲେ। ଏପରି କାର୍ଯ୍ୟରେ ନିଜେ ବିଦ୍ୟୁତ୍ ଆଘାତର ଶିକାର ହେବା ସମ୍ଭାବନା ରହିଥାଏ ବୋଲି ଶ୍ରୀ ଶତପଥି ଲୋକଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ବରଗଡ଼ ବନଖଣ୍ଡ ଅଧୀନସ୍ଥ ବନକର୍ମଚାରୀ, ଗ୍ରାମ୍ୟ ଜଙ୍ଗଲ ସମିତିର ସଦସ୍ୟ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। ବନ୍ୟଜନ୍ତୁଙ୍କ ଦ୍ୱାରା ଫସଲ କ୍ଷୟକ୍ଷତି ହେଲେ ବିଭାଗୀୟ ଅନୁକମ୍ପା ଆପ୍ ମାଧ୍ୟମରେ ଆବେଦନ କରିହେବ। ଏକର ପ୍ରତି ୨୦ରୁ ୨୫ ହଜାର କ୍ଷତିପୂରଣ ପାଇବାର ହକଦାର ହୁଅନ୍ତୁ ବୋଲି ବନଖଣ୍ଡ ଅଧିକାରୀ ଗ୍ରାମବାସୀଙ୍କୁ ବୁଝାଇଥିଲେ। ପରେ ଭଟଲି ବାନପାଳ ରାଜେନ୍ଦ୍ର ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## ଝାରବନ୍ଧରେ ବୁଲୁଛି ଭାଲୁ



**ବରଗଡ଼, ୧୫।୫(ସମିସ):** ଝାରବନ୍ଧ ବ୍ଲକ ଲୌଡିଦର୍ହା ପଞ୍ଚାୟତ ଅଧୀନ ନୀଳଜୀପତ୍ରାରେ ଗୋଟିଏ ବିରାଟ ଭାଲୁ ଦେଖିବାକୁ ମିଳିଛି। ଚାରି ପାଞ୍ଚ ଦିନ ତଳେ ଏହି ଭାଲୁ ଲୌଡିଦର୍ହା ବିଦ୍ୟାଳୟ ପାର୍ଶ୍ୱ ଗଛରେ ଥିବା ମହୁଫେଣାକୁ ଖାଇବା ପାଇଁ ରାତିରେ ରହିଥିଲା। ଭାଲୁକୁ ଦେଖି କିଛି ଲୋକେ ଘଉଡ଼ାଇ ଥିଲେ। ବୁଧବାର ଲୌଡିଦର୍ହା ଗାଁର ଜଣଙ୍କ ରୋଷେଇ ଘରକୁ ଭାଲୁଟି ପଶିଥିଲା। ନିଆଁ ଦେଖାଇ ତାକୁ ଲୋକ ଘଉଡ଼ାଇ ଥିଲେ। ଗୁରୁବାର ନୀଳଜୀପତ୍ରା ବଜାର ଛକ ପାଖରେ ପୁଣି ଭାଲୁ ବୁଲୁଥିବାର ଦେଖାଯାଇଛି। ବର୍ତ୍ତମାନ ଲୋକେ କେନ୍ଦୁପତ୍ର ତୋଳିବା, ଚାର ଫଳ ସଂଗ୍ରହ ତଥା ରବି ଫସଲ ଧାନ, ଗହମ, ଚିନାବାଦାମ କ୍ଷେତରେ କାମ କରୁଛନ୍ତି। ଚାରି ଦିନ ତଳେ ଭାଲୁ ବୁଲୁଥିବାରୁ ଝାରବନ୍ଧ ବ୍ଲକରେ ଭୟର ବାତାବରଣ ସୃଷ୍ଟି ହୋଇଛି। ବନ ବିଭାଗ ଆସି ଭାଲୁଟିକୁ ଏହି ଅଞ୍ଚଳରୁ ସ୍ଥାନାନ୍ତରଣ କରିବାକୁ ଦାବି ହୋଇଛି। ଖବର ଲେଖିବା ସମୟରେ ଝାରବନ୍ଧ ଫରେଷ୍ଟର୍ ଗିରିରାଜ କୁମ୍ଭାରଙ୍କୁ ଯୋଗାଯୋଗ କରିବାରୁ ଭାଲୁ ଏବେ ଜଙ୍ଗଲରେ ଥିବା ସେ ସୂଚନା ଦେଇଛନ୍ତି।

### ସ୍ୱାସ୍ଥ୍ୟକେନ୍ଦ୍ର ଓ ଥାନା ପାଇଁ ଦାବି

## ଆଜି ୬ ଘଣ୍ଟିଆ ଘେଁସ ବନ୍ଦ ଡାକରା

**ମେଲଛାମୁଣ୍ଡା, ୧୫।୫(ସମିସ):** ଦୀର୍ଘ ୭୭ ବର୍ଷ ପରେ ବି ଘେଁସ ସ୍ଥିତ ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର କୌଣସି ପ୍ରକାର ଉନ୍ନତି ହୋଇ ପାରିନାହିଁ। ଯଦ୍ୱାରା ଅଞ୍ଚଳର ଜନସାଧାରଣଙ୍କୁ ଚିକିତ୍ସା ପାଇଁ ବାହାରକୁ ଯାଇ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଅଞ୍ଚଳବାସୀ ବାରମ୍ବାର ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ବିଭାଗୀୟ ଅଧିକାରୀ, ସାଂସଦ ଓ ବିଧାୟକଙ୍କ ଦ୍ୱାରସ୍ଥ ହୋଇଛନ୍ତି। ହେଲେ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ। ତେଣୁ ଏହି ଡାକ୍ତରଖାନାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉନ୍ନୀତ କରିବାପାଇଁ ଗୁରୁବାର ସରକାରଙ୍କ ଠାରେ ଦୃଢ଼ ଦାବି କରାଯାଇଛି। ଏହା ବ୍ୟତୀତ ଘେଁସ ତଥା ଆଖପାଖ ଅଞ୍ଚଳରେ ଜଘନ୍ୟ ଅପରାଧ ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଏଠାରେ ଲୋକ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି। ଏନେଇ ଅଞ୍ଚଳବାସୀ ଦୀର୍ଘ ବର୍ଷରୁ ଏକ ନୂତନ ଥାନା ପାଇଁ ଦାବି କରି ଆସୁଛନ୍ତି। କିନ୍ତୁ ସରକାର ଘେଁସବାସୀଙ୍କ ଦାବି ପ୍ରତି ଦୃଷ୍ଟି ଦେଉନାହାନ୍ତି। ପ୍ରକାଶଥାଉକି ଏହି ଅଞ୍ଚଳଟି ମଧ୍ୟ ମାଓ ପ୍ରଭାବିତ ଅଟେ। ଘେଁସ




ନିକଟସ୍ଥ ହଳଦିଆ ଡୁଙ୍ଗୁରି, ମଲେଇଖମନ ଜଙ୍ଗଲ, ସୁକଲତେର୍ମା ଜଙ୍ଗଲ ଓ କେର୍ମେଲି ଜଙ୍ଗଲରେ ବିଭିନ୍ନ ସମୟରେ ମାଓବାଦୀଙ୍କ ଚଳପ୍ରଚଳ ରହିଥାଏ। ଏଣୁ ଥାନା ପ୍ରତିଷ୍ଠା ହେଲେ ଆଇନଶୃଙ୍ଖଳା ଓ ସୁରକ୍ଷା ଦୃଷ୍ଟିରୁ ଲୋକେ ନିଶ୍ଚିନ୍ତ ହୋଇପାରିବେ। ଏସବୁ ସମସ୍ୟା ସମାଧାନ ପାଇଁ ଘେଁସ ଅଞ୍ଚଳବାସୀ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ଶୁକ୍ରବାର ସକାଳ ୬ ଟା ରୁ ମଧ୍ୟାହ୍ନ ୨ ଟା ପର୍ଯ୍ୟନ୍ତ ଘେଁସ ସ୍ଥିତ ସମସ୍ତ ଦୋକାନ ବଜାର ବନ୍ଦ ରଖିବାକୁ ଯୋଜନା ଥିବା ସୂଚନା ମିଳିଛି।

## ଅବକାରୀ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ

**ବରଗଡ଼, ୧୫।୫(ସମିସ):** ବରଗଡ଼ ସଦର କଣ୍ଟାପାଲି ଗାଁରେ ବେଆଇନ ଭାବେ ମଦ ବିକ୍ରି କରୁଥିବା ନରେଶ ବେହେରାଙ୍କ ଘରେ ଗୁରୁବାର ଅବକାରୀ ଦଳ ଦ୍ୱାରା ଚଢ଼ାଉ ହୋଇଛି। ନରେଶ ନାଁରେ ପୂର୍ବରୁ ବିଭିନ୍ନ ମାମଲାରେ ୧୦ରୁ ଊର୍ଦ୍ଧ୍ୱ ଅଭିଯୋଗ ରହିଛି। ଅନେକ ଥର ମନା କଲା ପରେ ବି ସେ ଚୋରାରେ ବେଆଇନ ମଦ ବିକ୍ରି କରୁଥିବା ଅଭିଯୋଗ ବାରମ୍ବାର ଅବକାରୀ ବିଭାଗକୁ ଆସିଥିଲା। ସ୍ୱଳ୍ପ ସଂଖ୍ୟକ ଅବକାରୀ କର୍ମଚାରୀଙ୍କୁ ନେଇ ଆଜି ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ଅଭିଯୁକ୍ତ ନରେଶଙ୍କ ଘରୁ ବିପୁଳ ପରିମାଣର ମଦ ସହ ଏକ ଅଲ୍ଟୋ ଗାଡ଼ିକୁ ଅବକାରୀ ବିଭାଗ ଜବତ କରିଛି। ଏସମୟରେ ନରେଶ ସହ ତାଙ୍କ ପୁଅ, ସ୍ତ୍ରୀ ମିଶି ସରକାରୀ



- ସରକାରୀ ଗାଡ଼ି ଭଙ୍ଗାରୁଜା

ଗାଡ଼ି ଏବଂ ରାଜକୁମାର ରାଉତ ନାମକ କନେଷ୍ଟବଳଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ପରେ ବରଗଡ଼ ଟାଉନ ଥାନାରେ ଅଭିଯୋଗ ହେବା ପରେ ଥାନା ଅଧିକାରୀ ସତ୍ୟଜିତ କନ୍ଦେଳକର ଓ ଷ୍ଟାଫ୍ ଯାଇ ଅଭିଯୁକ୍ତଙ୍କୁ ଥାନାକୁ ଆଣିଛନ୍ତି।

## ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ସଫଳତା



**ବରଗଡ଼, ୧୫।୫(ସମିସ):** ସିବିଏସ୍ଇ ପରୀକ୍ଷାରେ ବରଗଡ଼ର କେନ୍ଦ୍ରୀୟ ବିଦ୍ୟାଳୟ ଉଭୟ ଦଶମ ଓ ଦ୍ୱାଦଶ ଶ୍ରେଣୀରେ ୧୦୦ ପ୍ରତିଶତ ସଫଳତା ହାସଲ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଦଶମରେ ସୌମ୍ୟା ଶାଶ୍ୱତି ନାୟକ ୯୮.୨%, ଦ୍ୱମେକା ଦାସ ୯୭.୮% ଏବଂ ଇଶାନ୍ତ ପରୁଆ ୯୭.୨% ରଖି ପ୍ରଥମ ୩ଟି ସ୍ଥାନ ଲାଭ କରିଛନ୍ତି। ଏହା ସହିତ ୨୩ ଜଣ ଛାତ୍ରଛାତ୍ରୀ ୯୦%ରୁ ଊର୍ଦ୍ଧ୍ୱ ମାର୍କ ରଖିଛନ୍ତି। ସେହିପରି ଦ୍ୱାଦଶ ବିଜ୍ଞାନରେ ଆର୍ଯ୍ୟାନ୍ ଭୋଇ ୯୩.୮%, ଆଭା ଷଡ଼ଙ୍ଗୀ ୯୨.୮% ଏବଂ ହର୍ଷିତ୍ ସାହୁ ୯୧.୬% ରଖିଛନ୍ତି। ଦ୍ୱାଦଶ ବାଣିଜ୍ୟରେ ମୋହିତ ମିତ୍ତଲ ୯୮.୨%, ଆଦିତ୍ୟ ଅଗ୍ରୱାଲ ୮୮.୨% ଏବଂ ଅର୍ପଣ ଦାଶ ୮୮% ସହିତ ପ୍ରଥମ ୩ଟି ସ୍ଥାନ ଲାଭ କରିଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟର ପ୍ରିନ୍ସିପାଲ୍ ଅକ୍ଷୟ ରାୟ ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଉପୁଡ଼ିଲା ସୂଚନାଫଳକ ଓ ବ୍ୟାରିକେଡ୍

**ପଦ୍ମପୁର, ୧୫।୫(ସମିସ):** ପଦ୍ମପୁର ଉପଖଣ୍ଡ ପଦ୍ମପୁର ବସନା ରାସ୍ତା ସରେଇକେଲା ଛକ ନିକଟରେ ରାସ୍ତାକଡ଼ ଷ୍ଟିଲ୍ ବ୍ୟାରିକେଡ୍, ସୂଚନା ଫଳକ ତଳେ ପଡ଼ି ରହିଛି। ଅଳ୍ପ ଗାତ ଖୋଳି ପୋତା ଯାଇଥିବାରୁ ସାମାନ୍ୟ ପବନରେ ଓପାଡ଼ି ହୋଇ ପଡ଼ିଛି। ଛତିଶଗଡ଼ ଓ ଓଡ଼ିଶାର ମୁଖ୍ୟରାସ୍ତା ହୋଇ ଥିବାରୁ ଏହି ରାସ୍ତାରେ ପ୍ରତ୍ୟହ ଶହ ଶହ ଯାନବାହାନ ଯାତାୟତ କରୁଛି। ଦୂର ଦୁରାନ୍ତରୁ ଆସୁଥିବା ଗାଡ଼ି ଗୁଡ଼ିକ ସୂଚନାଫଳକ ଦେଖି ଉପଯୁକ୍ତ ରାସ୍ତା ନିର୍ଣ୍ଣୟ କରିଥାନ୍ତି। କିନ୍ତୁ ସୂଚନାଫଳକ ଓ ବ୍ୟାରିକେଡ୍ ନଥିବାରୁ ଯାତ୍ରୀ ଓ ଗାଡ଼ି ଚାଳକମାନଙ୍କ ବିଶେଷ ଅସୁବିଧା ହେଉଛି। ଅତି ଶୀଘ୍ର ମରାମତି ପାଇଁ ସରକାରଙ୍କୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ପରୀକ୍ଷା ଫଳ ପ୍ରକାଶନ ପାଇଁ ସାଂସଦଙ୍କୁ ଦାବିପତ୍ର

**ପଦ୍ମପୁର, ୧୫।୫(ସମିସ):** ଚଳିତ ଶିକ୍ଷାବର୍ଷ ୨୦୨୫ ସମଗ୍ର ରାଜ୍ୟରେ କେନ୍ଦ୍ରୀୟ ଶିକ୍ଷା ବୋର୍ଡର ଫଳାଫଳ ପ୍ରକାଶ ପାଇଛି। ପଦ୍ମପୁର ଉପଖଣ୍ଡର ରାଜବୋଡ଼ାସମ୍ବର ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବାନ୍ଧୁପାଲି ବିଦ୍ୟାଳୟର ଫଳାଫଳ ପ୍ରକାଶିତ ହୋଇ ନ ଥିବାରୁ ଅଭିଭାବକ ଚିନ୍ତା ପ୍ରକଟ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଅଭିଭାବକମାନେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତଙ୍କୁ ସାକ୍ଷାତ କରି ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ତୁରନ୍ତ ଫଳାଫଳ ପ୍ରକାଶ କରିବା ନେଇ ଲିଖିତ ଦାବି ଜଣାଇଛନ୍ତି। ସାଂସଦ ଯଥାଶୀଘ୍ର କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଅବଗତ କରି ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

## ଲସ୍ତଲା ପିସିରେ ରବି ଧାନ ସଂଗ୍ରହ ଶୁଭାରମ୍ଭ




**ଅତାବିରା, ୧୫।୫(ସମିସ):** ଅତାବିରା ନିୟନ୍ତ୍ରିତ ବଜାର କମିଟି ଅଧୀନସ୍ଥ ମନାପଡ଼ା ପଞ୍ଚାୟତ ଲସ୍ତଲା କ୍ରୟ କେନ୍ଦ୍ରରେ ରବି ଧାନ ସଂଗ୍ରହର ଶୁଭାରମ୍ଭ କରାଯାଇଛି। ଚାଷୀ ନେତା ବୀରେନ୍ଦ୍ର କର, ଅତାବିରା ପାକ୍ସ ସଭାପତି ସିଦ୍ଧାର୍ଥ ଶଙ୍କର ପଣ୍ଡା, ସମ୍ପାଦକ ସଞ୍ଜୟ ନାୟକଙ୍କ ଉପସ୍ଥିତିରେ ଅନୁକୂଳ କରାଯାଇଛି।

## ପାଇକମାଲ ବ୍ଲକ୍‌ରେ କାଳବୈଶାଖୀ ବର୍ଷା

**ପାଇକମାଲ, ୧୫।୫(ସମିସ):** ପାଇକମାଲ ବ୍ଲକରେ କାଳବୈଶାଖୀ ବର୍ଷା ହୋଇଛି। ନୃସିଂହନାଥ ପୀଠରେ ୪ଟାରେ ଝିପିଝିପି ବର୍ଷା ହୋଇଥିବା ବେଳେ ପାଇକମାଲରେ ମଧ୍ୟ ବର୍ଷା ହୋଇଛି। ବ୍ଲକର ବିଭିନ୍ନ ଗାଁରେ ମଧ୍ୟ ବର୍ଷା ହୋଇଥିବା ସୂଚନା ମିଳିଛି। ମାଣ୍ଡୋସିଲ ଅଞ୍ଚଳରେ ସାମାନ୍ୟ ବର୍ଷା ହେଇଥିବା ସୂଚନା ରହିଛି। ବରତୁଣ୍ଡା ପଞ୍ଚାୟତ ପୁରେନା ଗାଁରେ କାଳବୈଶାଖୀ ବର୍ଷା ସାଙ୍ଗକୁ ଅପରାହ୍ଣ ୩ଟାରେ ଜାମୁକୋଳି ଗଛ ମୂଳରେ ଖେଳୁଥିବା ସମୟରେ ବଜ୍ରପାତରେ ଜଣେ ଶିଶୁର ମୃତ୍ୟୁ ହୋଇଥିବା ବେଳେ ଆଉ ଜଣେ ଶିଶୁ ଆହତ ହୋଇଥିବା ସୂଚନା ମିଳିଛି।

## ଦୁର୍ଘଟଣାରେ ବିଦ୍ୟୁତ୍ ସେକ୍ସନ ଅଫିସରଙ୍କ ମୃତ୍ୟୁ

**ଥୁଆପାଲି, ୧୫।୫(ସମିସ):** ଥୁଆପାଲି ବିଦ୍ୟୁତ୍ ବିଭାଗର ସେକ୍ସନ ଅଫିସର ପବିତ୍ର ମୋହନଙ୍କ ଗୁରୁବାର ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଦେହାନ୍ତ ହୋଇଯାଇଛି। ମଙ୍ଗଳବାର ସେ ପ୍ରାତଃ ଭ୍ରମଣରେ ଯାଇଥିଲେ। ପଛପଟୁ ଏକ ବାଇକ ଅତାବିରା ଲାଦେରପାଲି ନିକଟରେ ତାଙ୍କୁ ଧକ୍କା ଦେଇଥିଲା। ସ୍ୱର୍ଗତ ପାଢ଼ୀ ଲଇଡ଼ା ବିଦ୍ୟୁତ୍ ବିଭାଗର ସେକ୍ସନ ଅଫିସର ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ବିୟୋଗରେ ଥୁଆପାଲି ବିଦ୍ୟୁତ୍ ବିଭାଗର କମର୍ସିଆଲ ଜେଇ ଆଶୁତୋଷ ସେଠୀ ଓ ଅନ୍ୟ କର୍ମଚାରୀଗଣ ଶୋକ ସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ଜ୍ଞାପନ କରିଛନ୍ତି। ଶ୍ରୀ ପାଢ଼ୀଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## କାମ ପାଇଁ ଚର୍ଚ୍ଚାରେ କାଉନସିଲର୍

**ବରଗଡ଼, ୧୫।୫(ସମିସ):** ବରଗଡ଼ ୱାର୍ଡ଼ ନମ୍ବର୍ ୮ କାଉନସିଲର୍ ରୀନା ମହାପାତ୍ର ପୁଣି ଥରେ ନିଜର କାର୍ଯ୍ୟ ଶୈଳୀ ପାଇଁ ଚର୍ଚ୍ଚାର ପରିସରକୁ ଆସିଛନ୍ତି। ଶୀତଦିନେ ନିଜ ୱାର୍ଡ଼ରେ ବୁଲି ଗରିବ ଅସହାୟଙ୍କୁ କମ୍ବଳ ବଣ୍ଟନ, ବର୍ଷାଦିନେ ଜିଲ୍ଲା ପ୍ରଶାସନ ସହଯୋଗରେ ଡ୍ରେନ ସମସ୍ୟା ଦୂର କରିବା ପରେ ଗୁରୁବାର ମିଳନ ବିହାର ଓ ଜୟଦେବ ଆଦାବରଙ୍କ ଗଳିରେ ଅଚଳ ଷ୍ଟ୍ରିଟ୍ ଲାଇଟ୍ ସବୁ ସଜଡ଼ା ହୋଇଛି। ବିଗତ କିଛି ଦିନ ହେବ ସହର ମଧ୍ୟରେ ୱାର୍ଡ଼ ନମ୍ବର୍ ୮ରେ କେତକ ଗଳିରେ ଲାଇଟ୍ ଜଳୁ ନଥିବା ଅଭିଯୋଗ ଆସିଥିଲା। ଅନ୍ଧାରର ସୁଯୋଗ ନେଇ ସବୁବେଳେ ଲୁଟପାଟ ହେବା ସହ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ବିଷୟରେ କାଉନସିଲର୍ ରୀନା ମହାପାତ୍ରଙ୍କ ପାଖେ ପଡ଼ାବାସୀ ଅଭିଯୋଗ କରିଥିଲେ। ଗୁରୁବାର ସକାଳୁ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କୁ ସେ ପଡ଼ାକୁ ଡକାଇଥିଲେ। ନିଜେ ଦିନ ୨ଟା ପର୍ଯ୍ୟନ୍ତ ଖରାରେ ଛିଡ଼ା ହୋଇ ସମସ୍ତ ଷ୍ଟ୍ରିଟ୍ ଲାଇଟ୍ ଗୁଡ଼ିକ ଠିକ୍ କରାଇଥିବା ଜଣା ପଡ଼ିଛି।



# ଅପରେସନ୍ 'ସିନ୍ଦୂର'ର ସଫଳତାରେ ପରାକ୍ରମ ଶୋଭାଯାତ୍ରା






**ବରଗଡ଼, ୧୫।୫(ସମିସ):**

ଅପରେସନ୍ ସିନ୍ଦୂରର ସଫଳତାରେ ସେନା ବାହିନୀର ବୀରତ୍ୱ, ଶୌର୍ଯ୍ୟ ଓ ପରାକ୍ରମକୁ ପ୍ରଣାମ କରି ବରଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଗୁରୁବାର ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଲେଙ୍ଗୁ ମିଶ୍ର ମିନି ଷ୍ଟାଡ଼ିୟମରୁ ଗାନ୍ଧୀଛକ ଦେଇ ପୁଣି ଷ୍ଟାଡିୟମକୁ ଶୋଭାଯାତ୍ରା ଫେରିଥିଲା। ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ସମେତ ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମିନା, ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ପୌରାଧ୍ୟକ୍ଷା କଳ୍ପନା ମାଝୀ, ବରଗଡ଼ ସାଂସଦ ପ୍ରତିନିଧି ସୁରେଶ୍ୱର ଶତପଥୀ ଏବଂ ବିଧାୟକ ପ୍ରତିନିଧି ଅକ୍ରୁର ମଲ୍ଲିକ ଧଳା ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରାରେ ଜିଲ୍ଲାସ୍ତରୀୟ ଅଧିକାରୀ, ଜିଲ୍ଲା ମୁଖ୍ୟାଳୟର ସମସ୍ତ ସରକାରୀ କାର୍ଯ୍ୟାଳୟର କର୍ମକର୍ତ୍ତା, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ଏନଏସଏସ, ରେଡ଼କ୍ରସ୍, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବରିଷ୍ଠ ନାଗରିକ ସଙ୍ଘ, ଅବସରପ୍ରାପ୍ତ ସେନା ତଥା ଭେଟେରାନ ଆସୋସିଏସନ, ଆଥେଲେଟିକ ସଙ୍ଘ, ମହିଳା ସମିତି, ପୁଲିସ ଅଧିକାରୀ ଏବଂ ସହରର ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

**ବରିଷ୍ଠ ନାଗରିକ ସଂଘ ସାମିଲ**

'ସିନ୍ଦୂର ଅପରେସନ'ର ସଫଳତା ପରେ ଗୁରୁବାର ସାରା ଭାରତରେ ପାଳନ କରାଯାଉଥିବା ପରାକ୍ରମ ଯାତ୍ରା ଅବସରରେ ବରଗଡ଼ରେ ମଧ୍ୟ ଏହି ଯାତ୍ରାକୁ ଶୃଙ୍ଖଳିତ ଭାବେ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ବରିଷ୍ଠ ନାଗରିକ ସଂଘର ସଦସ୍ୟମାନେ ଯୋଗଦେଇ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋଏଲ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମୀନା, ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝୀ ତଥା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲାଙ୍କ ସହିତ ଜିଲ୍ଲା ବରିଷ୍ଠ ନାଗରିକ ସଂଘ ସଭାପତି ପ୍ରମୋଦ ଝାଙ୍କର, ଉପସଭାପତି ନିର୍ମଳ କିଶୋର କର, ସମ୍ପାଦକ ଗୋବିନ୍ଦ ଦାଶ, ବରିଷ୍ଠ ସାମ୍ବାଦିକ ତୁଳସୀ ଚରଣ ଦାଶ, ଟେକନିସିଆନ୍ ଦେବୀ ପଟ୍ଟନାୟକ, ଡ.ଅର୍ଜୁନ ମେହେର, ପବିତ୍ର ସରାଫ, ସର୍ଦ୍ଦାର ପ୍ରୀତମ ସିଂ, ସାଧୁ ଚରଣ ଦାଶ, କ୍ଷିତିଶ ଚନ୍ଦ୍ର ମିଶ୍ର, ସୁରେଶ୍ୱର ଶତପଥୀ, ଅକ୍ରୁର ମଲ୍ଲିକ, ଡ.ଅରୂପା ନନ୍ଦ ସାହୁ ଓ ଆହୁରି ଅନେକ ଏହି ଯାତ୍ରାରେ ସାମିଲ ହୋଇ ସହର ପରିକ୍ରମା କରିଥିଲେ।

# ସମ୍ପାଦକୀୟ



ସବୁ ସୂଚନା ଜ୍ଞାନବର୍ଦ୍ଧକ ନୁହେଁ।
--ଆଲବର୍ଟ ଆଇନଷ୍ଟାଇନ୍

ସକାଳ THE SAKALA

## ନ୍ୟାୟିକ ସକ୍ରିୟତା

ନାଗରିକଙ୍କ ଦ୍ୱାରା କାର୍ଯ୍ୟକଳାପ କିମ୍ବା ବୈଚାରିକ ସ୍ତରରେ ଦ୍ୱନ୍ଦ୍ୱ, କନ୍ଦଳ, ବିବାଦ, ସଂଘାତ ସୃଷ୍ଟି ହେଲେ ଦେଶର ନୈତିକ ଆଦର୍ଶ ଓ ଭାବମୂର୍ତ୍ତି କ୍ଷୁଣ୍ଣ ହୁଏ ଏବଂ ଆଭ୍ୟନ୍ତରୀଣ ସ୍ଥିତି ଦୁର୍ବଳ ହୋଇପଡ଼େ। ଏହାକୁ ସୁଯୋଗ ରୂପେ ବ୍ୟବହାର କରିବାରେ ଶତ୍ରୁମାନେ ଅବହେଳା କରନ୍ତି ନାହିଁ। ଗଣମନ୍ତବ୍ୟ ଓ ବ୍ୟାଖ୍ୟାନମାନ ଏଭଳି ଆଦର୍ଶ ହନନ ପାଇଁ ଅଧିକାଂଶ ସ୍ତରରେ ଦାୟୀ। ସଂଯମହୀନ ଓ ଅପରିଣାଦର୍ଶୀ ମତ, ମନ୍ତବ୍ୟ, ବିବୃତି କିମ୍ବା ବ୍ୟାଖ୍ୟାନ ଯଦି କୌଣସି ନୀତିନିର୍ଦ୍ଧାରକ ସ୍ତରର କିମ୍ବା ରାଷ୍ଟ୍ରୀୟସ୍ତରର ବିଶିଷ୍ଟ ବ୍ୟକ୍ତିଙ୍କ ମୁଖନିସୃତ ହୁଏ କିମ୍ବା ଧର୍ମ ଓ ସାମ୍ପ୍ରଦାୟିକତା ସହିତ ଜଡ଼ିତ ହୋଇଯାଏ ତେବେ ତାହାର ନକାରାତ୍ମକ ପ୍ରଭାବ ସୁଦୂରବିସ୍ତାରୀ ହୋଇଯାଏ। ନିକଟରେ ଏଭଳି ଏକ ଦାୟିତ୍ୱହୀନ ଅଦୂରଦର୍ଶୀ ମନ୍ତବ୍ୟ ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ପ୍ରସଙ୍ଗର ସମ୍ବେଦନଶୀଳତା ଦୃଷ୍ଟିରୁ ନ୍ୟାୟାଳୟ ନିଜ ଆଡୁ(ସୋ ମୋଟୋ) ଏଥିରେ ହସ୍ତକ୍ଷେପ କରିଛନ୍ତି।

ଏକ ଅଭାବନୀୟ ଘଟଣାକ୍ରମେ 'ଅପରେରସନ୍ ସିନ୍ଦୂର'ର ସଫଳତାରେ ଅତିମାତ୍ରାରେ ଉତ୍ସାହିତ ମଧ୍ୟପ୍ରଦେଶର ଅନୁସୂଚିତ ଜନଜାତି ବ୍ୟାପାର ମନ୍ତ୍ରୀ ତଥା ବିଜେପି ନେତା କନ୍‌ୱର ବିଜୟ ଶାହା ଏକ ଜନସଭାକୁ ସମ୍ବୋଧିତ କରିବା ଅବସରରେ କହିଛନ୍ତି ଯେ ଆମେ 'ପାକିସ୍ତାନର ଆତଙ୍କବାଦୀମାନଙ୍କୁ ତାଙ୍କ ଭଉଣୀଙ୍କ ଜରିଆରେ ଉଚିତ୍ ଶିକ୍ଷା ଦେଇଛୁ।' ଏଥିରେ ସେ ସିଧାସଳଖ କାହାର ନାଁ ନ ନେଇଥିଲେ ମଧ୍ୟ ତାହା ଯେ ସିଧାସଳଖ କର୍ଣ୍ଣେଲ୍ ସୋଫିଆ କ୍ୟୁରେସିଙ୍କୁ ଇଙ୍ଗିତ କରୁଛି ତାହା ଉଲ୍ଲେଖ ଅନାବଶ୍ୟକ। ଭାରତରେ ଏହାପୂର୍ବରୁ ଯେତେଥର ଜଘନ୍ୟ ଆତଙ୍କବାଦୀ ହତ୍ୟାକାଣ୍ଡମାନ ଘଟିଛି ସେଗୁଡ଼ିକ ଧର୍ମ ଆଧାରିତ ହୋଇନାହିଁ, ଯାହା ପ୍ରଥମ ଥର ପାଇଁ ପହଲ୍‌ଗାମ୍‌ରେ ଘଟିଛି। ଏହାର ନିନ୍ଦାସୂଚକ ପ୍ରତିକ୍ରିୟା ଜାତି-ଧର୍ମ-ବର୍ଣ୍ଣ-ଦଳ ନିର୍ବିଶେଷରେ ସାରା ଦେଶରେ ଦେଖିବାକୁ ମିଳିଥିବା ବେଳେ ମୁସଲମାନ୍ ସମ୍ପ୍ରଦାୟର ହଜାର ହଜାର କାଶ୍ମୀରବାସୀ ସାମ୍ପ୍ରଦାୟିକ ସଦ୍‌ଭାବନା, ଭ୍ରାତୃତ୍ୱ, ଧର୍ମନିରପେକ୍ଷତା ଓ ଭାରତୀୟ ଏକତାର ଅଭୂତପୂର୍ବ ସନ୍ଦେଶ ସାରାବିଶ୍ୱକୁ ଦେଇଛନ୍ତି। ହିନ୍ଦୁ-ମୁସଲିମ୍ ବିଦ୍ୱେଷର ମଞ୍ଜି ବୁଣି ସମ୍ପ୍ରଦାୟ ଆଧାରରେ ଭାରତକୁ ଅଶାନ୍ତ, ଉତ୍ତେଜିତ, ଅସ୍ଥିର ଓ ବିଭାଜିତ କରିବାକୁ ପାକିସ୍ତାନ ଆତଙ୍କବାଦୀଙ୍କ ଜରିଆରେ ଯେଉଁ ମସୁଧା କରିଛି, ତାହାକୁ ଯୋଜନାବଦ୍ଧ ଭାବେ ପ୍ରତିହତ କରିବା ପାଇଁ ଭାରତ ସରକାର 'ଅପରେସନ୍ ସିନ୍ଦୂର'ର ସବିଶେଷ ସୂଚନା, ବିଶ୍ଳେଷଣ ଓ ସଫଳତା ଗଣମାଧ୍ୟମ ସାମ୍ନାରେ ଉପସ୍ଥାପନା ପାଇଁ ଭାରତୀୟ ସେନାର କର୍ଣ୍ଣେଲ୍ ସୋଫିଆ କ୍ୟୁରେସି(ମୁସଲମାନ ମହିଳା)ଙ୍କୁ ଦାୟିତ୍ୱ ଦେଇଥିଲେ। ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀ କାର୍ଯ୍ୟକଳାପ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ସହିତ ବିବିଧତା ମଧ୍ୟରେ ଭାରତୀୟ ଏକତା, ଅଖଣ୍ଡତା ଓ ସଂପ୍ରୀତିର ସନ୍ଦେଶ ପାକିସ୍ତାନ ସମେତ ସାରାବିଶ୍ୱକୁ ଦେବା ଥିଲା ଏହାର ମୁଖ୍ୟ ଲକ୍ଷ୍ୟ।

ମନ୍ତ୍ରୀ ଶ୍ରୀଶାହା ଏଭଳି ଏକ ଅରୁଚିକର ଓ ଅବାଞ୍ଛିତ ଟିପ୍ପଣୀ ଦେଇ ପାକିସ୍ତାନ ବଦଳରେ ସିଧାସଳଖ ମୁସ୍‌ଲିମ୍ ଧର୍ମାବଲମ୍ବୀଙ୍କୁ ଆକ୍ଷେପ କରିଛନ୍ତି ଏବଂ ଭାରତୀୟ ସେନାର ଜଣେ ଦାୟିତ୍ୱବାନ ସେନାଧିକାରୀଙ୍କୁ ଏହି ଆଳରେ ଆତଙ୍କବାଦୀଙ୍କ ଭଉଣୀ ହିସାବରେ ଚିତ୍ରିତ କରିଥିବା ତାଙ୍କ ଭାଷଣର ତର୍ଜମାରୁ ଆପାତତଃ ପ୍ରମାଣିତ ହେଉଛି। ଭାରତ ସରକାରଙ୍କ ମହତ୍ ଲକ୍ଷ୍ୟକୁ ସେ କେବଳ ଭଣ୍ଡୁର କରିନାହାନ୍ତି, ବରଂ ଶତ୍ରୁ ରାଷ୍ଟ୍ର ପାକିସ୍ତାନ ହାତକୁ ଧର୍ମବିଦ୍ୱେଷୀ ଅସ୍ତ୍ରଟିଏ ବଢ଼ାଇ ଦେଇଛନ୍ତି। ବହୁଳ ପ୍ରଚଳିତ ଓଡ଼ିଆ ଲୋକକଥା ଅନୁସାରେ ଭାରତ ସରକାରଙ୍କ ବାର ବର୍ଷର ତପସ୍ୟାକୁ ଶ୍ରୀଶାହା ଶୁଖୁଆ ପୋଡ଼ାରେ ନଷ୍ଟ କରିଦେଇଛନ୍ତି। ଏଭଳି ଏକ ସମ୍ବେଦନଶୀଳ ମନ୍ତବ୍ୟ ସ୍ୱାଭାବିକ ଭାବେ ଜାତୀୟସ୍ତରରେ ରାଜନୈତିକ ଉତ୍ତେଜନା ସୃଷ୍ଟି କରିଛି। ଉଭୟ ମଧ୍ୟପ୍ରଦେଶ ଓ କେନ୍ଦ୍ରରେ ବିଜେପି ଶାସନ ଥିବାରୁ କେନ୍ଦ୍ର ସରକାରଙ୍କ ଉପରେ ମଧ୍ୟ ଚାପ ପଡୁଛି। ତାଙ୍କ ବିରୋଧରେ ଦଳ କି କାର୍ଯ୍ୟାନୁଷ୍ଠାନ ନେବ ସେ ବିଷୟରେ ଆମେ କୌଣସି ମନ୍ତବ୍ୟ ଦେବାକୁ ଉଚିତ ମନେ କରୁନାହୁଁ। କିନ୍ତୁ ଏହି ଘଟଣାରେ ଏକ ଉଲ୍ଲେଖନୀୟ, ସ୍ୱାଗତଯୋଗ୍ୟ ଓ ସର୍ବାଦୌ ପ୍ରଶଂସାଯୋଗ୍ୟ ବିଷୟକୁ ଦୃଷ୍ଟି ଆଣିବାକୁ ଉଚିତ ମନେ କରୁଛୁ। ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟ ନିଜ ଆଡୁ ଏହି ଘଟଣାରେ ମାମଲା ରୁଜୁ କରି ଶ୍ରୀଶାହାଙ୍କ ବିରୋଧରେ ଚାରିଘଣ୍ଟା ମଧ୍ୟରେ ମାମଲା ରୁଜୁ କରିବାକୁ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବିଚାର ବିଭାଗର ଏହି ନ୍ୟାୟିକ ସକ୍ରିୟତା ଯେ ଠିକ୍ ସମୟରେ ଉଚିତ ପଦକ୍ଷେପ ଏହା ଅନସ୍ୱୀକାର୍ଯ୍ୟ। ଏହାଦ୍ୱାରା ବିଚାର ବିଭାଗ ଉପରେ ଭାରତୀୟ ଗଣତନ୍ତ୍ରର ନିଷ୍ଠା ଓ ଆସ୍ଥା ଆହୁରି ସୁଦୃଢ଼ ହୋଇଛି। ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କ କର୍ତ୍ତବ୍ୟ ବା ସକ୍ରିୟତା ଏତିକିରେ ଶେଷ ହୋଇଯାଇନାହିଁ। ଏ ପର୍ଯ୍ୟନ୍ତ ମାମଲା ଓ ତଦନ୍ତର ଅଗ୍ରଗତି ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଛନ୍ତି। ଆମ ରାଜନୈତିକ ବ୍ୟବସ୍ଥାଚକ୍ରରେ ପ୍ରତିପତ୍ତିଶାଳୀମାନଙ୍କ ବିରୋଧରେ ପ୍ରଶାସନିକ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ବିଳମ୍ବିତ ଓ କୁଣ୍ଠିତ ଏହା ସର୍ବଜନବିଦିତ, ଯାହା ଶ୍ରୀଶାହାଙ୍କ ମାମଲାରେ ମଧ୍ୟ ଦେଖିବାକୁ ମିଳିଛି। ମଧ୍ୟପ୍ରଦେଶ ପୁଲିସ୍ ପ୍ରସ୍ତୁତ କରିଥିବା ଏଫ୍‌ଆଇଆରରେ ଆଇନର ଛକାପଞ୍ଝା ଖେଳରେ ଶ୍ରୀଶାହାଙ୍କ ପାଇଁ ଖସିଯିବାର ଗଳାବାଟଟିଏ ତିଆରି ହୋଇସାରିଛି। ପୁଲିସ୍ ପ୍ରଶାସନର ଏହି ତୋଷଣନୀତିକୁ ଠଉରାଇ ଖଣ୍ଡପୀଠ ଅସନ୍ତୋଷ ପ୍ରକାଶ କରିଛନ୍ତି ଏବଂ ତଦନ୍ତର ଅଗ୍ରଗତି ତଦାରଖ କରିବାର ନିଷ୍ପତ୍ତି ନେଇଛନ୍ତି। ଦେଶର ସର୍ବୋଚ୍ଚ ଅଦାଲତ ମଧ୍ୟ ଶ୍ରୀଶାହାଙ୍କ ଏଭଳି ଦାୟିତ୍ୱହୀନ ମନ୍ତବ୍ୟକୁ ଭର୍ତ୍ସନା କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ ସରକାରୀ ପଦପଦବୀରେ ଥିବା ଜଣେ ବ୍ୟକ୍ତିଙ୍କ ଏଭଳି ଦାୟିତ୍ୱହୀନ ମନ୍ତବ୍ୟ ଶୋଭନୀୟ ଓ ଗ୍ରହଣୀୟ ନୁହେଁ ବୋଲି ପ୍ରଧାନ ବିଚାରପତି ବି ଆର ଗଭାଇଙ୍କ ଅଧ୍ୟକ୍ଷତାରେ ଗଠିତ ସର୍ବୋଚ୍ଚ ନ୍ୟାୟାଳଙ୍କ ଦୁଇଜଣିଆ ଖଣ୍ଡପୀଠ କହିଛନ୍ତି। ଏଫ୍‌ଆଇଆର ଆଧାରରେ ସମ୍ଭାବ୍ୟ ଆଇନଗତ କାର୍ଯ୍ୟାନୁଷ୍ଠାନ ଏଡ଼ାଇବା ପାଇଁ ଶ୍ରୀଶାହା ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିବା ବେଳେ ସର୍ବୋଚ୍ଚ ନ୍ୟାୟାଳୟ ଖଣ୍ଡପୀଠ ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି।

ଆମ ସମ୍ବିଧାନିକ ବିଧିବ୍ୟବସ୍ଥା ରାଷ୍ଟ୍ର ଓ ଦେଶର ଜନତାଙ୍କ ବୃହତ୍ତର ସ୍ୱାର୍ଥ ପାଇଁ କେତେକ ବିଶେଷ କ୍ଷେତ୍ରରେ ସ୍ୱାଧୀନ ଭାବେ ନିଷ୍ପତ୍ତି ନେବା ପାଇଁ ନ୍ୟାୟପାଳିକାକୁ ଅଧିକାର ଦେଇଛି। ସେଥିମଧ୍ୟରୁ ଗୋଟିଏ ହେଉଛି 'ନିଜ ଆଡୁ ମାମଲା(ସୋ ମୋଟୋ)' ରୁଜୁ କରିବାର କ୍ଷମତା ବା ଅଧିକାର। ଆମ ବିଚାର ବ୍ୟବସ୍ଥାର ଏହି ତତ୍ପରତା ଓ ବିଶେଷ ଅଧିକାର ବଳରେ ବୃହତ୍ତର ଜନସ୍ୱାର୍ଥ ସମ୍ବଳିତ ଅନେକ ସ୍ପର୍ଶକାତର ମାମଲାରେ ଉପଯୁକ୍ତ ଓ ସମୟୋପଯୋଗୀ ତର୍ଜମା ହୋଇ ଉଚିତ ନ୍ୟାୟ ମିଳିପାରିଛି। ଶ୍ରୀଶାହାଙ୍କ ମାମଲାରେ ମଧ୍ୟ ଦେଶବାସୀ ନ୍ୟାୟପାଳିକାଠାରୁ ଏଭଳି ତ୍ୱରିତ ନ୍ୟାୟ ଆଶା କରୁଛନ୍ତି।

## ଇତିହାସ ଆମ ଓଡ଼ିଶା ଉଚ୍ଚ ନ୍ୟାୟାଳୟର

ପ୍ରହଲାଦ କୁମାର ସିଂହ

ଆଇନ୍‌ର ଶାସନ ବ୍ୟବସ୍ଥାକୁ ଶୃଙ୍ଖଳିତ ରଖିବା ସହିତ ସାଧାରଣ ଲୋକଙ୍କ ଧନଜୀବନର ସୁରକ୍ଷା ଓ ସମ୍ବିଧାନ ପ୍ରଦତ୍ତ ଅଧିକାରକୁ ସୁନିଶ୍ଚିତ କରିଥାଏ ନ୍ୟାୟପାଳିକା। ଆମ ସାମ୍ବିଧାନିକ ବ୍ୟବସ୍ଥାରେ ତ୍ରିସ୍ତରୀୟ ନ୍ୟାୟପାଳିକା ରହିଛି। ସାରା ଦେଶ ପାଇଁ ଥିବା ସର୍ବୋଚ୍ଚ ନ୍ୟାୟାଳୟ ଗଠନ, ପରିଚାଳନା, କ୍ଷମତା ଆଦି ସମ୍ବିଧାନର ୧୨୪ରୁ ୧୪୭ ଧାରାରେ ଲିପିବଦ୍ଧ ଥିବା ବେଳେ ବିଭିନ୍ନ ରାଜ୍ୟ ପାଇଁ ଥିବା ଉଚ୍ଚ ନ୍ୟାୟାଳୟ କିଭଳି ଚାଲିବ ସେକଥା ସମ୍ବିଧାନର ୨୧୪ରୁ ୨୩୨ ପର୍ଯ୍ୟନ୍ତ ବିଭିନ୍ନ ଧାରାରେ ରହିଛି। କ୍ଷେତ୍ରସ୍ତରରୁ ଜିଲ୍ଲାସ୍ତର ପର୍ଯ୍ୟନ୍ତ ଆଇନ୍ ଅଦାଲତଗୁଡ଼ିକ କିଭଳି କାମ କରିବେ ସେ ସଂକ୍ରାନ୍ତରେ ଆମ ସମ୍ବିଧାନର ୨୩୩ରୁ ୨୩୭ ପର୍ଯ୍ୟନ୍ତ ଧାରାରେ ଉଲ୍ଲେଖ ରହିଛି। ୧୯୫୦ ଜାନୁଆରୀ ୨୬ରେ ଆମ ସମ୍ବିଧାନ ଲାଗୁ ହେବା ପୂର୍ବରୁ ଭାରତରେ ବିଚାର ବ୍ୟବସ୍ଥା ରହିଥିଲା। ତେବେ ସେତେବେଳ ଓ ବର୍ତ୍ତମାନର ଆଇନ ଅଦାଲତ ମଧ୍ୟରେ ରହିଛି ଢେର ପ୍ରଭେଦ।

୧୮୫୭ର ସିପାହୀ ବିଦ୍ରୋହ ପରେ ବ୍ରିଟିଶ ସରକାର ଅନେକ ଆଇନ୍ ପ୍ରଣୟନ କରିଥିଲେ। ଏଗୁଡ଼ିକ ମଧ୍ୟରେ 'ଦି ଇଣ୍ଡିଆନ୍ ହାଇକୋର୍ଟର୍ସ ଆକ୍ଟ' ୧୮୬୧ ଅଗଷ୍ଟ ୬ ତାରିଖରୁ ଲାଗୁ ହୋଇଥିଲା। ସେହି ସମୟରେ ଭାରତୀୟ ପିଙ୍ଗଳ କୋଡ୍, ପୁଲିସ ଆଇନ୍ ଆଦି ବିଭିନ୍ନ ପ୍ରକାରର ବିଧି ମଧ୍ୟ ପ୍ରଚଳିତ ହେଲା। ୧୮୬୧ ବେଳକୁ ଓଡ଼ିଶା ଖଣ୍ଡବିଖଣ୍ଡିତ ହୋଇ ସାରିଥାଏ। ଏ ପରିପ୍ରେକ୍ଷୀରେ ୧୮୬୨ରେ କଲିକତା, ବମ୍ବେ ଓ ମାଡ୍ରାସ ଉଚ୍ଚ ନ୍ୟାୟାଳୟ ଜନ୍ମଲାଭ କଲା। ସେତେବେଳେ ଆମ ରାଜ୍ୟର ଦକ୍ଷିଣାଞ୍ଚଳ ମାଡ୍ରାସ୍ ପ୍ରେସିଡେନ୍ସି ଅଧୀନରେ ଥିବାରୁ ତାହା ମାଡ୍ରାସ୍ ଉଚ୍ଚ ନ୍ୟାୟାଳୟଙ୍କ କ୍ଷମତା ପରିସର ମଧ୍ୟରେ ରହିଥିବା ବେଳେ ଅନ୍ୟ ଅଞ୍ଚଳ ସବୁ ରହିଥିଲା କଲିକତା ଉଚ୍ଚ ନ୍ୟାୟାଳୟଙ୍କ ଅଧୀନରେ। ପୁରୀ ଶ୍ରୀମନ୍ଦିର ସୁରକ୍ଷା ପାଇଁ ରାଜମାତା ସୂର୍ଯ୍ୟମଣି ପାଟମହାଦେଈଙ୍କ ଅନୁରୋଧକ୍ରମେ ଉତ୍କଳଗୌରବ ମଧୁସୂଦନ ଦାସ କଲିକତା ଉଚ୍ଚ ନ୍ୟାୟାଳୟରେ ମାମଲା ଲଢ଼ି ଶ୍ରୀମନ୍ଦିରରେ ଗଜପତି ପରମ୍ପରାକୁ ସୁରକ୍ଷିତ ରଖିବାର ଇତିହାସ ରଚିଥିଲେ। ୧୯୧୨ ମାର୍ଚ୍ଚ ୨୨ରେ ଆମ ଅଞ୍ଚଳକୁ ରଖାଯାଇଥିଲା କଲିକତା ଉଚ୍ଚ ନ୍ୟାୟାଳୟ ନିୟନ୍ତ୍ରଣରେ। ୧୯୧୬ ଫେବୃଆରୀ ୯ ତାରିଖରେ ଏହା ପାଟନା ଉଚ୍ଚ ନ୍ୟାୟାଳୟ ପରିସରଭୁକ୍ତ ହୋଇଥିଲା। ୧୯୨୨ରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ମାମଲାରେ ଖୋରଧାର ଅଦାଲତ ଦେଇଥିବା ରାୟ ବିରୋଧରେ ବ୍ରିଟିଶ ସରକାର ଯାଇଥିଲେ ପାଟନା ଉଚ୍ଚ ନ୍ୟାୟାଳୟକୁ। ରଘୁ-ଦିବାକରଙ୍କ ଫାଶୀ ଦଣ୍ଡାଦେଶଠାରୁ ଲକ୍ଷ୍ମଣ ନାୟକଙ୍କ ଫାଶୀ ପର୍ଯ୍ୟନ୍ତ ମାମଲାଗୁଡ଼ିକର ଅପିଲ ହୋଇଥିଲା ପାଟନା ଉଚ୍ଚ ନ୍ୟାୟାଳୟରେ। ଏହି ପାଟନା ଉଚ୍ଚ ନ୍ୟାୟାଳୟରେ ମଧୁବାବୁ ତାଙ୍କ ପାଳିତା କନ୍ୟା ଶୈଳବାଳାଙ୍କ ସାନଭଉଣୀ ସୁଧାଂଶୁବାଳାଙ୍କୁ ଓକିଲାତି କରିବାର ସୁଯୋଗ ଦେବା ପାଇଁ ମାମଲା ରୁଜୁ କରାଇଥିଲେ। ଏହି ମାମଲାରେ ମହିଳାମାନଙ୍କୁ ଓକିଲାତି ଲାଇସେନ୍ସ ଦିଆଯିବା ଥିଲା ପ୍ରଶ୍ନ। ମଧୁବାବୁଙ୍କ ଏକନିଷ୍ଠ ଉଦ୍ୟମ ଯୋଗୁଁ ପ୍ରାୟ ୧୦୦ ବର୍ଷ ତଳେ ଭାରତରେ ମହିଳାମାନଙ୍କୁ ଓକିଲାତି କରିବା ପାଇଁ ଆଇନ୍‌ଗତ ବ୍ୟବସ୍ଥା ହୋଇଥିଲା, ଯାହାର ଫଳସ୍ୱରୂପ ଏବେ ଆମ ଦେଶରେ ବହୁସଂଖ୍ୟକ ମହିଳା ଓକିଲାତି କରୁଥିବା ବେଳେ ବିଭିନ୍ନ ଅଦାଲତରେ ମହିଳା ବିଚାରପତିମାନଙ୍କୁ ଦେଖିବାକୁ ମିଳୁଛି।

ଓଡ଼ିଶା ଇତିହାସରେ ୧୯୧୬ ମଇ ୧୮ ତାରିଖ ଏକ ଗୁରୁତ୍ୱପୂର୍ଣ୍ଣ ଦିବସ। ସେଦିନ କଟକରେ ପାଟନା ଉଚ୍ଚ ନ୍ୟାୟାଳୟର ସର୍କିଟ୍ ବେଞ୍ଚ୍ ବସିଥିଲା। ସେତେବେଳେ ମଧୁବାବୁ ଥିଲେ କଟକ ବାର୍ ଆସୋସିଏସନ୍‌ର ସଭାପତି। ଏହି ଅବସରରେ ଆୟୋଜିତ ଉତ୍ସବରେ ସ୍ୱାଗତ ଭାଷଣ ଦେଇ ମଧୁବାବୁ କଟକରେ ଉଚ୍ଚ ନ୍ୟାୟାଳୟର ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠା ପାଇଁ ଦାବି ଉଠାଇଥିଲେ। ବିଭିନ୍ନ ସମୟରେ ସମ୍ବଲପୁର ଓ ପାଟନା ଗଡ଼ଜାତରେ ବି ପାଟନା ଉଚ୍ଚ ନ୍ୟାୟାଳୟର ସର୍କିଟ୍ ବେଞ୍ଚ ବସୁଥିଲା। ସ୍ୱତନ୍ତ୍ର ଓଡ଼ିଶା ଗଠନ ପାଇଁ ଯେଉଁ କେତେଜଣ ଓଡ଼ିଆ ସଂକଳ୍ପବଦ୍ଧ ଉଦ୍ୟମ କରୁଥିଲେ ସେମାନଙ୍କ ମଧ୍ୟରେ କେନ୍ଦ୍ରବିନ୍ଦୁ ଥିଲେ ମଧୁବାବୁ। ଦୀର୍ଘବର୍ଷର ଉଦ୍ୟମକ୍ରମେ ୧୯୩୬ ଏପ୍ରିଲ ପହିଲାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ସୃଷ୍ଟି ହେଲା। କିନ୍ତୁ ଏହାର ୧୨ବର୍ଷ ପରେ ଓଡ଼ିଶା ପାଇଁ ସ୍ୱତନ୍ତ୍ର ଉଚ୍ଚ ନ୍ୟାୟାଳୟ ପ୍ରତିଷ୍ଠା ହେଲା ସେତେବେଳର ରାଜ୍ୟ ରାଜଧାନୀ କଟକରେ।

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପରେ ଓଡ଼ିଶା ପାଇଁ ଉଚ୍ଚ ନ୍ୟାୟାଳୟ ଦାବି ଜୋର ଧରିଥିଲା। ଉଚ୍ଚ ନ୍ୟାୟାଳୟ ଗଠନ ପ୍ରସଙ୍ଗରେ ୧୯୪୨ ଅଗଷ୍ଟ ୧୫ରେ ସେତେବେଳର ଆଡଭୋକେଟ୍ ଜେନେରାଲ ବୀରକିଶୋର ରାୟଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଥିଲା। ଏଥିରେ ଚିନ୍ତାମଣି ଆଚାର୍ଯ୍ୟ, ବିଚିତ୍ରାନନ୍ଦ ଦାସ, ନରସିଂହମ୍ ପ୍ରମୁଖ ସଦସ୍ୟ ଥିଲେ। ଏହି କମିଟି ୧୯୪୩ ଡିସେମ୍ବର ୨୩ ତାରିଖରେ ଓଡ଼ିଶା ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଏହା ଆଧାରରେ ଓଡ଼ିଶା ବିଧାନସଭାରେ ୧୯୪୮ ମାର୍ଚ୍ଚ ୩ ତାରିଖରେ ଉଚ୍ଚ ନ୍ୟାୟାଳୟ ପ୍ରତିଷ୍ଠା ଘେନି ବିଧିବଦ୍ଧ ପ୍ରସ୍ତାବ ଗ୍ରହଣ କରାଯିବା ପରେ କେନ୍ଦ୍ର ସରକାରଙ୍କ ଅନୁମୋଦନ ପାଇଁ ପଠାଯାଇଥିଲା। ସମସ୍ତ ଦିଗକୁ ବିଚାର କରି ସେତେବେଳର ଗଭର୍ଣ୍ଣର ଜେନେରାଲ ଲର୍ଡ ମାଉଣ୍ଟବ୍ୟାଟେନ୍ ଗଭର୍ଣ୍ଣମେଣ୍ଟ ଅଫ୍ ଇଣ୍ଡିଆ ଆକ୍ଟ-୧୯୩୫ ଆଧାରରେ ସେହି ବର୍ଷ ଏପ୍ରିଲ ୩୦ରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ପ୍ରତିଷ୍ଠା ସଂପର୍କିତ ବିଜ୍ଞପ୍ତି ଜାରି କରିଥିଲେ। ତଦନୁଯାୟୀ ୧୯୪୮ ଜୁଲାଇ ୨୬ ତାରିଖ ସକାଳ ୯ଟା ବେଳେ କଟକରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ବିଧିବଦ୍ଧ ଭାବେ ଉଦ୍‌ଘାଟିତ ହୋଇଥିଲା। ଏହି ଉତ୍ସବରେ ସେତେବେଳର ଫେଡେରାଲ କୋର୍ଟ ଅଫ୍ ଇଣ୍ଡିଆର ମୁଖ୍ୟ ବିଚାରପତି ସାର୍ ହୀରାଲାଲ ଜୟକିଶନ ଦାସ କେନିୟା, ଓଡ଼ିଶାର ରାଜ୍ୟପାଳ ଆସଫ୍ ଅଲ୍ଲୀ, ବଙ୍ଗଳାର ରାଜ୍ୟପାଳ କୈଳାସ ନାଥ କାଟ୍‌ଜୁ, ପାଟନା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ସି.ଏମ୍. ଅଗ୍ରୱାଲ୍, ଓଡ଼ିଶାର ପ୍ରଧାନମନ୍ତ୍ରୀ ହରେକୃଷ୍ଣ ମହତାବ ପ୍ରମୁଖ ଯୋଗ ଦେଇଥିଲେ। ସେବେଠାରୁ କଟକରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ କାର୍ଯ୍ୟ କରୁଛି। ଇତିମଧ୍ୟରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଉଚ୍ଚ ନ୍ୟାୟାଳୟ ବେଞ୍ଚ୍ ପ୍ରତିଷ୍ଠା ଲାଗି ସ୍ୱର ଉଠିଆସୁଛି। ଏ ପ୍ରସଙ୍ଗରେ ଅନୁଧ୍ୟାନ କରିବା ପାଇଁ ରାଜ୍ୟ ସରକାର ଜଷ୍ଟିସ୍ ସି.ଆର୍. ପାଲ୍ ଆୟୋଗ ଗଠନ କରିଥିଲେ ମଧ୍ୟ ଏହି ଆୟୋଗଙ୍କ ରିପୋର୍ଟ ଏଯାବତ୍ ସୂର୍ଯ୍ୟାଲୋକ ଦେଖିନାହିଁ।

ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପ୍ରଥମ ମୁଖ୍ୟ ବିଚାରପତି ଭାବେ ବୀରକିଶୋର ରାୟ ଦାୟିତ୍ୱ ଗ୍ରହଣ କରିଥିଲେ। ତାଙ୍କ ସମୟରେ ଲିଙ୍ଗରାଜ ପାଣିଗ୍ରାହୀ, ଆର.ଏଲ୍. ନରସିଂହମ୍ ଓ ବି. ଜଗନ୍ନାଥ ଦାସ ଉଚ୍ଚ ନ୍ୟାୟାଳୟର ବିଚାରପତି ଭାବେ କାମ କରୁଥିଲେ। ଓଡ଼ିଶା ଉଚ୍ଚ ନ୍ୟାୟାଳୟ ପାଇଁ ମଞ୍ଜୁରୀପ୍ରାପ୍ତ ବିଚାରପତି ପଦବୀ ସଂଖ୍ୟା ୪ରୁ ବଢ଼ିବଢ଼ି ୩୩ରେ ପହଞ୍ଚିଛି। ଅବଶ୍ୟ ଏଥିରୁ ଏବେ ପ୍ରାୟ ଅଧା ଖାଲି ପଡ଼ିଛି। ଇତିମଧ୍ୟରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ୩୫ଜଣ ମୁଖ୍ୟ ବିଚାରପତି କାର୍ଯ୍ୟ କଲେଣି। ସେମାନଙ୍କ ମଧ୍ୟରୁ ଅନ୍ୟୂନ ୧୨ଜଣ ବିଭିନ୍ନ ସମୟରେ ସୁପ୍ରିମକୋର୍ଟର ବିଚାରପତି ହୋଇଛନ୍ତି। ରଙ୍ଗନାଥ ମିଶ୍ର, ଗୋପାଳ ବଲ୍ଲଭ ପଟ୍ଟନାୟକ, ଦୀପକ ମିଶ୍ରଙ୍କ ଭଳି ବିଚାରପତିମାନେ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଆସନ ଅଳଙ୍କୃତ କରିଛନ୍ତି। ଅନେକ ବିଚାରପତି ବିଭିନ୍ନ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଓ ବିଚାରପତି ଭାବେ ଦକ୍ଷତାର ସହ କାର୍ଯ୍ୟ କରିଆସିଛନ୍ତି। କିନ୍ତୁ ବର୍ତ୍ତମାନ ସୁପ୍ରିମକୋର୍ଟରେ କୌଣସି ଓଡ଼ିଆ ବିଚାରପତି ନାହାନ୍ତି। ଦୀର୍ଘ ୭୭ବର୍ଷ ମଧ୍ୟରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ମାତ୍ର ୩ଜଣ ମହିଳା ବିଚାରପତି ପଦବୀ ଅଳଙ୍କୃତ କରିଛନ୍ତି। ଏମାନେ ହେଲେ ଅମୀୟ କୁମାରୀ ପାଢ଼ୀ, କୁମାରୀ ସଞ୍ଜୁ ପଣ୍ଡା ଓ ବର୍ତ୍ତମାନର କାର୍ଯ୍ୟରତ ବିଚାରପତି ସାବିତ୍ରୀ ରଥ। ଆଶା କରାଯାଏ ଆଗାମୀ ଦିନରେ ଅଧିକରୁ ଅଧିକ ଓଡ଼ିଆ ଝିଅ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ସମେତ ଦେଶର ବିଭିନ୍ନ ଉଚ୍ଚ ନ୍ୟାୟାଳୟ ଓ ସୁପ୍ରିମକୋର୍ଟର ବିଚାରପତି ହେବେ।

ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ମାମଲା ସଂଖ୍ୟା ୩୦.୦୪.୨୦୨୫ ସୁଦ୍ଧା ୧, ୫୦, ୪୦୪ ରହିଥିବା ଜଣାପଡ଼ିଛି। ଏଥିମଧ୍ୟରୁ ରିଟ୍ ପିଟିସନ୍ ସଂଖ୍ୟା ୬୮ ହଜାରରୁ ଅଧିକ ଥିବାବେଳେ ଅଦାଲତ ଅବମାନନା ମାମଲା ସଂଖ୍ୟା ୧୦, ୩୭୯। ଆମ ଉଚ୍ଚ ନ୍ୟାୟାଳୟରେ ୩୦ ହଜାରରୁ ଅଧିକ ଆପରାଧିକ ମାମଲା ଏବେ ବିଚାର ପ୍ରତୀକ୍ଷାରେ ରହିଛି। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ନିଜସ୍ୱ ଏକ ସଂଗ୍ରହାଳୟ ରହିଛି। ଏଥିରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବହୁ ପୁରୁଣା ବିରଳ ତଥ୍ୟ ଦେଖିବାକୁ ମିଳେ। ୨୦୧୧ ମସିହାରେ ସଂସଦରେ ପାରିତ ବିଲ୍ ମୁତାବକ ସମ୍ବିଧାନ ସଂଶୋଧନ କରାଯାଇ ସ୍ୱତନ୍ତ୍ର ଆଇନ୍ ବଳରେ ଆମ ରାଜ୍ୟର ନାମ 'ଓରିଶା'ରୁ 'ଓଡ଼ିଶା' ଏବଂ ମାତୃଭାଷାର ନାମ 'ଓରିଆ'ରୁ 'ଓଡ଼ିଆ' ହେଲା। ଏହାପରେ ସବୁ ଦପ୍ତର ଓ ଅନୁଷ୍ଠାନରେ ନାମ ସଂଶୋଧିତ ହୋଇଥିଲେ ମଧ୍ୟ ଏଯାବତ୍ ଆମ ଉଚ୍ଚ ନ୍ୟାୟାଳୟଙ୍କ ନାମରେ ପୂର୍ବବତ୍ 'ଓରିଶା' ଲେଖାଯାଉଛି। ୧୪ବର୍ଷ ଧରି ଏହା 'ଓଡ଼ିଶା'କୁ ସଂଶୋଧିତ ହୋଇପାରି ନାହିଁ।

ଭୁବନେଶ୍ୱର, ମୋ: ୯୪୩୭୦୧୭୩୯୫

## ହସର ପ୍ରକାରଭେଦ

ଡ. ସୀତାକାନ୍ତ ତ୍ରିପାଠୀ

କାନ୍ଦିବା ହେଉଛି ମଣିଷର ସହଜାତ ପ୍ରବୃତ୍ତି। ଶିଶୁଟିଏ ଜନ୍ମ ହେଉହେଉ କାନ୍ଦିବା ଆରମ୍ଭ କରିଥାଏ। ଆଉ ଯଦି କୌଣସି କାରଣରୁ ଶିଶୁଟି କାନ୍ଦି ନଥାଏ, ତେବେ ସଙ୍ଗେ ସଙ୍ଗେ ଡାକ୍ତରଙ୍କୁ ପରାମର୍ଶ କରିବା ପାଇଁ କୁହାଯାଇଥାଏ। ଆଧ୍ୟାତ୍ମବାଦୀଙ୍କ ମତରେ ସଂସାର ଦୁଃଖମୟ। ତେଣୁ ଏହି ଦୁଃଖମୟ ସଂସାରରେ ଅବତରଣ କରୁକରୁ ଶିଶୁ କାନ୍ଦିଥାଏ। ଧୀରେ ଧୀରେ ଶିଶୁଟିର ଆତ୍ମଜ୍ଞାନ କମି ସାଂସାରିକ ଜ୍ଞାନ ବଢ଼ି ବଢ଼ି ଚାଲେ। ମା', ବାପା, ପରିବାର, ଆତ୍ମୀୟସ୍ୱଜନଙ୍କ ସ୍ନେହ ଶ୍ରଦ୍ଧାରେ ବାନ୍ଧି ହୋଇଯାଇ ସେମାନଙ୍କୁ ଦେଖିଲେ କିମ୍ବା ସେମାନଙ୍କ କଥା ଶୁଣିଲେ ହସି ପକାଏ। ଅଧିକାଂଶ କ୍ଷେତ୍ରରେ ସେତେବେଳକୁ ଶିଶୁଟିର ଦାନ୍ତ ଉଠିନଥାଏ। ଶିଶୁର ଦରୋଟି ହସ ଦେଖିଲେ ସମସ୍ତଙ୍କର ପେଟ ପୂରିଯାଏ। ତାକୁ କୋଳାଗ୍ରତ କରି ତା' ମୁହଁରେ ହସ ଦେଖିବାକୁ ସଭିଏଁ ଚାହିଁ ଥା'ନ୍ତି।

ତେବେ ନିଷ୍ପାପ ଶିଶୁର ହସ ଧୀରେ ଧୀରେ କାର୍ଯ୍ୟ-କାରଣ ସମ୍ପର୍କିତ ହୋଇଯାଏ, ଯାହା ବୟସକ୍ରମେ ସ୍ଥାନ, କାଳ ଓ ପାତ୍ରର ହିସାବ କରାଯାଇ ମାପଚୁପ କରାଯାଏ। କେଉଁଠି ହସିବ, କେତେବେଳେ ଆଉ କେତେ ସମୟ ହସିବ, କେମିତି ହସିବ ତା'ର ବିଚାର କରାଯାଏ। ଯେଉଁମାନେ ଏହାର ଉପଯୁକ୍ତ ବିଚାର କରିପାରନ୍ତି ନାହିଁ ସେମାନଙ୍କୁ ଆମେ ପାଗଳ, ଅହଂକାରୀ, ମାୟାବୀ, ଚୁପ୍ ସଇତାନ ଆଦି ବିଭିନ୍ନ ନାମରେ ନାମିତ କରିଥାଉ। ହସର ସ୍ୱର-ଶବ୍ଦ ଶୁଣି ଆମେ ଏହାକୁ ବିଭିନ୍ନ ନାମ ଦେଇ ବର୍ଣ୍ଣନା କରିଥାଉ ଯଥା; ଅଟ୍ଟହାସ୍ୟ, ବିଦ୍ରୂପ ହସ, ଘୋଡ଼ାହସ, ସ୍ମିତହାସ୍ୟ, ଶୁଖିଲା ହସ, କୃତଜ୍ଞତା ହସ, ଦେଖାଣିଆ ହସ ଇତ୍ୟାଦି। ଦେଖା ହସର ଅର୍ଥ ହେଉଛି ଅନ୍ୟ ଜଣେ ହସୁଥିବାର ଦେଖି କିଛି ନ ବୁଝିଶୁଝି ହସିଦେବା କିମ୍ବା ଅନ୍ୟଜଣେ କାଳେ ଖୁସି ହେବ ସେଥିପାଇଁ ମଧ୍ୟ ନିଜର ଅନ୍ତରର ଦୁଃଖ ଓ କୋହକୁ ଚାପି ଅନା ଆଗରେ ଖୁସି ହେବାର ଅଭିନୟ କରି ହସିବା। ତେବେ ଅନ୍ୟମାନଙ୍କର ହସ ଦେଖି ତା'ର ତାତ୍ପର୍ଯ୍ୟ ନ ବୁଝି ହସିବା ବୋକାମୀ।

ମହାଭାରତରେ ବର୍ଣ୍ଣିତ କାହାଣୀ ଅନୁଯାୟୀ ଥରେ ମହାମାନୀ ଦୁର୍ଯ୍ୟୋଧନ ପରିଶ୍ରା କରିସାରି ଆସିବା ବେଳକୁ ହସିଲେ। ଯାହାକୁ ଦେଖି ତାଙ୍କର ଅମାତ୍ୟ ଜଣକ ମଧ୍ୟ ହସିଲା। ଏକଥା ଦେଖି ଦୁର୍ଯ୍ୟୋଧନ ରାଗିଯାଇ ହସର କାରଣ ପଚାରିଲେ। କିନ୍ତୁ ଅମାତ୍ୟ ଜଣକ ଏହାର ସଠିକ ଉତ୍ତର ଦେଇ ନପାରିବାରୁ ତାକୁ ଉତ୍ତର ଦେବା ପାଇଁ ସାତ ଦିନର କଣ୍ଟ ଦେଇଥିଲେ ଦୁର୍ଯ୍ୟୋଧନ। ତେବେ ବନ୍ଦୀ ଅବସ୍ଥାରେ ଥିବା ଶକୁନି ଉକ୍ତ ଅମାତ୍ୟକୁ ଡାକି ସଠିକ୍ ଉତ୍ତର ଦେଇ କହିଲେ 'ବରଗଛ ଏତେବଡ଼ ହୋଇଥିଲେ ମଧ୍ୟ ତା'ର ଫଳ ଆପଣଙ୍କ ପରିସ୍ରାରେ ଭାସିଯିବାର ଦେଖି ଆପଣ ହସୁଥିଲେ।' ଏକଥା ଶୁଣି ଦୁର୍ଯ୍ୟୋଧନ ତାଜୁବ ହେଲେ ଏବଂ ଏ ବୁଦ୍ଧି ଅମାତ୍ୟକୁ କିଏ ଦେଲା ବୋଲି ଜାଣିବାକୁ ଚାହିଁଲେ। ଶେଷରେ ଉକ୍ତ ପ୍ରଶ୍ନର ସଠିକ ଉତ୍ତରଦାତା ଶକୁନି ବୋଲି ଜାଣିବା ପରେ ତାଙ୍କୁ ସିଏ ନିଜର ମୁଖ୍ୟ ପରାମର୍ଶଦାତା ଭାବେ ନିଯୁକ୍ତ କରିଥିଲେ, ଯାହା ତାଙ୍କର ବଂଶବିନାଶର ମୁଖ୍ୟ କାରଣ ଥିଲା। କାରଣ ନଥାଇ ହସିବା କିମ୍ବା ହସର କାରଣ ଖୋଜି ହେବା ଉଭୟ ମଣିଷ ପାଇଁ ଦୁଃଖଦାୟକ ହୋଇଥାଏ।

ତେବେ ଅନ୍ୟକୁ ବ୍ୟଙ୍ଗ କରି ହସିବା ଦ୍ୱାରା ତାହା ପ୍ରାଣଘାତକ ହୋଇଥାଏ। କାରଣ ଯାହାକୁ ଲକ୍ଷ୍ୟ କରି କିମ୍ବା ବିଦ୍ରୂପ କରି ମଣିଷ ହସିଥାଏ ସିଏ ପ୍ରତିହିଂସାର ବହ୍ନିରେ ହସିଥିବା ବ୍ୟକ୍ତିକୁ ଜାଳିପୋଡ଼ି ଦେଇଥାଏ। ଥରେ ମହାମାନୀ ଦୁର୍ଯ୍ୟୋଧନ ରାଜପ୍ରାସାଦ ମଧ୍ୟରେ ଚାଲୁଚାଲୁ ତାଙ୍କ ପାଦ ଖସିଗଲା, ଯାହାକୁ ଦେଖି ରାଣୀ ଦ୍ରୌପଦୀ ହସି ଦେଲେ ଆଉ ତାଙ୍କ ପାଟିରୁ ବାହାରି ଗଲା 'ଅନ୍ଧ ପୁତ୍ର ଅନ୍ଧ'। ଯେଉଁଥିପାଇଁ ତାଙ୍କୁ ଭବିଷ୍ୟତରେ ବହୁମୂଲ୍ୟ ଦେବାକୁ ପଡ଼ିଥିଲା।

ଅନ୍ୟପକ୍ଷରେ ଅନେକ ସମୟରେ ଆମକୁ ଶୁଖିଲା ହସ ହସିବାକୁ ପଡ଼ିଥାଏ। କେଉଁଠି ନିଜର ଦୁଃଖକୁ ଚାପି ଅନ୍ୟ ଆଗରେ ନିଜକୁ ଖୁସି ପ୍ରମାଣିତ କରିବା ପାଇଁ ହେଉ କିମ୍ବା ନିଜର ଉପରିସ୍ଥ କର୍ମଚାରୀ ଏବଂ ଉଚ୍ଚପଦସ୍ଥ ବ୍ୟକ୍ତିବିଶେଷକୁ ଖୁସି କରିବା ପାଇଁ ତାଙ୍କ ହସରେ ତାଳ ଦେଇ ହସିବା ପାଇଁ ଅନେକ ଲୋକ ଉଚିତ ମଣିଥା'ନ୍ତି। ଏହାକୁ ନିଜ ଇଚ୍ଛା ବିରୁଦ୍ଧରେ ହସିବା ଭାବେ ଉଲ୍ଲେଖ କରାଯାଇ ଥାଏ। ସବୁଠୁ ବଡ଼ କଷ୍ଟ ହେଉଛି ମାୟାବୀ ହସ, ଯାହାର ଅର୍ଥ ହେଉଛି ଅନ୍ୟମାନଙ୍କ ଖୁସିରେ ଖୁସିହୋଇ ହସି ଖେଳି ସେମାନଙ୍କ ପାଖରୁ ଉକ୍ତ ସୁଖର କାରଣ ଖୋଜିବା। ପରବର୍ତ୍ତୀ ସମୟରେ ଉକ୍ତ ବ୍ୟକ୍ତିବିଶେଷଙ୍କୁ ଦୁଃଖୀ କରିବା ପାଇଁ ଯତ୍‌ପରୋନାସ୍ତି ଚେଷ୍ଟା କରିବା। ଏହାକୁ ସରଳ ଭାବରେ କୁହାଯାଏ 'ଉପରେ ହସି ଭିତରେ ଅସି'। ଅର୍ଥାତ୍ ହସହସ ମୁହଁ ପ୍ରଚ୍ଛଦରେ ଥାଏ ଖଣ୍ଡା, ଯାହାଦ୍ୱାରା ଅନ୍ୟର ସୁଖ ସ୍ୱାଚ୍ଛନ୍ଦ୍ୟକୁ ସିଏ ବିନଷ୍ଟ କରିବା ପାଇଁ ପ୍ରୟାସ କରୁଥାଏ। ତେଣୁ ହସ ଯଦି ନିଜର ଖୁସି ସହିତ ଅନ୍ୟମାନଙ୍କ ଖୁସିର ସନ୍ତକ ହୋଇ ପାରିବ, ତା'ହେଲେ ଏହାର ମହତ୍ତ୍ୱ ବହୁଗୁଣିତ ହୋଇ ପାରିବ। ତେବେ ଅନ୍ୟ ଦୁଃଖରେ ହସିବା କିମ୍ବା ହସିବା ଛଳରେ ଅନ୍ୟକୁ ବିଦ୍ରୂପ କରିବା କିମ୍ବା ହସରେ ସାମିଲ ହୋଇ ପରଛିଦ୍ର ଖୋଜିବା ଶାସ୍ତ୍ରାନୁଯାୟୀ ବର୍ଜନୀୟ। ଯେମିତି କାନ୍ଦିଲେ ମଣିଷର ଅନେକ ଦୁଃଖ ଯନ୍ତ୍ରଣା ପରିପ୍ରକାଶ ହେବା ସହିତ ତାହା ଉପଶମ ହୋଇଯାଏ, ସେହିଭଳି ହସିଲେ ମଣିଷର ଆୟୁ ବହୁଗୁଣିତ ହୋଇଯାଏ ବୋଲି ଚିକିତ୍ସାବିଜ୍ଞାନୀମାନଙ୍କର ମତ। ହସହସ ମୁହଁ ମଧ୍ୟ ଅନ୍ୟମାନଙ୍କୁ ଆକୃଷ୍ଟ କରିବାର ବଳିଷ୍ଠ ମାଧ୍ୟମ। କଂସର ଅଟ୍ଟହାସ୍ୟ ଆଗରେ ଶ୍ରୀକୃଷ୍ଣଙ୍କ ସ୍ମିତହାସ୍ୟ କାଳଜୟୀ ତଥା ଭୟକୁ ସାମ୍ନା କରିବାର ପ୍ରତୀକ ମାତ୍ର। ତେଣୁ ଶଠେଶାଠ୍ୟଂ ସମୁହ୍ୟେତେ ନ୍ୟାୟରେ ଅପରର ହସକୁ ମଧ୍ୟ ନିଜର ହସ ମାଧ୍ୟମରେ ସାମ୍ନା କରିବା ବଳିଷ୍ଠ ବ୍ୟକ୍ତିର ନମୁନା ମାତ୍ର।

ଭଦ୍ରକ, ୯୭୭୮୭୬୪୩୯୪

## ନଖ କାମୁଡ଼ିବା ଅଶୁଭ ନା ବିକାର?

ବେଦ-ବିଜ୍ଞାନ

ଓଜସ୍ୱିନୀ

ଆମର ବିଭିନ୍ନ ପୁରାଣ ଓ ନୀତି ଶାସ୍ତ୍ରରେ କନ୍ୟାସନ୍ତାନମାନଙ୍କ ପାଇଁ ଉଦ୍ଦିଷ୍ଟ ଅନେକ ନୀତିନିୟମ ଭିତରେ କେଶ ଓ ନଖ କାଟିବା ଭଳି ଦିନଚର୍ଯ୍ୟା ସାମିଲ୍ ଅଛି। କେଉଁ ଦିନ, କେଉଁ ସମୟରେ ନଖ କଟାଯିବ, ନଖ କାଟିବା ପରେ କେଉଁଠି ପକାଯିବ ଇତ୍ୟାଦି ଇତ୍ୟାଦି। ସେହିଭଳି ଦାନ୍ତରେ ନଖ କାମୁଡ଼ିବା ବଦଭ୍ୟାସକୁ ମଧ୍ୟ ବାରଣ କରାଯାଇଛି। ଏହି କଟକଣା ଉଭୟ ପୁରୁଷ ଓ ମହିଳାଙ୍କ କ୍ଷେତ୍ରରେ ଲାଗୁ ହୋଇଥାଏ। ଜ୍ୟୋତିଷଶାସ୍ତ୍ର ଅନୁସାରେ ଶରୀରର ପ୍ରତ୍ୟେକ ଅଙ୍ଗପ୍ରତ୍ୟଙ୍ଗରେ ନିର୍ଦ୍ଦିଷ୍ଟ ଭାବେ ଦେବଦେବୀଙ୍କ ବାସ ରହିଛି। ଏହା ସହିତ ଗ୍ରହଗୁଡ଼ିକ ମଧ୍ୟ ଶରୀର ସହିତ ଜଡ଼ିତ। ନଖ ସହିତ ମା' ଲକ୍ଷ୍ମୀ ଓ ଶନିଗ୍ରହଙ୍କୁ ଯୋଡ଼ା ଯାଇଛି। ତେଣୁ ଗୁରୁବାର ଓ ଶନିବାର ନଖ କାଟିବାକୁ ବାରଣ କରାଯାଇଛି।

ବିଶେଷଭାବେ ତର୍ଜନୀ ଆଙ୍ଗୁଠିର ନଖ ଭାଙ୍ଗିଯିବା ଅଶୁଭ ବୋଲି କୁହାଯାଏ। ତେଣୁ ବାରମ୍ବାର ଏହି ନଖ ଭାଙ୍ଗିବା, ଶନିବାର ଦିନ ନଖ କାଟିବା କିମ୍ବା ଦାନ୍ତରେ କାମୁଡ଼ିବା ଦ୍ୱାରା ଜାତକରେ ଶନିଗ୍ରହର ସ୍ଥିତି ଦୁର୍ବଳ ହୋଇଥାଏ। ଏହା ଯୋଗୁଁ ବ୍ୟକ୍ତି ସମସ୍ୟାଘେରକୁ ଆସିଥାଏ ଏବଂ ସାମାଜିକ କ୍ଷେତ୍ରରେ ଉନ୍ନତି ବାଧାପ୍ରାପ୍ତ ହୋଇଥାଏ। ମଧ୍ୟମା ଆଙ୍ଗୁଠି ଆମର ମାନସିକ ସ୍ୱାସ୍ଥ୍ୟକୁ ସୂଚାଉଥିବା ବେଳେ ଅନାମିକା ଆଙ୍ଗୁଠି ଆମର ଭାବନାକୁ ଦର୍ଶାଇଥାଏ। ତେଣୁ ଏସବୁ ଆଙ୍ଗୁଠିର ନଖକୁ ସବୁବେଳେ କାମୁଡ଼ିବା ଦ୍ୱାରା ମାନସିକ ସ୍ଥିତି ଓ ଭାବନାତ୍ମକ ଦିଗ ପ୍ରଭାବିତ ହୁଏ, ଯାହାର ସିଧାସଳଖ ପ୍ରଭାବ ଆଧ୍ୟାତ୍ମ ଚେତନା ଉପରେ ପଡ଼େ। ଏହା ଯୋଗୁଁ ବ୍ୟକ୍ତି ଧୀରେ ଧୀରେ ନକାରାତ୍ମକ ଶକ୍ତି ଦ୍ୱାରା ଘେରି ହୋଇଯାଏ। ସେହିପରି କନିଷ୍ଠ ଆଙ୍ଗୁଠିର ନଖ କାମୁଡୁଥିବା ବ୍ୟକ୍ତିର ଦାମ୍ପତ୍ୟ ଜୀବନ ସମସ୍ୟାବହୁଳ ହୋଇଥାଏ ବୋଲି ଜ୍ୟୋତିଷଶାସ୍ତ୍ରର ମତ ରହିଛି। ଏସବୁବ୍ୟତୀତ ଦାନ୍ତରେ ନଖ କାମୁଡ଼ି ଘରର ଏଣେତେଣେ ପକାଇବା ଦ୍ୱାରା ମା' ଲକ୍ଷ୍ମୀଙ୍କ କୋପଦୃଷ୍ଟି ପଡ଼େ। ଘରେ ଦରିଦ୍ରତା ବାସ କରେ। ଏହି କାରଣରୁ ଏଭଳି କାର୍ଯ୍ୟ ଆଧ୍ୟାତ୍ମ ଦୃଷ୍ଟିରୁ ଅଶୁଭ ବୋଲି କୁହାଯାଏ।

ବୈଜ୍ଞାନିକ ଦୃଷ୍ଟିକୋଣରୁ ମଧ୍ୟ ନଖ କାମୁଡ଼ିବା ଉଚିତ ନୁହେଁ। ସ୍ୱାସ୍ଥ୍ୟ ବିଜ୍ଞାନୀମାନେ ଏ ସମ୍ପର୍କିତ ଅନେକ ଗବେଷଣା ପରେ ଜାଣିବାକୁ ପାଇଛନ୍ତି ଯେ, ଏହା ହେଉଛି ଶାରୀରିକ ଓ ମାନସିକ ଅସୁସ୍ଥତାର ପରିଚାୟକ। ଏଙ୍ଗଜାଇଟି ଓ ଅବସାଦ ସମୟରେ ନଖ କାମୁଡ଼ିବାକୁ ପ୍ରବଳ ଇଚ୍ଛା ହୋଇଥାଏ। ଏହାକୁ ମଧ୍ୟ 'ଫ୍ରଷ୍ଟ୍ରେସନ୍ ଫିଲିଙ୍ଗ୍‌ସ' କୁହାଯାଏ। ଏଭଳି କରିବା ଦ୍ୱାରା କିଛିସମୟ ପାଇଁ ବ୍ୟକ୍ତି ଶାନ୍ତି ଅନୁଭବ କରିଥାଏ। ନଖ କାମୁଡ଼ିବାର ଆଉ ଏକ କାରଣ ହେଉଛି ଫରଫେକ୍ଟନିଜିମ୍। ଯେଉଁ ବ୍ୟକ୍ତି ପ୍ରତ୍ୟେକ କାମକୁ ପରଫେକ୍ଟ ବା ସର୍ବୋତ୍ତମ କରିବାକୁ ଚାହାନ୍ତି, ସେମାନେ ତୁଳନାତ୍ମକ ଭାବେ ଅଧିକ ନଖ କାମୁଡ଼ିଥା'ନ୍ତି। ଆଉ କେତେଜଣ ବ୍ୟକ୍ତିଙ୍କ କ୍ଷେତ୍ରରେ ଏଡିଏଚ୍‌ଡି, ସେପାରେସନ୍, ଚିନ୍ତା, ଟରିଣ୍ଟ ସିଣ୍ଡ୍ରୋମ୍ ଭଳି ମାନସିକ ବିକାରରେ ନଖ କାମୁଡ଼ିବା ପ୍ରବୃତ୍ତି ଦେଖାଯାଏ। ଜର୍ଣ୍ଣାଲ୍ ଅଫ୍ ବିହେଭିୟର୍ ଥେରାପି ଆଣ୍ଡ ଏକ୍ସପରିମେଣ୍ଟାଲ୍ ସଲେକିୟାଟ୍ରି ପକ୍ଷରୁ କରାଯାଇଥିବା ଗୋଟିଏ ଅଧ୍ୟୟନରୁ ଜଣାପଡ଼ିଛି ଯେ କେତେକ ବ୍ୟକ୍ତି କୌଣସି ସମସ୍ୟାର ସମାଧାନ ନ କରିପାରି ନିଜକୁ ଅସହାୟ ମନେ କରନ୍ତି ଏବଂ ସେହି ମାନସିକ ଅବସ୍ଥାରୁ ଉଦ୍ଧାର ପାଇଁ ନଖ କାମୁଡ଼ିଥା'ନ୍ତି। ଏହାଦ୍ୱାରା ସେମାନେ ମାନସିକ ବିଶ୍ରାମ ପାଉଥିବା ଏବଂ ଭାବନାଗୁଡ଼ିକୁ ନିୟନ୍ତ୍ରଣ କରିପାରୁଛନ୍ତି ବୋଲି ଭାବୁଥିବା ମନୋବିଜ୍ଞାନୀମାନେ ମତ ଦିଅନ୍ତି। ଏହିଭଳି ଭାବେ ବାରମ୍ବାର ନଖ କାମୁଡ଼ିବା ଏକ ଅଭ୍ୟାସରେ ପରିଣତ ହୋଇଯାଏ। ବିଶେଷକରି, ପିଲାମାନଙ୍କ କ୍ଷେତ୍ରରେ ବିଦ୍ୟାଳୟରେ ଏହା ଅଧିକ ଦେଖାଯାଏ।

ବାରମ୍ବାର ନଖ କାମୁଡ଼ିବା ଦ୍ୱାରା ଅନେକ ଶାରୀରିକ ଅସୁସ୍ଥତା ମଧ୍ୟ ଦେଖାଦେଇଥାଏ। ଆମେରିକାନ୍ ଡେଣ୍ଟାଲ୍ ଆସୋସିଏସନ୍‌ର ତଥ୍ୟ ଅନୁସାରେ ବାରମ୍ବାର ନଖ କାମୁଡ଼ିବା ଦ୍ୱାରା ସଂକ୍ରମିତ ହୋଇ ଦାନ୍ତର ଏମାନେଲ୍ କ୍ଷୟ ହୁଏ, ମାଢ଼ି ସଂକ୍ରମିତ ହୋଇ ପାଇରିଆ ଭଳି ସମସ୍ୟା ହୋଇଥାଏ। ନଖରେ ଥିବା ଜୀବାଣୁ ପେଟ ଭିତରକୁ ଯିବା ଦ୍ୱାରା ବିଭିନ୍ନ ପ୍ରକାର ପେଟସମସ୍ୟା ହୋଇଥାଏ। ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ନଖ କାମୁଡୁଥିବା ଅଧିକାଂଶ ବ୍ୟକ୍ତିଙ୍କଠାରେ ବ୍ରୁକ୍ସିଜିମ୍(ଶୋଇବା ସମୟରେ ଦାନ୍ତ ରଗଡ଼ିବା) ନାମକ ଏକ ରୋଗ ହୋଇଥାଏ। କାରଣ ଏହି ବଦଭ୍ୟାସ ଅବଚେତନ ମନରେ ମଧ୍ୟ ସୃଷ୍ଟି ହେଉଥିବାରୁ ନିଦରେ ଶୋଇଥିବା ବେଳେ ସେମାନେ ନଖ କାମୁଡୁଛନ୍ତି ବୋଲି ମନେ କରନ୍ତି। ବ୍ରୁକ୍ସିଜିମ୍ ଉଭୟ ମାନସିକ ଓ ଶାରୀରିକ ଅସୁସ୍ଥତାକୁ ସୂଚିତ କରେ। ଏଣୁ ଶୈଶବରୁ ଏଥିରୁ ନିବୃତି ପାଇଁ ପିତାମାତା ଯତ୍ନଶୀଳ ହେବା ଉଚିତ।

ମୋ: ୯୦୯୦୧୯୪୯୪୩

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଭଲ ପାଇବାର ଦେଲା ଏମିତି ମୂଲ...

## ପ୍ରେମିକ ସହ ମିଶି ପାଳିତ ମା'ଙ୍କୁ ହତ୍ୟା

**ପାରଳାଖେମୁଣ୍ଡି, ୧୫।୫ (ସମିସ):** ଜନ୍ମ ହେବାର ମାତ୍ର ୬ କି' ୭ ଦିନ ହୋଇଥିବ। ଲୋକଲଜ୍ଜା ଭୟରେ ରାସ୍ତାକଡ଼ରେ ଛାଡ଼ି ପଳାଇଥିଲା ଜନ୍ମ କଲା ମା'। ସେଦିନ ସେଇ ଛୁଆର ବିକଳ ରଡ଼ି ଶୁଣି ତାକୁ ଘରକୁ ନେଇ ଆସିବା ସହ ପାଳିପୋଷି ବଡ଼ କରିଥିଲେ ପାଳିତ ମା'। କିନ୍ତୁ ସେଇ ଛୁଆ ବଡ଼ ହେବା ପରେ ପ୍ରେମିକ ସହ ମିଶି ଯେ ତାଙ୍କୁ ହତ୍ୟା କରିବ; ଏକଥା ସେ କଳ୍ପନା ସୁଦ୍ଧା କରିନଥିଲେ। ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ଆଦର୍ଶ ଥାନା ପୁଲିସ୍ ଏଭଳି ଏକ ଜଘନ୍ୟ ହତ୍ୟାକାଣ୍ଡର ପର୍ଦ୍ଦାଫାସ୍ କରିଛି। ଏହି ଘଟଣାରେ ପୁଲିସ୍ ଅଭିଯୁକ୍ତ ପ୍ରେମିକକୁ ଗିରଫ କରିଥିବା ବେଳେ ନାବାଳିକାକୁ ଅଟକ ରଖିଛି। ଏହାସହ ଆଜି ପୁଲିସ୍ ଦୁହିଁଙ୍କୁ ଧରି ସିନ୍-ରିକ୍ରିଏସନ୍ କରାଇଛି। ଆସନ୍ତାକାଲି ଏକ ସାମ୍ବାଦିକ ସମ୍ମିଳନୀରେ ଏ ସଂକ୍ରାନ୍ତରେ ପୁଲିସ୍ ବିସ୍ତୃତ ସୂଚନା ଦେବ ବୋଲି କହିଛି।

ମା' ଓ ନାବାଳିକା ଝିଅ ଭୁବନେଶ୍ୱରରେ ଏକ ଭଡ଼ାଘରେ ରହୁଥିଲେ। ନାବାଳିକାଜଣଙ୍କ ଏକ କଲେଜରେ ପଢ଼ୁଥିଲେ। ତେବେ ଜଣେ ଯୁବକ ସହ ଝିଅର ଅନୈତିକ ସମ୍ପର୍କ ଦେଖି ମା' ଏହାର ପ୍ରତିବାଦ କରିବାରୁ ତାଙ୍କୁ ସବୁଦିନ ପାଇଁ ରାସ୍ତାରୁ ହଟାଇବା ପାଇଁ ଦୁହେଁ ଷଡ଼୍ଯନ୍ତ୍ର ରଚିଥିଲେ। ଖାଦ୍ୟରେ ନିଶା ବଟିକା ଦେଇ ସେମାନେ ମହିଳାଙ୍କୁ ଅଚେତ କରିବା ପରେ ଜଣେ ସହଯୋଗୀ ସହ ମିଶି ପ୍ରେମିକ ମହିଳାଙ୍କ ମୁହଁରେ ତକିଆ ଦେଇ ଶ୍ୱାସରୁଦ୍ଧ କରି ହତ୍ୟା କରିଥିବା ଜଣାପଡ଼ିଛି। ତେବେ ଏହି ହତ୍ୟାକାଣ୍ଡକୁ ହୃଦ୍‌ଘାତଜନିତ ମୃତ୍ୟୁ ଦର୍ଶାଇବା ପାଇଁ ଦୁହେଁ ତାଙ୍କୁ ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ସେଠାରୁ ମୃତ ଶରୀରକୁ ଭୁବନେଶ୍ୱର ନେଇ ପରିବାର, ସମ୍ପର୍କୀୟଙ୍କ ସହଯୋଗରେ ଶେଷକୃତ୍ୟ ସମ୍ପନ୍ନ କରାଇଥିଲା ନାବାଳିକା ଝିଅ। ତେବେ, ପରବର୍ତ୍ତୀ ସମୟରେ ବିଭିନ୍ନ ମାଧ୍ୟମରେ ଉଭୟ ଯୋଗାଯୋଗରେ ରହିଥିବା ବେଳେ ଝିଅ ଓ ପ୍ରେମିକ ବାର୍ତ୍ତାଳାପରୁ ପରିବାରଲୋକଙ୍କ ସନ୍ଦେହ ଉପୁଜିଥିଲା। ଉଭୟଙ୍କ ସୋସିଆଲ ମିଡିଆ ଚାଟ୍‌ରୁ ପରିବାରଲୋକଙ୍କ ସନ୍ଦେହ ଘନୀଭୂତ ହେବାରୁ ସେମାନେ ଏହାର ତଦନ୍ତ ପାଇଁ ପୁଲିସକୁ ଅନୁରୋଧ କରିଥିଲେ। ପୁଲିସ ଘଟଣାର ତଦନ୍ତ କରି ଉଭୟଙ୍କୁ ପଚରାଉଚରା କରିବା ପରେ ଘଟଣା ପଦାକୁ ଆସିଛି। ଅଧିକ ତଦନ୍ତ ପାଇଁ ହତ୍ୟାକାଣ୍ଡ ଘଟାଇଥିବା ଘରକୁ ନେଇ ପୁଲିସ ଘଟଣାର ସିନ ରିକ୍ରିଏସନ କରାଇଛି।

■ ଚାକିରି କରାଇ ଦେବା ନାଁରେ ଠକେଇ

## ପୂର୍ବତନ ବିଧାୟକଙ୍କ ପୁଅ ଗିରଫ

**ଦେଓଗାଁ,୧୫।୫(ସମିସ):** ଠକେଇ ଅଭିଯୋଗରେ ବଲାଙ୍ଗିର ଜିଲ୍ଲା ଦେଓଗାଁ ପୁଲିସ ପୂର୍ବତନ ବିଧାୟକ ପଞ୍ଚାନନ ମିଶ୍ରଙ୍କ ପୁଅ ଅମିତ ବିକ୍ରମ ମିଶ୍ର(୨୯)ଙ୍କୁ ଗିରଫ କରିଛି। ତାଙ୍କ ଘର ସୋନପୁର ଜିଲ୍ଲା ବିନିକା ଥାନା ଅନ୍ତର୍ଗତ ବିନିକା ପାଲିପଡ଼ାରେ। ପୁଲିସ୍ ସୂଚନାନୁସାରେ, ବଲାଙ୍ଗିର ସିଡିଏମ୍‌ଓ ଅଫିସ୍‌ରେ ଚାକିରି କରାଇଦେବା ନାଁରେ ଅମିତ ଦେଓଗାଁ ଥାନା ବହଲି ଗ୍ରାମର ଦିନେଶ ପଟେଲଙ୍କଠାରୁ ୮୯ହଜାର ୨୦୦ଶହ ଟଙ୍କା ନେଇଥିଲେ। ଏପରିକି, ତାଙ୍କୁ ଏକ ଜାଲ୍ ନିଯୁକ୍ତିପତ୍ର ମଧ୍ୟ ଦେଇଥିଲେ। ଏନେଇ ଅଭିଯୋଗ ହେବା ପରେ ପୁଲିସ୍ ଅଭିଯୁକ୍ତକୁ ବିନିକା ଥାନା ଅଞ୍ଚଳରୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି।

## ନିଶ୍ଚିନ୍ତକୋଇଲି ବ୍ଲକ ଅନାସ୍ଥା ନିର୍ବାଚନ ସ୍ଥଗିତ ରଖିବା ଅଗଣତାନ୍ତ୍ରିକ: ବିଜେଡି

**ଭୁବନେଶ୍ୱର,୧୫।୫(ସମିସ):** ମାହାଙ୍ଗା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକ ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଭୋଟ ସ୍ଥଗିତ ରଖିବା ଅଗଣତାନ୍ତ୍ରିକ ବୋଲି ବିଜେଡି ଅଭିଯୋଗ କରିଛି। ଗତ ମେ' ୧୩ ତାରିଖରେ ଅନାସ୍ଥା ଭୋଟ ପାଇଁ ତାରିଖ ସ୍ଥିର ହୋଇଥିଲା। ମାତ୍ର ଯେଉଁଭଳି ଭାବେ ଅନାସ୍ଥା ଭୋଟର ପୂର୍ବଦିନ ଅନାସ୍ଥା ଦାବି କରିଥିବା ପିଆରଆଇ ସଦସ୍ୟମାନେ ଅଚାନକ ଅସୁସ୍ଥ ହୋଇଗଲେ ଓ ନାଟକୀୟ ଢଙ୍ଗରେ ନିର୍ବାଚନ ଅଧିକାରୀ ଛୁଟିରେ ରହିଲେ, ଏହା ସମ୍ବିଧାନ ଓ ଗଣତନ୍ତ୍ର ପ୍ରତି କୁଠାରଘାତ ଅଟେ। ଏହାସହ ବ୍ଲକ ଅଧ୍ୟକ୍ଷ ଓ ତାଙ୍କ ସମର୍ଥକ ପିଆରଆଇ ସଦସ୍ୟମାନଙ୍କୁ ମାହାଙ୍ଗା ବିଧାୟକଙ୍କ ସମର୍ଥକ ଅସାମାଜିକ ବ୍ୟକ୍ତିମାନଙ୍କ ଦ୍ୱାରା ଅଶ୍ଳୀଳ ଭାଷାରେ ଗାଳିଗୁଲଜକୁ ବିଜେଡି ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି।



ଶଙ୍ଖ ଭବନଠାରେ ଗୁରୁବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଡ଼ଃ ଲେଖାଶ୍ରୀ ସାମନ୍ତସିଂହାର କହିଥିଲେ ଯେ ମାହାଙ୍ଗା ବିଧାୟକ ଶ୍ରୀ ସାରଦା ପ୍ରଧାନଙ୍କ ପ୍ରରୋଚନାରେ ତାଙ୍କର କିଛି ସମର୍ଥକ ପିଆରଆଇ ସଦସ୍ୟ ନିଶ୍ଚିନ୍ତକୋଇଲି ବ୍ଲକ ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ ଏବଂ ଅନାସ୍ଥା ଭୋଟ ପାଇଁ ମେ' ୧୩ ତାରିଖ ଧାର୍ଯ୍ୟ ହୋଇଥିଲା। କିନ୍ତୁ ଅଚାନକ ଅତ୍ୟନ୍ତ ସନ୍ଦେହଜନକ ଭାବେ ମେ'

■ ସମର୍ଥନ ଜୁଟାଇ ନ ପାରିବା ପରେ ଅସୁସ୍ଥତାର ନାଟକ
■ ପ୍ରଶାସନ ସାଜିଛି ସରକାରୀ ଦଳର ହାତବାରିସୀ
■ ବାରମ୍ବାର ନିର୍ବାଚନ ତାରିଖ ଘୁଞ୍ଚାଇବା ଅସାମ୍ବିଧାନିକ

୧୨ ତାରିଖ ଦିନ ଅନାସ୍ଥା ଆଣିଥିବା ପିଆରଆଇ ସଦସ୍ୟମାନେ ଅସୁସ୍ଥ ହୋଇ ହସ୍ପିଟାଲ୍‌ରେ ଭର୍ତ୍ତି ହୋଇଗଲେ। ଅନାସ୍ଥା ଆଣିଥିବା ପିଆରଆଇ ସଦସ୍ୟମାନେ ପ୍ରକୃତରେ ଅନାସ୍ଥା ଭୋଟରେ ଆବଶ୍ୟକ ସମର୍ଥନ ଜୁଟାଇ ପାରିବାରେ ବିଫଳ ହେବା ପରେ ଅସୁସ୍ଥତାର ନାଟକ କରିଥିଲେ ବୋଲି ସ୍ପଷ୍ଟ ଜଣାପଡୁଥିଲେ। ଏହାସତ୍ତ୍ୱେ ପ୍ରଶାସନ ସରକାରୀ ଦଳର ହାତବାରିସୀ ହୋଇ କାମ କରିବା ଅଗଣତାନ୍ତ୍ରିକ ଓ ନିନ୍ଦନୀୟ। ଆଶ୍ଚର୍ଯ୍ୟର ବିଷୟ ଯେ ଏହି ଅନାସ୍ଥା ଭୋଟ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରା ମନୋନୀତ ହୋଇଥିବା ନିର୍ବାଚନ ଅଧିକାରୀ ଜଣେ ଡେପୁଟୀ କଲେକ୍ଟର, ଅଚାନକ ଛୁଟିରେ ଚାଲି ଯାଇଥିଲେ। ନିର୍ବାଚନ ଅଧିକାରୀ ଅଚାନକ ଛୁଟିରେ ଚାଲିଯିବା ଘଟଣାକୁ ଅଧିକ ସନ୍ଦେହ ଘେରକୁ ଆଣିଛି ଓ ପ୍ରଶାସନ ସରକାରୀ ଦଳର ହାତବାରିସୀ ଭାବେ କାମ କରୁଥିବା ସ୍ପଷ୍ଟ ହୋଇଛି। ସ୍ଥାନୀୟ ବିଧାୟକଙ୍କ ଇଙ୍ଗିତରେ ଏହି ସବୁ କାର୍ଯ୍ୟ ହେଉଥିବା ବେଳେ, ପ୍ରଶାସନ ଅଗଣତାନ୍ତ୍ରିକ କାର୍ଯ୍ୟରେ ସହାୟତା କରୁଛି ବୋଲି ଡ଼ଃ ସାମନ୍ତସିଂହାର ଅଭିଯୋଗ କରିଥିଲେ।

ସେ ଆହୁରି କହିଥିଲେ ଯେ ପିଆରଆଇ ସଦସ୍ୟମାନେ ଯେପରି ଅନାସ୍ଥା ସପକ୍ଷରେ ଭୋଟ ଦେବେ, ସେହି ଉଦ୍ଦେଶ୍ୟ ରଖି ଅନାସ୍ଥା ନିର୍ବାଚନକୁ ଘୁଞ୍ଚାଯାଇ ସେମାନଙ୍କ ଉପରେ ଚାପ ପ୍ରୟୋଗ କରାଯାଉଛି। ନିର୍ବାଚନ ବ୍ୟବସ୍ଥା ଅନୁଯାୟୀ ଅନାସ୍ଥା ଭୋଟ ତାରିଖକୁ ବାରମ୍ବାର ଘୁଞ୍ଚାଇବା ନିୟମ ନ ଥିଲେ ମଧ୍ୟ ଏହାକୁ ଜୋର୍‌ଜବରଦସ୍ତି କରାଯାଉଛି, ଯାହା ଗଞ୍ଜାମ ଜିଲ୍ଲାର କୁକୁଡ଼ାଖଣ୍ଡି ବ୍ଲକରେ ଦେଖିବାକୁ ମିଳିଛି। ସରକାରୀ ଦଳ ଦ୍ୱାରା ରାଜ୍ୟରେ ଏଭଳି ଅଗଣତାନ୍ତ୍ରିକ କାର୍ଯ୍ୟ ଜାରି ରହିଛି। ତେଣୁ ସମଗ୍ର ଘଟଣାକ୍ରମର ନିରପେକ୍ଷ ତଦନ୍ତ ହେବାର ଆବଶ୍ୟକତା ରହିଛି ବାଲି ଡ଼ଃ ସାମନ୍ତସିଂହାର କହିଛନ୍ତି।

## ଅବଶିଷ୍ଟାଂଶ

### ଆଜିଠୁ ବଢ଼ିବ...

ଆଭ୍ୟନ୍ତରୀଣ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରାୟ ୨-୩ ଡିଗ୍ରୀ ସେଲସିୟସ୍ ହ୍ରାସ ପାଇଛି। ତେବେ ଶୁକ୍ରବାର ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି ଜିଲ୍ଲାରେ ଉଷ୍ମ ଓ ଆର୍ଦ୍ର ସ୍ଥିତି ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ସେହିପରି ମୟୂରଭଞ୍ଜ, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ନୟାଗଡ଼, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ମଧ୍ୟାହ୍ନ/ସନ୍ଧ୍ୟା ସମୟରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ ଝଟକା ପବନର ବେଗ ୪୦-୫୦ କିଲୋମିଟର ପ୍ରତି ଘଣ୍ଟା ହେବାର ସମ୍ଭାବନା ରହିଛି। ଏହାସହିତ ନୂଆପଡା, ବଲାଙ୍ଗୀର, ବୌଦ୍ଧ, ଅନୁଗୋଳ, କେନ୍ଦୁଝର, ସୋନପୁର, କଳାହାଣ୍ଡି, କନ୍ଧମାଳ, ଖୋର୍ଦ୍ଧା ଏବଂ ପୁରୀ ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ ଝଟକା ପବନର ବେଗ ୩୦-୪୦ କିଲୋମିଟର ପ୍ରତି ଘଣ୍ଟା ହେବାର ସମ୍ଭାବନା ରହିଛି। ଯାହାକୁ ନେଇ ଏସବୁ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ଅନ୍ୟପଟେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଶୁକ୍ରବାର ଦକ୍ଷିଣ-ପୂର୍ବ ଆରବ ସାଗରର କିଛି ଅଂଶ, ମାଳଦ୍ୱୀପ ଏବଂ କୋମୋରିନ୍ କ୍ଷେତ୍ର ଏବଂ ଦକ୍ଷିଣ ବଙ୍ଗୋପସାଗରର କିଛି ଅଂଶ, ଆଣ୍ଡାମାନ ଦ୍ୱୀପପୁଞ୍ଜ ଏବଂ ଆଣ୍ଡାମାନ ସାଗରରେ ଆହୁରି ଅଗ୍ରସର ହୋଇଛି। ଆଗାମୀ ୩-୪ ଦିନ ମଧ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ଦକ୍ଷିଣ ଆରବ ସାଗରର କିଛି ଅଂଶ, ମାଳଦ୍ୱୀପ ଏବଂ କୋମୋରିନ୍ ଅଞ୍ଚଳ, ଦକ୍ଷିଣ ବଙ୍ଗୋପସାଗର, ଆଣ୍ଡାମାନ ଦ୍ୱୀପପୁଞ୍ଜ ଏବଂ ଆଣ୍ଡାମାନ ସାଗରର ଅବଶିଷ୍ଟ ଅଂଶ ଏବଂ କେନ୍ଦ୍ରୀୟ ବଙ୍ଗୋପସାଗରର କିଛି ଅଂଶ ଉପରେ ଆଗକୁ ବଢ଼ିବା ପାଇଁ ପରିସ୍ଥିତି ଅନୁକୂଳ ରହିଛି। ସୂଚନାଥାଉ କି ଗୁରୁବାର ରାଜ୍ୟର ୧୩ ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଅଧିକ ରେକର୍ଡ ହୋଇଥିବା ବେଳେ ୪୨.୨ ଡିଗ୍ରୀ ସହ ଝାରସୁଗୁଡ଼ା ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଛି।

### ରାଷ୍ଟ୍ରମୁଖ୍ୟ-ନ୍ୟାୟମୁଖ୍ୟ...

ଏହା ଉପରେ ବିଚାର ପାଇଁ ତାଙ୍କୁ ଏବେ ସମ୍ବିଧାନ ବେଞ୍ଚ ଗଠନ କରିବାକୁ ପଡ଼ିବ। ଏହି ବେଞ୍ଚରେ ଅତିକମରେ ୫ କିମ୍ବା ତାଠାରୁ ଅଧିକ ବିଚାରପତି ରହିବେ।

ସୂଚନାଯୋଗ୍ୟ ଯେ ତାମିଲନାଡୁ ରାଜ୍ୟପାଳ ମାମଲାରେ ସୁପ୍ରିମ କୋର୍ଟ ବିଧାନସଭରେ ଗୃହୀତ ବିଲକୁ ଅନୁମୋଦନ ଦେବାପାଇଁ ଉଭୟ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ପାଇଁ ସମୟସୀମା ଧାର୍ଯ୍ୟ କରିଥିଲେ। ବିଲ୍ ଅନୁମୋଦନ ସଂକ୍ରାନ୍ତ ସମ୍ବିଧାନର ଧାରା ୨୦୦ରେ ରାଷ୍ଟ୍ରପତି କିମ୍ବା ରାଜ୍ୟପାଳଙ୍କ ପାଇଁ ସମୟସୀମା ଧାର୍ଯ୍ୟ କରାଯାଇନାହିଁ। ତେବେ ସୁପ୍ରିମକୋର୍ଟ ଧାରା ୧୪୨ର ପ୍ରୟୋଗ କରି ସମୟସୀମା ଧାର୍ଯ୍ୟ କରିଥିଲେ। ବିଶେଷ ପରିସ୍ଥିତିରେ ଏଭଳି ନିର୍ଦ୍ଦେଶ ଦେବାଲାଗି ୧୪୨ ଧାରା ସୁପ୍ରିମ କୋର୍ଟଙ୍କୁ ସ୍ୱତନ୍ତ୍ର କ୍ଷମତା ଦେଇଛି। ରାଜ୍ୟ ବିଲ୍ ଉପରେ ତିନି ମାସ ମଧ୍ୟରେ ନିଷ୍ପତ୍ତି ନେବାଲାଗି ସର୍ବୋଚ୍ଚ ଅଦାଲତ ରାଷ୍ଟ୍ରପତିଙ୍କ ପାଇଁ ସମୟ ଧାର୍ଯ୍ୟ କରିଥିଲେ। ସୁପ୍ରିମକୋର୍ଟଙ୍କ ଏହି ରାୟ ପରେ ରାଷ୍ଟ୍ରପତି/ରାଜ୍ୟପାଳଙ୍କ ପାଖରେ ପଡ଼ିରହିଥିବା ତାମିଲନାଡୁ ସରକାରଙ୍କ ଅନେକ ବିଲ ଆଇନରେ ପରିଣତ ହୋଇଥିଲା। ଭାରତୀୟ ସମ୍ବିଧାନ ଇତିହାସରେ ଏହା ଏକ ବିରଳ ଘଟଣା ଥିଲା, ଯେଉଁଠି ରାଷ୍ଟ୍ରପତି/ରାଜ୍ୟପାଳଙ୍କ ବିନା ସ୍ୱୀକୃତିରେ ବିଲ ଆଇନରେ ପରିଣତ ହୋଇଥିଲା। ଏହାକୁ ନେଇ ଜାତୀୟ ସ୍ତରରେ ବିତର୍କ ଆରମ୍ଭ ହୋଇଥିଲା। ଉପରାଷ୍ଟ୍ରପତି ଧନଖଡ଼ ସୁପ୍ରିମ କୋର୍ଟଙ୍କ ଏହି ରାୟର ତୀବ୍ର ସମାଲୋଚନା କରି କହିଥିଲେ ଯେ ସର୍ବୋଚ୍ଚ ଅଦାଲତ ସୁପ୍ରିମ ପାର୍ଲାମେଣ୍ଟ ଭଳି ବ୍ୟବହାର କରୁଛି। ସୁପ୍ରିମ କୋର୍ଟଙ୍କୁ ସ୍ୱତନ୍ତ୍ର କ୍ଷମତା ଦେଇଥିବା ସମ୍ବିଧାନର ଏହି ଧାରା ୧୪୨କୁ ଉପରାଷ୍ଟ୍ରପତି ପରମାଣୁ କ୍ଷେପଣାସ୍ତ୍ର ସହ ତୁଳନା କରିଥିଲେ। ସୁପ୍ରିମ କୋର୍ଟଙ୍କ ଏଭଳି ରାୟ ନେଇ ସେ ଅନେ ପ୍ରଶ୍ନ ଉଠାଇଥିବା ବେଳେ କେନ୍ଦ୍ର ସରକାର କିନ୍ତୁ କୌଣସି ପ୍ରତିକ୍ରିୟା ଦେଇନଥିଲେ। ତେବେ ଗତ ୧୩ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୁପ୍ରିମ କୋର୍ଟଙ୍କୁ ପତ୍ର ଲେଖି ୧୪ଟି ପ୍ରଶ୍ନ ପଚାରିବା ପରେ ନ୍ୟାୟ ବ୍ୟବସ୍ଥା ମୁଖ୍ୟ ଏବଂ ସାମ୍ବିଧାନିକ ବ୍ୟବସ୍ଥା ମୁଖ୍ୟଙ୍କ ମଧ୍ୟରେ ମୁହାଁମୁହିଁ ଅବସ୍ଥା ସୃଷ୍ଟି ହୋଇଛି। ରାଷ୍ଟ୍ରପତି ୧୪ଟି ପ୍ରଶ୍ନ କରିବା ସହିତ ଏହା ଉପରେ ସୁପ୍ରିମ କୋର୍ଟଙ୍କ ମତାମତ ଲୋଡ଼ିଛନ୍ତି।

### ବନ୍ଧୁ ପାଲଟିଲା...

ଯେପରି ଖୋଲାଖୋଲି ବାହାରିଛନ୍ତି ଓ ଆପଲ୍ କମ୍ପାନୀକୁ ଭାରତରେ କାରଖାନା ସ୍ଥାପନରୁ ରୋକିଛନ୍ତି; ସେଥିରୁ ଭାରତର ଅଗ୍ରଗତି ଓ ଆନ୍ତର୍ଜାତୀୟ ପ୍ରାଧାନ୍ୟକୁ ଆମେରିକା ସହ୍ୟ କରିବାକୁ ପ୍ରସ୍ତୁତ ନୁହେଁ ବୋଲି ସ୍ପଷ୍ଟ ହୋଇ ଯାଇଛି।

ବ୍ଲୁମ୍‌ବର୍ଗର ଏକ ରିପୋର୍ଟ ଅନୁଯାୟୀ କାତାର ରାଜଧାନୀ ଦୋହାରେ ଅନୁଷ୍ଠିତ ବ୍ୟବସାୟିକ ସମ୍ମିଳନୀରେ ଟ୍ରମ୍ପ୍ ଆପଲ୍ ସିଇଓ ଟିମ୍ କୁକ୍‌ଙ୍କୁ ଭାରତରେ ଆଇଫୋନ୍ ୟୁନିଟ୍ ସ୍ଥାପନରୁ ଓହରିବାକୁ ଟ୍ରମ୍ପ ଖୋଲାଖୋଲି ଧମକ ଦେଇଛନ୍ତି। ଏହା ସହ ଭାରତ ପରିବର୍ତ୍ତେ ଆମେରିକାରେ ଉତ୍ପାଦନ ବୃଦ୍ଧି ଉପରେ ସେ ପରାମର୍ଶ ଦେଇଛନ୍ତି।

କେବଳ ସେତିକି ନୁହେଁ; ଭାରତ ନିଜ କଥା ନିଜେ ବୁଝିପାରିବ ବୋଲି ଟିପ୍ପଣୀ ଦେଇ ଟ୍ରମ୍ପ ଭାରତ-ଆମେରିକା ବାଣିଜ୍ୟିକ ସମ୍ପର୍କ ଓ ଭାରତର 'ମେକ୍ ଇନ୍ ଇଣ୍ଡିଆ' ଆଭିମୁଖ୍ୟକୁ ପରୋକ୍ଷରେ ଆଘାତ ଦେଇଛନ୍ତି। ଅପରପକ୍ଷରେ ଭାରତକୁ ଟ୍ରମ୍ପ 'ଶୁଳ୍କ ରାଜା' ବୋଲି କଟାକ୍ଷ କରିଛନ୍ତି ଟ୍ରମ୍ପ। ସେ କହିଛନ୍ତି ଯେ ଆମେରିକୀୟ ସାମଗ୍ରୀ ଉପରେ ଶୁଳ୍କ ହ୍ରାସ କରିବାକୁ କିମ୍ବା 'ଶୂନ୍ୟ ଶୁଳ୍କ' ବାଣିଜ୍ୟ ଚୁକ୍ତି ନିମନ୍ତେ ଭାରତ ପ୍ରସ୍ତାବ ଦେଇଛି। ମାତ୍ର ଟ୍ରମ୍ପଙ୍କ ଏହି ଦାବିର ସତ୍ୟତା ସ୍ପଷ୍ଟ ହୋଇ ନାହିଁ।

ଟ୍ରମ୍ପ ଦ୍ୱିତୀୟ ଥର ପାଇଁ ରାଷ୍ଟ୍ରପତି ପଦ ଗ୍ରହଣ କରିବା ପରଠାରୁ 'ଆମେରିକା ଫାଷ୍ଟ' ନୀତିର ସମର୍ଥକ ହୋଇଆସୁଛନ୍ତି। ସେ ଆପଲ୍ ଏବଂ ଅନ୍ୟାନ୍ୟ କମ୍ପାନୀଗୁଡ଼ିକୁ ଅନ୍ୟ ଦେଶ ବଦଳରେ ଆମେରିକାକୁ ଉତ୍ପାଦନ ସ୍ଥାନାନ୍ତର କରିବାକୁ କହିଛନ୍ତି, ଯାହାଦ୍ୱାରା ଏଠାରେ ଅଧିକରୁ ଅଧିକ ଲୋକ ଚାକିରି ପାଇପାରିବେ ଏବଂ ଆମେରିକୀୟ ଅର୍ଥନୀତିର ଅଭିବୃଦ୍ଧି ଘଟିବ। ଏହା ପ୍ରଥମ ଥର ନୁହେଁ ଯେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ବିରୋଧରେ ବୟାନ ଦେଇଛନ୍ତି, ଏହା ପୂର୍ବରୁ ମଧ୍ୟ ସେ ଭାରତକୁ ଏକ ଶୁଳ୍କ ରାଜା ବୋଲି କହିସାରିଛନ୍ତି।

ବର୍ତ୍ତମାନ ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଶୁଳ୍କକୁ ନେଇ ଆଲୋଚନା ଚାଲିଛି। ପୂର୍ବରୁ ଆମେରିକା ଦ୍ୱାରା ଇସ୍ପାତ ଏବଂ ଆଲୁମିନିୟମ ଉତ୍ପାଦ ଉପରେ ଲାଗୁ କରାଯାଉଥିବା ଶୁଳ୍କ ବିରୁଦ୍ଧରେ ପ୍ରତିଶୋଧମୂଳକ ଶୁଳ୍କ ଲାଗୁ କରିବା ପାଇଁ ବିଶ୍ୱ ବାଣିଜ୍ୟ ସଂଗଠନ(ଡବ୍ଲ୍ୟୁଟିଓ) ନିକଟରେ ଭାରତ ଅନୁମତି ପାଇଁ ଆବେଦନ କରିସାରିଛି। ସେ ପୂର୍ବରୁ କହିଥିଲେ ଯେ ଭାରତ ବିଦେଶୀ ସାମଗ୍ରୀ ଉପରେ ଉଚ୍ଚ ଶୁଳ୍କ ଲାଗୁ କରୁଥିବା ଦେଶମାନଙ୍କ ମଧ୍ୟରେ ଅନ୍ୟତମ। ଭାରତର ଉଚ୍ଚ ଶୁଳ୍କ ଯୋଗୁଁ ଆମେରିକୀୟ ଉତ୍ପାଦଗୁଡ଼ିକ ଭାରତୀୟ ବଜାରରେ ତିଷ୍ଠି ରହିବା କଷ୍ଟକର ହୋଇପଡୁଛି। ଆମେରିକା ଦ୍ୱାରା ଚୀନ୍ ଉପରେ ଅଧିକ ଶୁଳ୍କ ଲାଗୁ ହୋଇଥିବାରୁ ଆପଲ୍ ଭଳି ଅନେକ କମ୍ପାନୀ ଭାରତକୁ ଉତ୍ପାଦନ ୟୁନିଟ ସ୍ଥାନାନ୍ତର କରିବାକୁ ରାଜି ହୋଇଥିଲେ। ଏବେ ଚୀନ୍ ଏବଂ ଆମେରିକା ମଧ୍ୟରେ ଏକ ବାଣିଜ୍ୟ ଚୁକ୍ତି ହୋଇଛି ଏବଂ ଶୁଳ୍କ ହାର ହ୍ରାସ ହୋଇଛି। ଏଭଳି ସ୍ଥଳେ ଆପଲ୍ ସମେତ ଅନ୍ୟ କମ୍ପାନୀଗୁଡ଼ିକ ମଧ୍ୟ ସେମାନଙ୍କର ପ୍ଲାଣ୍ଟ ସ୍ଥାପନ ଯୋଜନା ପରିବର୍ତ୍ତନ କରିପାରନ୍ତି। ମାତ୍ର ଭାରତର ବିଶାଳ ବଜାର ଓ ଆବଶ୍ୟକତାକୁ ଦେଖି ଆପଲ୍ ଓ ଅନ୍ୟ କମ୍ପାନୀଗୁଡ଼ିକ ଟ୍ରମ୍ପଙ୍କ ନିର୍ଦ୍ଦେଶ ମାନିବେ କି ନାହିଁ ତାହା ଭବିଷ୍ୟତ ହିଁ କହିବ।

### ସରକାର ଅସହାୟ...

ଏପରି ପରିସ୍ଥିତିରେ କେହି କ୍ଷମା ଦେବେନାହିଁ, ମୁଁ ବି ଦେବିନାହିଁ। ମୋ ଭିତରେ ବହୁ ସରଳତା ରହିଛ;ମାତ୍ର ସରଳତା ମୋ ଦୁର୍ବଳତା ନୁହେଁ। ମୁଁ ହାର୍ଡ ନିଷ୍ପତ୍ତି ବି ନେଇପାରେ ବୋଲି ବିଡିଓମାନଙ୍କୁ ସିଧାସିଧା ଶୁଣାଇଛନ୍ତି ମୋହନ। ମୁଖ୍ୟମନ୍ତ୍ରୀଙ୍କ ଉପରୋକ୍ତ ଟିପ୍ପଣୀକୁ ନେଇ ଏବେ ସାଧାରଣରେ ଆଲୋଚନା ଜୋର୍ ଧରିଛି। ବ୍ଲକ ପ୍ରଶାସନଠାରୁ ରାଜ୍ୟ ପ୍ରଶାସନ ଯାଏଁ ମୁଖ୍ୟମନ୍ତ୍ରୀ ହେଉଛନ୍ତି ସର୍ବେସର୍ବା। ଅତଏବ ମୁଖ୍ୟମନ୍ତ୍ରୀଙ୍କ ଭାଷଣ ବେଳେ ସାଧାରଣ ବିଡିଓମାନେ କିପରି ତାଙ୍କ ଭାଷଣ କାଟିଦେବାକୁ ସାହସ ପ୍ରଦର୍ଶନ କରୁଛନ୍ତି, ତାହାକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିଛି। ଯଦି ବିଡିଓମାନେ ଏପରି ଆଚରଣ ପ୍ରଦର୍ଶନ କରୁଛନ୍ତି, ତାହେଲେ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ମୁଖ୍ୟମନ୍ତ୍ରୀ ସାଧାରଣ ସଭାରେ ଏପରି ମନ୍ତବ୍ୟ ରଖିବା ଅର୍ଥ କ'ଣ ତାହା ବି ଅସ୍ପଷ୍ଟ। କାହା ନିର୍ଦ୍ଦେଶରେ ବିଡିଓମାନେ ଏପରି ଦୁଃସାହସ ପ୍ରଦର୍ଶନ କରୁଛନ୍ତି ଯାହାପାଇଁ ମୁଖ୍ୟମନ୍ତ୍ରୀ ଶେଷରେ ଚରମବାଣୀ ଶୁଣାଇବାକୁ ବାଧହେଲେ ବୋଲି ପ୍ରଶ୍ନ ଉଠିଛି। ଅପରପକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଚେତାବନୀକୁ ନେଇ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି ତଥ୍ୟାଭିଜ୍ଞ ମହଲ। ରାଜ୍ୟରେ ବିଜେପି ସରକାର ରହିଛି; ମାତ୍ର ବିନା ରାଜନୈତିକ ଚାପରେ ବଶବର୍ତ୍ତୀ ହୋଇ କାମ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ ଭିନ୍ନ ଦିଗକୁ ଅଙ୍ଗୁଳିନିର୍ଦ୍ଦେଶ କରିଛି। ସରକାରୀ ଅଧିକାରୀମାନେ ବିଜେପି ନେତାଙ୍କ ଚାପର ବଶବର୍ତ୍ତୀ ହୋଇଥିବା ମୁଖ୍ୟମନ୍ତ୍ରୀ ପରୋକ୍ଷରେ ସ୍ୱୀକାର କରିଥିବା ସ୍ପଷ୍ଟ ହୋଇଛି। ତୃଣମୂଳ ସ୍ତରରେ ପ୍ରଶାସନିକ ଅଧିକାରୀଙ୍କ ଉପରେ ଦଳୀୟ କର୍ମୀ ହାକିମାତି ଦେଖାଉଥିବା ନେଇ ବହୁ ଅଭିଯୋଗ ଆସୁଛି। ବେଳେ ସରକାରୀ ନିଷ୍ପତ୍ତି, କାର୍ଯ୍ୟକ୍ରମରେ ଦଳୀୟ ନେତାଙ୍କ ଅନାବଶ୍ୟକ ହସ୍ତକ୍ଷେପ ବଢୁଥିବାରୁ ଏହା ପ୍ରଶାସନିକ କଳକୁ ବିଭିନ୍ନ ସମୟରେ ଅଡୁଆରେ ପକାଉଛି। ଯାହା ସେମାନଙ୍କୁ ଏକପ୍ରକାର ଅଣନିଶ୍ୱାସୀ କରି ପକାଇଲାଣି। ଯାହାଫଳରେ ତୃଣମୂଳ ସ୍ତରରେ ଉନ୍ନୟନମୂଳକ କାମ ଏକପ୍ରକାର ଠପ୍ ହୋଇ ପଡ଼ିଲାଣି। ଗତକାଲି ବାଲେଶ୍ୱର ଜିଲ୍ଲା ପୁଲିସର ଜଣେ ଏସଡିପିଓ ପରି ବରିଷ୍ଠ ଅଧିକାରୀ ତାଙ୍କୁ ନିର୍ଯାତନା ଦିଆଯାଉଥିବା ନେଇ ଅଭିଯୋଗ ଆଣିବା ସହ ଆତ୍ମହତ୍ୟା କରିବାକୁ ଧମକ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଏସବୁ ଜାଣି ମଧ୍ୟ ଏହାର ଉଚିତ୍ ପ୍ରତିକାର ନକରି ବିଡିଓମାନଙ୍କୁ କେବଳଚେତାବନୀ ଦେଉଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏପରି ଉକ୍ତି ତୃଣମୂଳ ସ୍ତରର ଏହି ପ୍ରଶାସନିକ ଅଧିକାରୀଙ୍କୁ ଉତ୍ସାହିତ ବଦଳରେ ନିରୁତ୍ସାହିତ କରିପାରେ ବୋଲି ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି।


**SALE**

Booking Open 2/3 BHK Flats BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara, GADHWAL HEIGHTS, Gautam Nagar, Bhubaneswar.

**Contact**

**GADHWAL GROUP**

**M.: 9437015112**


**The Berhampore Co-operative Central Bank Ltd.**

Head Office At/Po-Town Hall Road, Brahmapur-760001, District-Ganjam, Odisha
Phone No-0680-2222028, Bank Mail Id-cocenbank@rediffmail.com

Ref No: BCCB/Stock Sec./ 527 /2025-26 Date: 15/05/2025

**QUOTATION CALL NOTICE**

Sealed Quotations are invited from authorised suppliers / dealers / registered firms up to date GST clearance and PAN for purchase of 8 nos. of **VOLTAS 1.5-ton Split AC (3 Star)** for four nos. of Branches and one **VOLTAS 2-ton Split AC** for Head Office of the Berhampur Cooperative Central Bank Ltd, Berhampur, Ganjam.

The sealed Quotations should be reached to the undersigned on or before Dt: 23.05.2025 by 2 PM. The Quotations will be opened on same date i.e., 23.05.2025 at 4.00 PM in the presence of procurement committee of the bank. Parties of their authorised representatives may be present at the time of opening of Quotations.

For detailed information visit our website:
**https://berhampurccb.com/tender.html**

**Sd/- Chief Executive Officer**

**ODISHA HYDRO POWER CORPORATION LIMITED.** CAD-413

OFFICE OF THE SENIOR GENERAL MANAGER (ELECTRICAL), BHEP
E mail- unit.head_balimela@yahoo.com/bhep.balimela@gmail.com

**SECTION-I**
**TENDER CALL NOTICE**
**NOTICE INVITING TENDER No. BHEP/11/2025-26, Dated-14.05.2025**

Sealed Tenders are invited in two parts **(i.e. Part-A: Technical bid & Part-B: Price bid) & in percentage** bid basis from the Electrical Contractors/Firms/Agencies having experience in the execution of similar electrical work under State/Central Govt/PSU of Govt of India/PSU of Govt. of Odisha & having **valid Electrical Contractor license (MV)** & fulfilling the eligibility criteria as per the tender specification for the work as mentioned below.

| Sl. No. | Description of Work | Approx. Estimated Cost in Rs. | E.M.D in Rs. | Cost of bid documents in Rs. |
|---|---|---|---|---|
| 1 | Supply & Erection of LT line using AB cable (3x95+1x70+1x16) in the existing Over Head LT line (AAAC) in adding with extra intermediate 8 Mtr. RS Joist Pole having average span length of 40/30 Mtr. at Surge Shaft Feeder from Valve House Sub-station of BHEP, Balimela | Rs. 2,33,482.00 | Rs. 2,500.00 | Rs. 2,000.00 + (GST @ 18%) Rs. 360.00 =Rs. 2,360.00 |

Availability of bid document: **From 11:00 Hrs of 20.05.2025 to 13:00 Hrs of 03.06.2025**
Last date & time of submission of bid: **Up to 13:00 Hrs of 03.06.2025**
The date & Time of opening of the bid: **12:00 Hrs onwards of 04.06.2025** (Only Technical bid)

*For details of the tender documents, terms & conditions, please visit our website* www.ohpcltd.com

OIPR-04019/11/0087/2526

C & P Head
BHEP, Balimela

**AFFIDAVIT**

By virtue of an affidavit no. 422, dtd. 08.05.2025 sworn before the Notary Public, Bhubaneswar, I, Aparajita Mohapatra have changed my name from Aparajita Acharya to Aparajita Mohapatra. Henceforth I shall be known as Aparajita Mohapatra for all purposes.

**Sd/- Aparajita Mohapatra**

**AFFIDAVIT**

By virtue of an affidavit sworn before the Notary Public, Bhubaneswar on 08.05.2025, I, Jyoti Ranjan Swain have changed my father's name from Panchanan swain to Panchu Swain. Henceforth he will be known as Panchu Swain for all purposes.

**Sd/- Jyoti Ranjan Swain**

**AFFIDAVIT**

By virtue of an affidavit no. 5461/2025, dtd. 28.04.2025 sworn before the Notary Public, Malkangiri, I, Deepali Bala have changed my name from Dipurani Bala to Deepali Bala. Henceforth I shall be known as Deepali Bala instead of Dipurani Bala for all purposes.

**Sd/- Deepali Bala**

**AFFIDAVIT**

By virtue of an affidavit no. 436/25, dtd. 14.05.2025 sworn before the Notary Public, Bhubaneswar, I, Srutishree Das have changed my name from Manas Kumar Das to Srutishree Das. Henceforth I shall be known as Srutishree Das for all purposes.

**Sd/- Srutishree Das**

**AFFIDAVIT**

By virtue of an affidavit no. 437/25, dtd. 14.05.2025 sworn before the Notary Public, Bhubaneswar, I, Ruksana Begum have changed my minor son's name from Rajaya Mustafa to Mir Raja E Mustafa. Henceforth I shall be known as Mir Raja E Mustafa. for all purposes.

**Sd/- Ruksana Begum**

**AFFIDAVIT**

By virtue of an affidavit no. 438/25, dtd. 14.05.2025 sworn before the Notary Public, Bhubaneswar, I, Malati Malik have changed my minor son's name from Pritam Mallick to Ishwan Malik. Henceforth I shall be known as Ishwan Malik for all purposes.

**Sd/- Malati Malik**

**AFFIDAVIT**

I, Priyatrma Kar, W/o- Asit Kumar Kar, Resident of At- Kusunpur, P.O.- Nishinta-koili, P.S.- Derabish, Dist- Kendrapara, Pin- 754207, Odisha declare by this Affidavit No. 2505, Dated 28.11.2024, that now onwards I shall be known as **PRIYATAMA KAR** for all future purposes.

**AFFIDAVIT**

**By virtue of an affidavit sworn before the Executive Magistrate, Astaranga, Dist: Puri CF No: 919 dated 14/05/2025, I Jhuna Biswal, W/o Maheswar Biswal resident of Village At - Malada, Po- Namaro, Ps- Astaranga, Dist- Puri, Odisha, Pin- 752109 declare that I have changed my minor daughter name from JYOTSNA BISWAL to JYOSHNA BISWAL. Henceforth, she shall be known as JYOSHNA BISWAL for all purposes.**

**Sd- Jhuna Biswal**

**AFFIDAVIT**

By virtue of an affidavit No-4004 before the Executive Magistrate, Chandbali dt. 13/05/2025 have changed my name from Manoj Nayak to Balaram Nayak. Henceforth, I shall be known as **BALARAM NAYAK**, S/o- Chintamani Nayak, resident of Vill- Kaudiapal, P.O- Bentalpur, P.S-Chandbali, Dist- Bhadrak, Odisha for all future purposes.

**AFFIDAVIT**

By virtue of an affidavit sworn before the Notary Public, Bhawanipatna. I, Biswajit Negi, resident of Ramanagar Pada, Po/Ps- Bhawanipatna, Dist.- Kalahandi do hereby declare that my daughter's actual name is Disha Negi as per her Birth Certificate but wrongly mentioned as Bidisha Negi in her Aadhar Card. That Disha Negi & Bidisha Negi is one and the same person. Henceforth she shall be known as Disha Negi for all purposes.

**Sd/- Biswajit Negi**

**AFFIDAVIT**

By virtue of an affidavit no. 589, dtd. 21.03.2025 sworn before the Notary Public, Bhubaneswar, I, Uma Sankar Patnaik have changed my name from Uma Sankar Pattnaik to Uma Sankar Patnaik. Henceforth I shall be known as Uma Sankar Patnaik for all purposes.

**Sd/- Uma Sankar Patnaik**

**AFFIDAVIT**

I, Subhransu Sekhar Nathsharma, S/o- Kunanda Chandra Nathsharma, resident of at- Qtr. No-57/A, Pristine Greens, Pokhariput, Near Kokila Resort, Aerodrome Area, PS- Air Field, Dist-Khordha, Odisha -751020 declare by this affidavit No.97, dated 18.12.2024 that now I want change the name of my daughter from **Anyuta** to **ANWITA SUBHRANSUSEKH-AR NATHSHARMA** for all future purposes.

**AFFIDAVIT**

I, Trilochan Sahu, S/o- Jagannath Sahoo, resident of At- Pratap Sasan, PO- Balakati, PS- Balianta, Dist- Khurda, PIN- 752100, Odisha declared by this affidavit No. 993, dtd- 13/05/2025 that now onwards I shall be known as **TRILOCHAN SAHOO** for all future purposes.

**AFFIDAVIT**

Babita Kumari Jena, W/o- Manoj Kumar Mohanty, resident of Padma Bazar Town Planning, PO- Dhenkanal, PS- Town, Dist- Dhenkanal, PIN- 759001, Odisha declared by this affidavit No. 8869, dtd- 14/10/2024 that now onwards I shall be known as **BABITA JENA** for all future purposes.

**AFFIDAVIT**

I, Rifat Najneen, W/o- Saddam Housain Khan, resident of At- Akhund Mohalla, Sayayedpur, PS- Binjharpur, Dist- Jajpur, PIN- 755004, Odisha declared by this affidavit No. 991, dtd- 13/05/2025 that now onwards I shall be known as **RIFFAT NAZNEEN** for all future purposes.

**AFFIDAVIT**

By virtue of an affidavit before the Executive Magistrate, Titilagarh, on dated 13/05/2025. I, **Nilambar Sahu,** aged about 39 years, S/o. Madhuka Sahu, permanent resident of At/P.O. Patrapali, P.S. Muribahal, Dist- Bolangir, (Odisha) now residing at the same place affirm that I have changed my minor Son / Daughter / Ward name from **Kunti Sahu To Babli Sahu.** Henceforth in all records, deeds and writing in all proceeding, dealing and transaction private as well as public and upon all occasion he / she will be known as **Babli Sahu.**

**(Nilambar Sahu)**

**AFFIDAVIT**

I, Geeta Potnuru, W/o- Venkat Rao Potnuru, resident of At- Patelmarg (Shankaracharjya), PO/PS/Dist: Nabar-angapur, PIN- 764059, Odisha declared by this affidavit No. 992, dtd- 13/05/2025 that now onwards I shall be known as **GITA POTNURU** for all future purposes.

**AFFIDAVIT**

By virtue of an affidavit No.6092, Dtd.14.05.2025 sworn before the Executive Magistrate, Balasore. I, Sonali Mishra, W/o. Chandan Kumar Mishra, At./Po. Palasia, Ps. Bhogarai, Dist. Balasore, Odisha, PIN. 756038 now. Previously called as Sonali Kar, D/o. Ajit Kumar Kar, At- 1079-B, Flat no. T1, Pragati appt., Ward no.1, Mehrauli, Delhi, PIN. 110030, declare that since the day of my marriage with Chandan Kumar Mishra I wholly renounce the use of my former surname KAR and in place thereof do assumed the Surname of MISHRA, and accordingly known as SONALI MISHRA. Henceforth, I shall be known as Sonali Mishra for all purposes.

ସୁରେଶ ଶବର ହତ୍ୟା ଘଟଣା, ହତ୍ୟାକାରୀ ଗିରଫ

# ପରକୀୟା ପ୍ରୀତି ପାଇଁ ଘଟିଥିଲା ହତ୍ୟାକାଣ୍ଡ

ଦେବଗଡ଼, ୧୫।୫(ସମିସ)

ବାରକୋଟ ଥାନା ଅନ୍ତର୍ଗତ ମର୍ହାଗ୍ରାମର କୁଖ୍ୟାତ ଶିକାରୀ ସୁରେଶ ଶବର ହତ୍ୟାକାଣ୍ଡ ଘଟଣାରେ ଅଭିଯୋଗର ୧୩ ଦିନ ପରେ ବାରକୋଟ ଥାନା ପୁଲିସ ଅଭିଯୁକ୍ତ ଭାଗଡୁ ଓରଫ ବୁଧୁରାମ ପ୍ରଧାନ (୩୫)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ତାକୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ବୁଧୁରାମଙ୍କ ସ୍ତ୍ରୀ ସହ ମୃତ ସୁରେଶର ଅନୈତିକ ସମ୍ପର୍କ ହତ୍ୟାକାଣ୍ଡର କାରଣ ବୋଲି ପୁଲିସ ତଦନ୍ତ ବେଳେ ଜାଣିବାକୁ ପାଇଥିଲା। ଅଭିଯୁକ୍ତର ସ୍ତ୍ରୀ ସହ ଅନୈତିକ ସମ୍ପର୍କକୁ ବୁଧୁରାମ ପୂର୍ବରୁ ବିରୋଧ କରିଥିଲେ ମଧ୍ୟ ସୁରେଶ ଠାରେ କୌଣସି ପରିବର୍ତ୍ତନ ଘଟି ନଥିବାରୁ ପ୍ରତିଶୋଧ ପାଇଁ ଅଭିଯୁକ୍ତ ସୁଯୋଗ ଖୋଜୁଥିଲା। ଗତ ୩୦ ତାରିଖ ଦିନ ସୁରେଶ ସହ ବାଇକ୍‌ରେ ଅଭିଯୁକ୍ତ ବୁଧୁରାମ ବସି ମର୍ହାଔତଳ ପଟକୁ ଯିବା ବାଟରେ ରାସ୍ତା ମଝିରେ ଅନୈତିକ ସମ୍ପର୍କକୁ କେନ୍ଦ୍ରକରି ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା।ବୁଧୁରାମ ଧରିଥିବା ଟାଙ୍ଗିଆରେ ସୁରେଶର ବେକ ଓ ମୁହଁରେ ଚୋଟ ପକାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ସୁରେଶର ମୃତ୍ୟୁ ଘଟିଥିଲା।



ଏହା ଜାଣି ଅଭିଯୁକ୍ତ ବୁଧୁରାମ ସୁରେଶ ମୃତଦେହକୁ ଘୋଷାଡି ନିକଟସ୍ଥ ଏକ ପୋଖରୀ କଡ଼ ବୁଦାମୂଳରେ ମୃତଦେହ ଫିଙ୍ଗି ଫେରାର ହୋଇଯାଇଥିଲା। ଫେରାର ଅଭିଯୁକ୍ତ ବୁଧୁରାମ ଦୀର୍ଘ ୧୩ ଦିନ ଧରି ଜଙ୍ଗଲରେ ଘୁରି ବୁଲିବା ପରେ ଗତ ମଙ୍ଗଳବାର ପୁଲିସ ନିକଟରେ ଆତ୍ମ ସମର୍ପଣ କରିଥିବା ଆଲୋଚନା ହେଉଥିବା ବେଳେ ପୁଲିସ କିନ୍ତୁ ଜଙ୍ଗଲରୁ ଗିରଫ କରିଥିବା ପ୍ରକାଶ କରିଛି। ସୂଚନା ଅନୁଯାଇ ଗତ ୩୦ ତାରିଖ ଠାରୁ ନିଖୋଜ ଥିବା ସୁରେଶଙ୍କ ମୃତଦେହ ଗତ ୨ ତାରିଖ ଦିନ ମର୍ହାଔତଳ ରାସ୍ତାକଡ ଏକ ପୋଖରୀ ବୁଦାମୂଳରୁ ଉଦ୍ଧାର ହୋଇଥିଲା। ସେହିଦିନ ମୃତ ସୁରେଶର ପୁଅ କୁନା ଶବରର ରିପୋର୍ଟ ଆଧାରରେ ବାରକୋଟ ଥାନା ପୁଲିସ ଏକ ହତ୍ୟାମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ଘଟଣା ଦିନ ଠାରୁ ଅଭିଯୁକ୍ତ ନିଜ ଘରୁ ଫେରାର ରହିଥିଲା। ସୂଚନା ଯୋଗ୍ୟ ମୃତ ସୁରେଶ ଜଣେ ଦୁର୍ଦ୍ଧାନ୍ତ ବନ୍ୟଜନ୍ତୁ ଶିକାରୀ ଭାବେ ବନ ବିଭାଗର ରେକର୍ଡରେ ରହିଥିବା ବେଳେ ଦେବଗଡ଼, ସୁନ୍ଦରଗଡ଼ ଓ କେନ୍ଦୁଝର ବନଖଣ୍ଡର ବିଭିନ୍ନ ଜଙ୍ଗଲରୁ ହାତୀ ଓ ଜନ୍ତୁ ଶିକାର ଅଭିଯୋଗରେ ଅନେକ ମାମଲା ରହିଛି।

## କାଳବୈଶାଖୀରେ ଜନଜୀବନ ପ୍ରଭାବିତ





**ଝାରସୁଗୁଡା/କିର୍ମିରା, (ସମିସ):** ଝାରସୁଗୁଡା ଜିଲ୍ଲା କିର୍ମିରା ବ୍ଲକ ଅର୍ଡା, ଧୁତରା, ବନ୍ଧପାଳି, ଭାଲୁପତ୍ରା, ସିଆଲରମା, ବିରାମଡିହି ସହ ବିଭିନ୍ନ ଅଞ୍ଚଳରେ କାଳବୈଶାଖି ବର୍ଷା ଯୋଗୁଁ ବିଶେଷ ଭାବରେ ପ୍ରଭାବିତ ହେବା ସହ ଅନେକ ସ୍ଥାନରେ ଗଛ, ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ରାସ୍ତା ମଝିରେ ପଡ଼ିଯିବା ଦ୍ୱାରା ଯାନବାହାନ ଚଳାଚଳରେ ବିଶେଷ ବ୍ୟାଘାତ ଦେଖା ଦେଇଥିଲା। ଝଡବତାସ ସହ ପ୍ରାୟ ଦୁଇ ମିନିଟ ପର୍ଯ୍ୟନ୍ତ କୁଆପଥର ପଡ଼ିବାରୁ ଲୋକେ ଭୟଭିତ ହୋଇପଡ଼ିଥିଲେ। ଏହା ସହିତ ଗଛଡାଳ ଭାଙ୍ଗି ରାସ୍ତା କଡରେ ଥିବା ବିଦ୍ୟୁତ୍ ତାରରେ ପଡ଼ିଥିବାରୁ ଅନେକ ସ୍ଥାନରେ ବିଦ୍ୟୁତ୍ ବିଚ୍ଛିନ୍ନ ହୋଇପଡ଼ିଥିଲା। ବିଦ୍ୟୁତ୍ ବିଭାଗୀୟ ଅଧିକାରୀ ଶ୍ରୀପଣ୍ଡା ସଦଳବଳେ ଘଟଣାସ୍ଥଳକୁ ପହଞ୍ଚି ବିଦ୍ୟୁତ୍ କାର୍ଯ୍ୟର ମରାମତିରେ ରହିଥିବା ବେଳେ କିର୍ମିରା ୧୧୨ ଏମାରଜେନସି ଦମକଳ ବିଭାଗୀୟ ଅଧିକାରୀ ହାବିଲଦାର ନୀଳାମ୍ବର ପଟା, ଅକ୍ରୁର ନାଏକ, ଦିଲିପ ସିଂ, ସତ୍ୟନାରାୟଣ ମାଝି, ହେମାନନ୍ଦ ପ୍ରଧାନ, ଗୌତମ ନାଏକ ସଦଳବଳଙ୍କ ପ୍ରଚେଷ୍ଟାରେ ବର୍ଷା ପରେ ରାସ୍ତାକଡରେ ପଡ଼ିରହିଥିବା ଗଛକଟା ପରେ ପ୍ରାୟ ଅପରାହ୍ନ ୧ ଟାରୁ ସନ୍ଧ୍ୟା ୫ ପର୍ଯ୍ୟନ୍ତ ଠପ ପଡ଼ିଥିବା ଯାନବାହାନ ଚଳାଚଳର ସ୍ୱାଭାବିକ ଅବସ୍ଥାକୁ ଫେରିଥିଲା ଓ ବିଚ୍ଛିନ୍ନ ହୋଇଥିବା ବିଦ୍ୟୁତର ସଂଯୋଗ ହୋଇପାରିଥିଲା।

## ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

**ଝାରସୁଗୁଡ଼ା, ୧୫।୫(ସମିସ):** ଝାରସୁଗୁଡ଼ା ବିଜୁ ଏକ୍ସପ୍ରେସ୍ ୱେ ରାସ୍ତାରେ ସଡ଼କ ଦୁର୍ଘଟଣାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଥିବା ନେଇ ସଦର ଥାନାରେ ମାମଲା ରୁଜୁ ହୋଇଛି। ସୂଚନା ଅନୁଯାୟୀ ଝାଡ଼ଖଣ୍ଡ ଅଞ୍ଚଳର କରନ ମିଶ୍ର ବାଇକ୍ ଯୋଗେ ଛତିଶଗଡ଼ ଅଭିମୁଖେ ଯାତ୍ରା କରୁଥିଲେ। ଏହି ସମୟରେ ଏକ ସାଇକଲ ସହ ବାଇକ୍‌ଟି ଧକ୍କା ହୋଇଥିଲା। ଫଳରେ କରନ ଗୁରୁତର ଆହତ ହୋଇଥିଲେ। ଆହତ କରନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଏହାକୁ ନେଇ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ ଚାଲୁ ରଖି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବାନେଇ ସୂଚନା ମିଳିଛି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଝାରସୁଗୁଡ଼ା, ୧୫।୫(ସମିସ):** ଝାରସୁଗୁଡ଼ା ଜିଲ୍ଲା କୁମ୍ଭାରବନ୍ଧ ଫାଣ୍ଡି ସେହ୍ନାମାଲସ୍ଥିତ ବୁଡ଼ିପଡ଼ାଠାରେ ଜନୈକ ଯୁବକଙ୍କ ଝୁଲନ୍ତା ମୃତଦେହକୁ ପୁଲିସ ଉଦ୍ଧାର କରିଛି। ସୂଚନା ଅନୁଯାୟୀ ଗୁରୁବାର ସକାଳ ସମୟରେ ସେହ୍ନାମାଳ ଗ୍ରାମ ନିକଟସ୍ଥ ଥିବା ବୁଡିପଡ଼ାର ଏକ ଆମ୍ବ ଗଛ ଶାଖାରେ ନିଜ ଗାମୁଛାକୁ ଚିରି ବେକରେ ଲଗାଇ ଜଣେ ଯୁବକ ଝୁଲୁଥିବାର ଦେଖି ଗ୍ରାମବାସୀ ମାନେ କୁମ୍ଭାରବନ୍ଧ ଫାଣ୍ଡିକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳକୁ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ଆତ୍ମହତ୍ୟାର କାରଣ ଜଣାପଡ଼ିନଥିବାବେଳେ ମୃତ ଯୁବକ ଜଣକ ବନହରପାଲି ଥାନା ବଡ଼ସରୁଆ ଗ୍ରାମର ଦୀପକ ପୋଡ଼ ବୋଲି ଜଣାପଡ଼ିଛି।

## କାଳବୈଶାଖୀ ତାଣ୍ଡବ: ଭାଙ୍ଗିଲା ଗଛ, ଉଡ଼ିଲା ଆଜବେଷ୍ଟସ୍





**ଝାରସୁଗୁଡ଼ା, ୧୫।୫(ସମିସ):** କାଳବୈଶାଖୀ ପ୍ରଭାବରେ ଝାରସୁଗୁଡ଼ା ଜିଲ୍ଲାର ବେଲପାହାଡ଼, ବ୍ରଜରାଜନଗର, କଦେଲପିଟା, ପିପିଲିମାଲ, କଟୁଜୋର ଅଞ୍ଚଳରେ ଗୁରୁବାର ଅପରାହ୍ନରେ ପ୍ରବଳ ପବନ ବର୍ଷା, ବଜ୍ରପାତ ସହ ଝଡ଼ତୋଫାନ ହୋଇଛି। କାଳବୈଶାଖୀ ପ୍ରଭାବରେ ଏହି ଅଞ୍ଚଳରେ ଅନେକ ଗଛ ଭାଙ୍ଗିବା ସହିତ ବିଭିନ୍ନ ସ୍ଥାନରେ ଘର ଆଜବେଷ୍ଟସ୍ ଭାଙ୍ଗି ଚୁରମାର ହୋଇଯାଇଛି। ଏହାସହ ଗଛ ପଡ଼ି ବିଦ୍ୟୁତ ତାର ଛିଣ୍ଡି ଯିବାରୁ ପିପିଲିମାଲ ଅଞ୍ଚଳରେ ବିଦ୍ୟୁତ ସେବା ବ୍ୟାହତ ହୋଇଛି। କଟୁଜୋରର ବୁଧୁରାମ ପ୍ରଧାନ, ଖିରୋଦ ପ୍ରଧାନ, ଲମ୍ବୋଦର ପ୍ରଧାନ, ସାଗର ପ୍ରଧାନ, ପର୍ଶୁରାମ ପ୍ରଧାନ, ସନାତନ ମାଝୀ, ଅରୁଣ ମାଝୀ, ଅରୁଣ ରକ୍ସା, ପ୍ରଫୁଲ୍ଲ ରକ୍ସାଙ୍କ ଘର ତଥା ଗୁହାଳର ଆଜବେଷ୍ଟସ୍ ଭାଙ୍ଗିବା ସହ ବ୍ୟାପକ କ୍ଷୟକ୍ଷତି ହୋଇଛି। ରାସ୍ତା ଘର ଉପରେ ଭାଙ୍ଗି ପଡ଼ିଥିବା ଗଛଗୁଡ଼ିକ ଅଗ୍ନିଶମ ବିଭାଗ ପକ୍ଷରୁ କାଟି ସଫା କରାଯାଉଛି। ଅନ୍ୟପଟେ କାଳବୈଶାଖୀ ଯୋଗୁଁ ହୋଇଥିବା କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଯୋଗାଇଦେବାକୁ କ୍ଷତିଗ୍ରସ୍ତ ଲୋକେ ଦାବି କରିଛନ୍ତି।

## ଥଣ୍ଡା ପାନୀୟ ଜଳ ଶିବିର ଉଦ୍‌ଘାଟିତ





**ଝାରସୁଗୁଡ଼ା, ୧୫।୫(ସମିସ):** ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରାସ୍ତାର ମୁକ୍ତେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଥଣ୍ଡା ପାନୀୟ ଜଳ ଶିବିର ସହ ଜଳ ପରିମଳ ଯନ୍ତ୍ର ଗୁରୁବାର ସ୍ୱର୍ଗତ ସୂର୍ଯ୍ୟମଣି ନନ୍ଦଙ୍କ ସ୍ମୃତିରେ ଉଦ୍‌ଘାଟିତ ହୋଇଯାଇଛି। ଏଥିପାଇଁ ଥଣ୍ଡା ପାନୀୟ ଜଳ ଓ ପରିମଳ ଯନ୍ତ୍ର ନନ୍ଦ ପରିବାର ପକ୍ଷରୁ ମନ୍ଦିର କମିଟିକୁ ପ୍ରଦାନ କରାଯାଇଛି। ସ୍ୱର୍ଗତ ନନ୍ଦଙ୍କ ପତ୍ନୀ ରଜନୀ ନନ୍ଦଙ୍କ ଦ୍ୱାରା ଏହା ଲୋକାର୍ପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ୱର୍ଗତ ନନ୍ଦଙ୍କ ପୁତ୍ର ସମାଜସେବୀ ପ୍ରଶାନ୍ତ ନନ୍ଦ, ଜୟନ୍ତ ନନ୍ଦ ତଥା ତାଙ୍କର ସମସ୍ତ ପରିବାର ଯୋଗଦାନ କରିଥିବାବେଳେ ମନ୍ଦିର କମିଟି ପକ୍ଷରୁ ଡାକ୍ତର ପ୍ରକାଶ ଚନ୍ଦ୍ର ରଣା, ବିବେକା ନନ୍ଦ ମିଶ୍ର, ତ୍ରିନାଥ ଗୁଆଲ, ଗୀତା ରଣା, ବିଜୟ ସହିଗଲ, ସୁଶାନ୍ତ ଗୁପ୍ତା ଯୋଗଦେଇ ଥିବାବେଳେ ବିଶେଷ ଅତିଥି ଭାବେ ଝାରସୁଗୁଡ଼ା ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକ, ବାଳଗୋବିନ୍ଦ ମିଶ୍ର, ତାପସ କୁମାର ରାୟ ଚୌଧୁରୀ, ଚୁନ୍ନି ଲାଲ କାକାନୀ, ରାଜେଶ ପାଢ଼ୀ, ସୁଜାତା ମିଶ୍ର, ମୀନା ଲାମା, ପ୍ରମୁଖ ଯୋଗଦେଇ ଏହି ସାହାଯ୍ୟ ସହଯୋଗ ପାଇଁ ନନ୍ଦ ପରିବାରକୁ ପ୍ରଶଂସା କରିଥିଲେ। ମନ୍ଦିର କମିଟି ପକ୍ଷରୁ ନନ୍ଦ ପରିବାର ସମେତ ସମସ୍ତ ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

## ସିଂହାରପୁରରେ ଶିବ ବିବାହ ପାଇଁ ଦେବତା ନିମନ୍ତ୍ରଣ

**ଝାରସୁଗୁଡ଼ା, ୧୫।୫(ସମିସ):** ଶ୍ରୀ ଶ୍ରୀ ଝାଡ଼େଶ୍ୱର ବାବା ସିଂହାରପୁର ମନ୍ଦିରରେ ଶିବ ବିବାହ ମହୋତ୍ସବ ନିମନ୍ତେ ଗୁରୁବାର ଦେବ ବରଣ ଅନୁଷ୍ଠିତ ହୋଇଯାଇଛି। କନ୍ୟା ପିତାମାତା ଭାବେ ଲଳିତା ବଢ଼େଇ ଓ ଦାମୋଦର ବଢ଼େଇ ଏବଂ ପୂଜକ ନରେଶ ପୁଝାରୀ ପାରମ୍ପରିକ ରୀତିରେ ପୂର୍ଜାର୍ଚ୍ଚନା କରି ପ୍ରଥମ ନିମନ୍ତ୍ରଣ ଝାଡେଶ୍ୱର ବାବାଙ୍କୁ ପ୍ରଦାନ କରିଛନ୍ତି। ସେହିପରି ଅଢାପରା ସ୍ଥିତ ମାଁ ରଣେଶ୍ୱର ରାମଚଣ୍ଡୀ, ବନ୍ଧବାହାଲ ସ୍ଥିତ ମାଁ ସମଲେଇ ଓ ବନ୍ଧବାହାଲ ଦୀନବାନ୍ଧବ କ୍ଷେତ୍ରରେ ପ୍ରଭୁ ଜଗନ୍ନାଥଙ୍କୁ ନିମନ୍ତ୍ରଣ କରାଯାଇଛି। ଚଳିତ ମାସ ୩୦ ତାରିଖ ତାଟ ନିମନ୍ତ୍ରଣ, ଗନ୍ଧାଦିବାସ, ଚୁରୁକା, ମାଁ ପାର୍ବତୀଙ୍କ ପିନ୍ଧାଣୀ ମହୋତ୍ସବ ଅନୁଷ୍ଠିତ ହେବ। ୩୧ ତାରିଖ ଶନିବାର ଅପରାହ୍ଣ ୪ଟା ୨୯ରୁ ୬ଟା ୪୫ ମି ମଧ୍ୟେ ବିବାହ ପାଣିଗ୍ରହଣ, ପ୍ରସାଦସେବନ ଓ ସଂଧ୍ୟାରେ ବରକନ୍ୟା ବିଦାୟ କାର୍ଯ୍ୟକ୍ରମ ରହିଛି। ମନ୍ଦିର କମିଟି ପକ୍ଷରୁ ସମସ୍ତ ସଦସ୍ୟ ଓ ସିଂହାରପର ଗ୍ରାମବାସୀ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି।

## ଜୁହାର ପରିବାର ଓ ଆଦର୍ଶ ପକ୍ଷରୁ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ସମ୍ବଲପୁର, ୧୫।୫(ସମିସ):** ଜୁହାର ପରିବାର, ସମ୍ବଲପୁର ଓ ଆଦର୍ଶ ସଂସ୍ଥା ପକ୍ଷରୁ ଧନୁପାଲି ଶିଶୁ ବିଦ୍ୟା ମନ୍ଦିର ପ୍ରେକ୍ଷାଳୟରେ ଆଜି ମାଟ୍ରିକ ପରୀକ୍ଷାରେ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବିଭିନ୍ନ ହାଇସ୍କୁଲରେ'ଏ-୧' ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଉତ୍ସବରେ କୃତୀ ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। 'ଜୁହାର ପରିବାର' ସଂଯୋଜକ ତଥା ବରିଷ୍ଠ ସାମ୍ବାଦିକ ପ୍ରଫୁଲ୍ଲ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଓଡ଼ିଶା ସାଂସ୍କୃତିକ ସମାଜ ସଭାପତି ଡଃ ପରେଶ ଚନ୍ଦ୍ର ଦାନୀ ମୁଖ୍ୟଅତିଥି ଓ ଡଃ ଦେବେନ୍ଦ୍ର କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଭାବେ ଯୋଗଦେଇସମୟର ସଦ୍‌ବିନିଯୋଗ କରି ସର୍ବଦା ସତ୍‌ମାର୍ଗରେ ଗତି କରିବା ଏବଂ ରାଷ୍ଟ୍ର ନିର୍ମାଣରେ ଉତ୍ସର୍ଗୀକୃତ ହେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ପରିବାର ଆବାହକ ଡଃ ସତ୍ୟନାରାୟଣ ଠାକୁର ସମ୍ବର୍ଦ୍ଧନା ଉତ୍ସବ ପରିଚାଳନା କରିଥିବାବେଳେ 'ଆଦର୍ଶ' କାର୍ଯ୍ୟକର୍ତ୍ତା ରଞ୍ଜନ କୁମାର ନାୟକ ସ୍ୱାଗତ ଭାଷଣ, ବରିଷ୍ଠ ସଦସ୍ୟା ଜେ. ଗିରିଜା ଦେବୀ ମନ୍ତ୍ର ଉଚ୍ଚାରଣ କରିଥିଲେ। କାର୍ଯ୍ୟକ୍ରମରେ ଜ୍ୟୋତି ଶତପଥୀ, ଯାମିନୀ ଠାକୁର, ପଙ୍କଜିନୀ ମେହେର, ମନୋରଞ୍ଜନ ବାବୁ ପ୍ରମୁଖ ସହଯୋଗ କରିଥିଲେ।

ବେଦାନ୍ତରେ ଅନ୍ତର୍ଜାତୀୟ ପରିବାର ଦିବସ

## କର୍ମଚାରୀଙ୍କ ପିତାମାତାଙ୍କୁ ପ୍ଲାଣ୍ଟରେ ସ୍ୱାଗତ କାର୍ଯ୍ୟକ୍ରମ



**ଝାରସୁଗୁଡ଼ା, ୧୫।୫(ସମିସ):** ଆନ୍ତର୍ଜାତୀୟ ପରିବାର ଦିବସ ଅବସରରେ ଝାରସୁଗୁଡ଼ା ସ୍ଥିତ ବେଦାନ୍ତ ଆଲୁମିନିୟମ ପ୍ରକଳ୍ପରେ ଏହାର କର୍ମଚାରୀଙ୍କ ପିତାମାତାଙ୍କ ଉଦ୍ଦେଶ୍ୟରେ ଏକ ସ୍ୱାଗତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। 'ଗର୍ବିତ ଅଭିଭାବକ' ନାମକ ଏକ ସ୍ୱତନ୍ତ୍ର ବାର୍ଷିକ କାର୍ଯ୍ୟକ୍ରମକୁ କମ୍ପାନୀ କର୍ମଚାରୀଙ୍କ ପିତାମାତାଙ୍କ ପ୍ରତି ଉତ୍ସର୍ଗ କରାଯାଇଥିଲା। ଚଳିତ ବର୍ଷ ପାଇଁ ମିଳିତ ଜାତିସଂଘ ଦ୍ୱାରା ମନୋନୀତ ବିଷୟ 'ସହନୀୟ ବିକାଶ ପାଇଁ ପରିବାର ଭିତ୍ତିକ ନୀତି' ଉପରେ ପର୍ଯ୍ୟବେକ୍ଷିତ 'ଗର୍ବିତ ଅଭିଭାବକ' କାର୍ଯ୍ୟକ୍ରମ ବେଦାନ୍ତ ପକ୍ଷରୁ କରାଯାଇଥିଲା। ଦ୍ୱି ଦିବସୀୟ ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ବେଦାନ୍ତର କର୍ମଚାରୀଙ୍କର ପିତାମାତାଙ୍କୁ କାରଖାନା ଉତ୍ପାଦନ ୟୁନିଟ୍‌ର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରାହୋଇଥିଲା। ଏହାସହ ସେମାନଙ୍କୁ ପ୍ରକଳ୍ପରେ ସୁବିଧା ଓ ଅବସର ବିନୋଦନର ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଯାଇଥିଲା। ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଥିଲେ 'ଗର୍ବିତ ଅଭିଭାବକ' କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ପିତାମାତାଙ୍କୁ ବ୍ୟବସାୟର ପ୍ରତ୍ୟକ୍ଷ ଝଲକ ପ୍ରଦାନ କରିବା। ପିତାମାତାଙ୍କ ପାଇଁ ସେମାନଙ୍କ ପିଲାମାନେ ଯେଉଁ କାମ, ମୂଲ୍ୟବୋଧ ଏବଂ ପରିବେଶରେ ଯୋଗଦାନ ଦିଅନ୍ତି ତାହା ପ୍ରତ୍ୟକ୍ଷ ଭାବରେ ଦେଖିବା ଦ୍ୱାରା ବିଶ୍ୱାସ, ଗର୍ବ ଏବଂ ଗଭୀର ଭାବପ୍ରବଣ ସମ୍ପର୍କ ବୃଦ୍ଧି ହୁଏ ବୋଲି ସିଓଓ ଗୁପ୍ତା ମତବ୍ୟକ୍ତ କରିଥିଲେ।

## ସମାଜିକ ଗଣମାଧ୍ୟମରେ ଜୟ ଭୀମକୁ ଗାଳିଗୁଲଜ ଅଭିଯୋଗ, ଏସ୍‌ପିଙ୍କ ଦ୍ୱାରସ୍ଥ

**ସମ୍ବଲପୁର, ୧୫।୫(ସମିସ):** ସାମାଜିକ ଗଣମାଧ୍ୟମରେ ଜୟ ଭୀମ୍‌କୁ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ଅଶ୍ଳୀଳ ଗାଳିଗୁଲଜ କରିଥିବା ଭିଡିଓକୁ ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗୁରୁବାର ଭୀମ ଆର୍ମି ସଙ୍ଗଠନ ପକ୍ଷରୁ ପ୍ରତିନିଧି ଦଳ ସମ୍ବଲପୁର ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏନେଇ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଏହି ଘୃଣାତ୍ମକ ବାର୍ତ୍ତା ଦ୍ୱାରା ସମ୍ବଲପୁରରେ ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ ବିଦ୍ୱେଷ ସୃଷ୍ଟି ପାଇଁ ଉଦ୍ୟମ କରାଯାଉଛି। ସମ୍ବିଧାନ ପ୍ରଣେତା ବାବା ସାହେବ ଡଃ ଭୀମରାଓ ଆମ୍ବେଦକରଙ୍କୁ ଅସମ୍ମାନ କରାଯାଉଛି। ଏଭଳି ବ୍ୟକ୍ତି



ଖୋଲାଖୋଲି ଭାବେ ସହରରେ ବୁଲିବା ଦ୍ୱାରା ଅଶାନ୍ତର ବାତାବରଣ ସୃଷ୍ଟି ହେଉଛି। ଏଣୁ ଏହି ବ୍ୟକ୍ତିମାନଙ୍କୁ ଏବଂ ଏମାନଙ୍କ ପଛରେ ଥିବା ମୁଖ୍ୟବ୍ୟକ୍ତିଙ୍କୁ ଗିରଫ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଜିଲ୍ଲା ସଭାପତି ଦିନେଶ ମୁଣ୍ଡା ଦାବି କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଏହାପୂର୍ବରୁ ବରେଇପାଲି ଥାନାରେ ମଧ୍ୟ ଅଭିଯୋଗ କରାଯାଇଛି। ପ୍ରତିନିଧି ଦଳରେ ଭୀମ ଆର୍ମି ରାଜ୍ୟ ସଭାପତି ଲଙ୍କେଶ ରାବଣ, ଜିଲ୍ଲା ସଭାପତି ଦିନେଶ ମୁଣ୍ଡା, ଉପସଭାପତି ଟିଙ୍କୁ ଜଗତ, ୟୁଥ୍ ସଭାପତି ରୋଶନ ଆଜାଦ, ଅତାବିରା ବ୍ଲକ ସଭାପତି ବାବୁଲୁ ଭେତ୍ରା, ଉମେଶ ଉଗର, ରଘୁ ତାଣ୍ଡି, ସିଦ୍ଧାର୍ଥ, ଫିରୋଜ ବୁଢ଼ା, ବିକାଶ ବୌଦ୍ଧ, ଧୀରଜ ସିଂ, ଶାନ୍ତନୁ ମୁଣ୍ଡା ପ୍ରମୁଖ ସାମିଲ ଥିଲେ।

## ଗଞ୍ଜେଇ ଜବତ, ଜଣେ ଗିରଫ

**ରେଢ଼ାଖୋଲ, ୧୫।୫(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଖଦାଡିପ ଛକ ନିକଟରୁ ଗୁରୁବାର ଦିନ ରେଢ଼ାଖୋଲ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ୩ କେଜି ୫ ଶହ ଗ୍ରାମ ଗଞ୍ଜେଇ ଜବତ କରି ଜଣେ ଚାଲାଣକାରୀକୁ ଗିରଫ କରାଯାଇଛି। ଗିରଫ ଜଣକ ହେଲେ ମହାରାଷ୍ଟ୍ରର ଅଜୟ ମିଶ୍ର। ଉକ୍ତ ଅଭିଯୁକ୍ତ ଜଣଙ୍କ ଏକ ବ୍ୟାଗ୍ ରେ ୩ କେ ୫ ଶହ ଗ୍ରାମର ଗଞ୍ଜେଇ ଧରି ବସ୍‌କୁ ଅପେକ୍ଷା କରିଥିଲେ। ଖବର ପାଇ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରି ବ୍ୟାଗ୍ ଯାଞ୍ଚ କରାଯାଇଥିଲା। ଯାଞ୍ଚ ପରେ ଗଞ୍ଜେଇ ଜବତ ସହ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ରେଢ଼ାଖୋଲ ଅବକାରୀ ବିଭାଗ ଅଧିକାରୀ ଦୃବଦଳ ବିଶ୍ୱାଳ ସୂଚନା ଦେଇଛନ୍ତି।

## ଜିଲ୍ଲାସ୍ତରୀୟ ପରାକ୍ରମ ଶୋଭାଯାତ୍ରା



**ଝାରସୁଗୁଡ଼ା, ୧୫।୫(ସମିସ):** ଅପରେସନ ସିନ୍ଦୂର ମାଧ୍ୟମରେ ଭାରତୀୟ ସେନା ବାହିନୀର ପରାକ୍ରମ ପ୍ରଦର୍ଶିତ ହୋଇଛି ବୋଲି ଜିଲ୍ଲାସ୍ତରୀୟ ପରାକ୍ରମ ଶୋଭାଯାତ୍ରାରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବିଧାୟକ ଟଙ୍କଧର ତ୍ରିପାଠୀ କହିଛନ୍ତି। ଗୁରୁବାର ସକାଳେ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ସରବାହାଲସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ତ୍ରିରଙ୍ଗା ଶୋଭାଯାତ୍ରାରେ ବାଇକ୍ ସାମିଲ୍ ହୋଇଥିଲା। ଏହାକୁ ଶୁଭାରମ୍ଭ କରି ବିଧାୟକ ଶ୍ରୀ ତ୍ରିପାଠୀ ଭାରତୀୟ ସେନାବାହିନୀ ଅପରେସନ ସିନ୍ଦୂର ମାଧ୍ୟମରେ ଭାରତ ବିଶ୍ୱରେ ନିଜର ସାହସ ଓ ପରାକାଷ୍ଠା ପ୍ରଦର୍ଶନ କରିଛି ବୋଲି କହିଥିଲେ। ବାଇକ୍ ଶୋଭାଯାତ୍ରାରେ ବିଧାୟକ ଶ୍ରୀ ତ୍ରିପାଠୀଙ୍କ ସହ ଜିଲ୍ଲାପାଳ ଅବୋଲୀ ସୁନିଲ ନରୱଣେ, ଆରକ୍ଷୀ ଅଧୀକ୍ଷକ ସ୍ମିତ ପି ପରମାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ପ୍ରତିନିଧି ରଘୁନନ୍ଦନ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବୁଦ୍ଧିଜୀବୀ, ଜନସାଧାରଣ ଓ ସରକାରୀ ଅଧିକାରୀ ଓ କର୍ମଚାରୀ ବନ୍ଦେ ମାତରମ ଓ ଭାରତ ମାତା କି ଜୟ ନାରା ସହ ତ୍ରିରଙ୍ଗା ପତାକା, ଦେଶଭକ୍ତି ଗୀତ ଓ ପ୍ଲାକାର୍ଡ ସହିତ ଶୋଭାଯାତ୍ରାରେ ଅଂଶ ଗ୍ରହଣ କରିଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଆରମ୍ଭ ହୋଇଥିବା ଶୋଭାଯାତ୍ରା ବେହେରାମାଲ କିଷାନ ଛକ, ପୁରୁଣା ବସଷ୍ଟାଣ୍ଡ ସ୍ଥିତ ଗାନ୍ଧୀ ଛକ, ଝଣ୍ଡା ଛକ ଓ ମନମୋହନ ସ୍କୁଲ ଅତିକ୍ରମ ସମୟରେ ବିପୁଳ ସଂଖ୍ୟାରେ ଜନସାଧାରଣ ଏଥିରେ ସାମିଲ ହୋଇଥିଲେ। ବିଧାୟକ ଶ୍ରୀ ତ୍ରିପାଠୀଙ୍କ ସମେତ ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ଜନ ପ୍ରତିନିଧି ଓ ଜନ ସାଧାରଣ ବାଇକ୍‌ରେ ସହର ପରିକ୍ରମା କରିଥିଲେ।

## ଅପରେସନ୍ 'ସିନ୍ଦୂର'ର ସଫଳତା ନେଇ ବାଇକ୍ ଶୋଭାଯାତ୍ରା

ଦେବଗଡ଼, ୧୫।୫(ସମିସ)

ଅପରେସନ୍ ସିନ୍ଦୂରର ବୀର ଗାଥାକୁ ଲୋକ ଲୋଚନରେ ପ୍ରସାର କରି ଯବାନ ମାନଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଗୁରୁବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଦେବଗଡ଼ରେ ଏକ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଭାରତୀୟ ସେନାର ତିନି ବାହିନୀର ବୀର ଯବାନଙ୍କୁ କୃତଜ୍ଞତା ପ୍ରକାଶ କରି ଜିଲ୍ଲାସ୍ତରୀୟ ତ୍ରିରଙ୍ଗା ମୋଟରସାଇକେଲ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। କାର୍ଯ୍ୟକ୍ରମରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲ୍ଲାପାଳ କବିନ୍ଦ୍ର ସାହୁ, ଆରକ୍ଷୀ ଅଧିକ୍ଷକ ଅନିଲ ମିଶ୍ର, ଜିଲ୍ଲା ବିଜେପି ସଭାପତି ଅରୁଣ ସାହୁ, ପୌର ପରିଷଦ ଅଧ୍ୟକ୍ଷ ପ୍ରଜିତ ଭୋଜ, ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ସବୁଜ ପତାକା ଦେଖାଇ ଶୋଭାଯାତ୍ରା ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରା ସକାଳ ୮ଟାରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ବାହାରି ବିଭିନ୍ନ ଛକ ଦେଇ ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ପହଞ୍ଚିଥିଲା। ବିଭିନ୍ନ ପ୍ରାଶାସନିକ ଅଧିକାରୀ, ପୁଲିସ ବାହିନୀଙ୍କ ସମେତ ଶହ ଶହ ସଂଖ୍ୟାରେ ଜନସାଧାରଣ ଏଥିରେ ସାମିଲ ହୋଇ ତ୍ରିରଙ୍ଗା ପତାକା ଧରି ବନ୍ଦେ ମାତରମ୍ ନାରା ସହିତ ସହର ପରିକ୍ରମା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଜିଲ୍ଲା ଓକିଲ ସଙ୍ଘ ସଭାପତି ସଚ୍ଚିକାନ୍ତ ଦାସ, ଗଣେଶ ମେଳା କମିଟି ସଭାପତି ଉମାକାନ୍ତ ସାହୁ, ତିଲେଇବଣି ବ୍ଲକ ସାଂସଦଙ୍କ ପ୍ରତିନିଧି ଯୋଗେଶ ପ୍ରଧାନ, ଭୋଳେଶ୍ୱର ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।



# ଅପରେସନ୍ 'ସିନ୍ଦୂର' ପାଇଁ ତିରଙ୍ଗା ଶୋଭାଯାତ୍ରା

**ରେଢ଼ାଖୋଲ, ୧୫।୫(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରରେ ପ୍ରଶାସନ ପକ୍ଷରୁ ଗୁରୁବାର ଦିନ ଅପରେସନ 'ସିନ୍ଦୂର'ପରାକ୍ରମ ତ୍ରିରଙ୍ଗା ଶୋଭାଯାତ୍ରା ବାଇକ୍ ରାଲି ଅନୁଷ୍ଠିତ ହୋଇଯାଇଛି। ରାଲିରେ ରେଢ଼ାଖୋଲ ଅଞ୍ଚଳର ଶତାଧିକ ସଂଖ୍ୟାରେ ଜନସାଧାରଣ ସାମିଲ ହୋଇ ପ୍ରଥମେ ରେଢ଼ାଖୋଲ ଉପଜିଲ୍ଲାପାଳ କାର୍ଯ୍ୟାଳୟ ଠାରୁ ପରାକ୍ରମ ତ୍ରିରଙ୍ଗା ଶୋଭାଯାତ୍ରା ଆରମ୍ଭ ହୋଇ ଡ଼ାକବାଜି ଯନ୍ତ୍ର ସାହାଯ୍ୟରେ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରି ହିନ୍ଦୁସ୍ଥାନ ଜିନ୍ଦାବାଦ, ଭାରତ ମାତା କି ଜୟ ଧ୍ୱନିରେ ପ୍ରକମ୍ପିତ ହୋଇ ଉଠୁଥିଲା ସାରା ସହର। ଏଥିରେ ଖନ୍ଦାଢ଼ିପ ସାହି ଦେଇ ପୁଲିସ ଷ୍ଟେସନ, ଆମ୍ବେଦକର ନଗର, କଇଥ ସାହି, ଭୀମଭୋଇ ଛକ, ରଥ ସାହି, ଯଦୁମଣିପାଟଣା, କଲେଜ ଛକ ଦେଇ ଭୀମଭୋଇ ଛକରେ ଶେଷ ହୋଇଥିଲା। ପେହେଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଅପରେସନ 'ସିନ୍ଦୂର' ଜରିଆରେ ଭାରତୀୟ ସେନା ୧୦୦ରୁ ଊର୍ଦ୍ଧ୍ୱ ଆତଙ୍କବାଦୀ ସହିତ ୩୫ ରୁ ୪୦ ଜଣ ପାକିସ୍ଥାନୀ ସେନା ଅଧିକାରୀଙ୍କ ମୃତ୍ୟୁ ହୋଇଥିଲା। ଏଥିରେ ଭାରତୀୟ ସେନା ବାହିନୀର ପରାକ୍ରମ ବିଜୟ ଗାଥାକୁ ସାରା ଦେଶରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହେଉଛି।



# ଭାରତୀୟ ସେନାର ବଳିଦାନକୁ ସମ୍ମାନ, ସମ୍ବଲପୁରରେ ପରାକ୍ରମ ଶୋଭାଯାତ୍ରା





**ସମ୍ବଲପୁର, ୧୫।୫ (ସମିସ)**

ଅପରେସନ 'ସିନ୍ଦୂର' ସଫଳ ହୋଇଛି। ଭାରତୀୟ ସେନାର ତ୍ୟାଗ ଓ ବଳିଦାନକୁ ସମ୍ମାନ ଜଣାଇ ତଥା ବୀର ଗାଥାକୁ ପ୍ରଚାର ପ୍ରସାର ପାଇଁ ଗୁରୁବାର ସମ୍ବଲପୁରରେ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥଳ, ଜଳ ଓ ଆକାଶ ବାହିନୀର ଯବାନ ମାନଙ୍କୁ କୃତଜ୍ଞତା ଜଣାଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ତ୍ରିରଙ୍ଗା ମୋଟର ସାଇକଲ ଶୋଭାଯାତ୍ରା ସମ୍ବଲପୁର ସହର ପରିକ୍ରମା କରିଥିଲା। ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ୍ ରାମଚନ୍ଦ୍ର ଜାଧବ, ଉତ୍ତରଖଣ୍ଡ ଆଇଜି ହିମାଂଶୁ ଲାଲ, ସମ୍ବଲପୁର ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ତଥା ଭାରପ୍ରାପ୍ତ ଜିଲ୍ଲାପାଳ ବେଦଭୂଷଣ ପ୍ରମୁଖ ପତାକା ଦେଖାଇ ବାଇକ୍ ଶୋଭାଯାତ୍ରାକୁ ଆରମ୍ଭ କରିଥିଲେ। ଏହି ଶୋଭାଯାତ୍ରାରେ ଜିଲ୍ଲାସ୍ତରୀୟ ଅଧିକାରୀ, ସରକାରୀ କର୍ମଚାରୀ, ଏନ୍‌ସିସି କ୍ୟାଡେ଼, କ୍ରୀଡାବିତ୍, ପୋଲିସ ବାହିନୀ, ଶିକ୍ଷକ ଶିକ୍ଷୟିତ୍ରୀ, ସ୍ୱେଚ୍ଛାସେବୀ ସଂଗଠନ କର୍ମକର୍ତ୍ତା ତଥା ସାଧାରଣ ଲୋକ ଯୋଗ ଦେଇଥିଲେ। ଶୋଭାଯାତ୍ରା ସକାଳ ୮ଟାରେ ନେଲସନ ମଣ୍ଡେଲା ଛକରୁ ବାହାରି ଗୋଲବଜାର ଛକ, ଲକ୍ଷ୍ମୀ ଟକିଜ ଛକ, ମୁଦିପଡ଼ା ଛକ, କ୍ଷେତରାଜପୁର ଦେଇ ମା' ସମଲେଶ୍ୱରୀ ମନ୍ଦିର ନିକଟରେ ସମାପନ ହୋଇଥିଲା। ଏଥିରେ ପ୍ରାୟ ୬୦୦ ରୁ ଊର୍ଦ୍ଧ୍ୱ ଜନସାଧାରଣ ସାମିଲ ହୋଇ ହାତରେ ତ୍ରିରଙ୍ଗା ପତାକା ଧରି ବନ୍ଦେ ମାତରମ୍ ନାରା ଦେଇଥିଲେ। ହଜାର ହଜାର ଲୋକ ରାସ୍ତାକଡ଼ରେ ଛିଡ଼ାହୋଇ ଦେଶର ସ୍ଥଳ, ଜଳ ଓ ଆକାଶ ବାହିନୀର ବୀର ଯବାନଙ୍କୁ ପ୍ରଣାମ ଜଣାଇଥିଲେ।

# ଆଦର୍ଶ ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ

**ସମ୍ବଲପୁର, ୧୫।୫(ସମିସ):** ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ ଏକ ପ୍ରେସ ବିବୃତି ମାଧମରେ ଜଣାଇଛନ୍ତି ଯେ ବିଗତ ଦିନରେ ସିବିଏସଇ ଦଶମ ଓ ଦ୍ୱାଦଶ ଶ୍ରେଣୀର ପରୀକ୍ଷାଫଳ ପ୍ରକାଶ ପାଇଥିବା ବେଳେ ସମ୍ବଲପୁର ଜିଲ୍ଲାରେ ଅବସ୍ଥିତ ବିଭିନ୍ନ ଆଦର୍ଶ ବିଦ୍ୟାଳୟ ଗୁଡ଼ିକର ଫଳାଫଳ ବେଶ୍ ଉତ୍ସାହଜନକ। ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଯୁଯୁମୁରାସ୍ଥିତ ଆଦର୍ଶ ବିଦ୍ୟାଳୟର ବାରଲୋଇ ଗ୍ରାମର ଛାତ୍ରୀ ଦୀପିକା ଷଡ଼ଙ୍ଗୀ ସିବିଏସଇ ଦଶମ ବୋର୍ଡ ପରୀକ୍ଷାରେ ୯୬.୦୮ ପ୍ରତିଶତ ମାର୍କ ରଖି ସମଗ୍ର ଜିଲ୍ଲାରେ ବାମରାର ସାଗର ସାହୁଙ୍କ ସହ ଯୁଗ୍ମ ଭାବରେ ଟପ୍ପର ହୋଇଛନ୍ତି। ଅନୁରୂପ ଭାବରେ ଯୁଯୁମୁରା ବ୍ଲକ କେଶପାଲି ଗ୍ରାମର ତନ୍ମୟୀ ସାହୁ ୯୧ ପ୍ରତିଶତ ମାର୍କ ରଖିଛନ୍ତି। ଦ୍ୱାଦଶ ବୋର୍ଡ ପରୀକ୍ଷାରେ ମଧ ରେଙ୍ଗାଲି ସ୍ଥିତ ଆଦର୍ଶ ବିଦ୍ୟାଳୟର ବାଣିଜ୍ୟ ବିଭାଗର ଛାତ୍ରୀ ମଧୁସ୍ମିତା ବେହେରା ୯୪.୦୬ ପ୍ରତିଶତ ନମ୍ବର ରଖି ଟପ୍ପର ହୋଇଛନ୍ତି। ଅନ୍ୟାନ୍ୟ ୬ ଜଣ ଛାତ୍ରଛାତ୍ରୀ ମଧ ଶତକଡା ୯୦ ପ୍ରତିଶତରୁ ଅଧିକ ନମ୍ବର୍ ରଖିଛନ୍ତି ଯଥା ସ୍ମୃତି ସୁନା, ଶ୍ରେୟସ ବେହେରା, ହୃସ୍ମିତା ତିର୍କୀ, ମୋନାଲିସା ବୁଢ଼ିଆ ପେଟିଂରେ ଏବଂ ଅସ୍ମିତ କୁମାର ଶର୍ମା ଆଇଟିରେ ୧୦୦ ରୁ ୧୦୦ ନମ୍ବର୍ ରଖିଛନ୍ତି। ଦଶମ ଶ୍ରେଣୀରେ ସ୍ମୃତିରେଖା ସାହୁ, ଲକ୍ଷ୍ମୀପ୍ରିୟା ସାହୁ, ତ୍ରିଶାରାଣୀ ପ୍ରଧାନ ଆଇଟିରେ ୧୦୦ରୁ ୧୦୦ ନମ୍ବର୍ ରଖିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶିକ୍ଷାର ବିକାଶ ପ୍ରତି ଦୁରଦୃଷ୍ଟି ଯୋଗୁଁ ଆଜି ଗ୍ରାମାଞ୍ଚଳରେ ରହୁଥିବା ଛାତ୍ରଛାତ୍ରୀ ସହରାଞ୍ଚଳ ଓ ବିଦେଶରେ ରହୁଥିବା ଛାତ୍ରଛାତ୍ରୀଙ୍କ ସହ ପାଦରେ ପାଦ ମିଶାଇ ଆଗକୁ ବଢ଼ିବାର ପୂର୍ବୋକ୍ତ ପରୀକ୍ଷାର ଫଳାଫଳ ଜରିଆରେ ଏକ ମାଇଲ ଖୁଣ୍ଟ ସ୍ଥାପନ କରିଛନ୍ତି। ଇଂ ପୂଜାରୀ କହିଛନ୍ତି ଯେ ସେ ରେଢ଼ାଖୋଲର ବିଧାୟକ ଥିବା ସମୟରେ ରେଢାଖୋଲ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚାରୋଟି ବ୍ଲକରେ ଯଥା ରେଢ଼ାଖୋଲ, ନାକଟିଦେଉଳ, ଯୁଯୁମୁରା, ମାନେଶ୍ୱର ଠାରେ ଏବଂ ସମ୍ବଲପୁର ଜିଲ୍ଲାର ଧନକଉଡ଼ା, ରେଙ୍ଗାଲି, ବାମରା, ଜମନକିରା ଏବଂ କୁଚିଣ୍ଡା ଠାରେ ଆଦର୍ଶ ବିଦ୍ୟାଳୟ ସ୍ଥାପନ ହୋଇ ପାରିଥିଲା। ସେଥିପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଏବଂ କୃତଜ୍ଞତା ଜ୍ଞାପନ କରିଛନ୍ତି।ଏଥି ସହିତ କୃତିତ୍ୱର ସହ କୃତକାର୍ଯ୍ୟ ହୋଇଥିବା ଦଶମ ଓ ଦ୍ୱାଦଶ ସିବିଏସସି ବୋର୍ଡର ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବଲପୁର ବିଜୁ ଜନତା ଦଳ ପକ୍ଷରୁ ଅଭିନନ୍ଦନ ଦେବା ସହ ସମସ୍ତ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ସମ୍ବଲପୁର, ବୁର୍ଲା ଓ ହୀରାକୁଦର ଭୂମିହୀନଙ୍କୁ ପଟ୍ଟା ପ୍ରଦାନ ଦାବି

**ସମ୍ବଲପୁର, ୧୫।୫(ସମିସ):** ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ଓ ସମ୍ବଲପୁର ଜିଲ୍ଲା ଆଦିବାସୀ ଦଳିତ ସେନା ପକ୍ଷରୁ ସାମ୍ବାଦିକ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜସ୍ୱ ମନ୍ତ୍ରୀଙ୍କ ବିନା ପଟ୍ଟାରେ ଜାତି ପ୍ରମାଣପତ୍ର ଦେବା ଘୋଷଣା ପ୍ରସଙ୍ଗରେ ସ୍ପଷ୍ଟୀକରଣ ରଖାଯାଇଛି। ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ଅଧକ୍ଷ ନିହାଲ ସିଂ କହିଛନ୍ତି ଯେ, ଜାତି ପ୍ରମାଣପତ୍ର ପାଇବାରେ କୌଣସି ଅବହେଳା ପ୍ରଦର୍ଶନ ହେଉନାହିଁ। ପଟ୍ଟା ନଥିଲେ ମଧ ଜାତି ପ୍ରମାଣପତ୍ର ଲୋକମାନେ ପାଉଥିବା ଢେର ନଜିର ରହିଛି। ଜମି ପଟ୍ଟା ନଥିଲେ ମଧ ଜାତି ପ୍ରମାଣପତ୍ର ଦେବାପାଇଁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଘୋଷଣାରେ ଚାପ ବଶବର୍ତ୍ତୀ ହୋଇ ତହସିଲଦାର ମାନେ ନକଲି ଜାତି ପ୍ରମାଣପତ୍ର ଦେଇଦେବା ଆଶଙ୍କା ରହିଛି। ଲିଜ୍‌ରେ ନେଇଥିବା ଜମିକୁ ରାଜସ୍ୱ ବିଭାଗକୁ ନେଇ ତାଙ୍କ ଲିଜ୍ ବାତିଲ କରି ଦୀର୍ଘବର୍ଷ ହେଲା ସମ୍ବଲପୁର, ବୁର୍ଲା ଓ ହୀରାକୁଦ ସହରରେ ରହୁଥିବା ଭୂମିହୀନଙ୍କୁ ତୁରନ୍ତ ପଟ୍ଟା ପ୍ରଦାନ କରନ୍ତୁ ବୋଲି ଶ୍ରୀ ସିଂ ଦାବି କରିଛନ୍ତି। ପୂର୍ବରୁ ମନ୍ତ୍ରୀ ମାନଙ୍କ ଚାପରେ କେତେକ ତହସିଲଦାର ନକଲି ଜାତି ପ୍ରମାଣପତ୍ର ଦେବାପାଇଁ ବାଧ ହୋଇଥିଲେ, ଏହାର ପୁନରାବୃତ୍ତି ନ ଘଟିବା ପାଇଁ ମନ୍ତ୍ରୀ ସ୍ୱତନ୍ତ୍ର ଦୃଷ୍ଟି ଦିଅନ୍ତୁ ବୋଲି ସେ କହିଛନ୍ତି। ସମ୍ବଲପୁର ଜିଲ୍ଲା ଆଦିବାସୀ ଦଳିତ ସେନା ସଭାପତି ସୁରେଶ ମୁଣ୍ଡା କହିଥିଲେ, ଜାତି ପ୍ରମାଣପତ୍ର ପ୍ରଦାନରେ ଅବହେଳା ହେଉନାହିଁ। ଆମେ ଲେଖିକି ଦେଲେ ପ୍ରମାଣପତ୍ର ସହଜରେ ପାଉଛନ୍ତି। ଦୀର୍ଘବର୍ଷ ହେବ ଆଦିବାସୀଙ୍କୁ ବିପିଏଲ କରି ଜମିକୁ ପୁଞ୍ଜିବାଦକୁ ଦିଆଯାଇଛି। ୪ ଡେସିମିଲ ପାଇଁ ଆବେଦନ କରିଥିଲେ ମଧ ଭୂମିହୀନ କରି ରଖାଯିବା ଦୁଃଖଦାୟକ ଘଟଣା। ଏନେଇ ବର୍ତ୍ତମାନ ରାଜସ୍ୱ ମନ୍ତ୍ରୀ ଅଧିକ ଦୃଷ୍ଟି ଦେବାସହ ପଦକ୍ଷେପ ନେଲେ ଭଲ ହୁଅନ୍ତା। ସାମ୍ବାଦିକ ସମ୍ମିଳନୀରେ ଶେଖ୍ ଇନ୍ତିଖାପ, ତିବିକ୍ରମ ସାହୁ, ଅମିନ ମହାନନ୍ଦ ପ୍ରମୁଖ ମଞ୍ଚାସୀନ ଥିଲେ।



# ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ରେଢ଼ାଖୋଲ, ୧୫।୫(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଏନ୍‌ଏସି ଅନ୍ତର୍ଗତ ୫୫ ନଂ ଜାତୀୟ ରାଜପଥ ବର୍ଷିକିଆଗ୍ରାମ ଛକ ନିକଟରେ ଗୁରୁବାର ରାତ୍ରି ପ୍ରାୟ ୮.୪୦ ସମୟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ବୌଦ୍ଧ ଜିଲ୍ଲା ପଲସପାଟଗ୍ରାମର ବାସିନ୍ଦା ଆଲୋକ କୁମାର ପ୍ରଧାନ(୩୦)। ସୂଚନା ଯୋଗ୍ୟ ଯେ ଆଲୋକ ଦୀର୍ଘ ବର୍ଷ ହେବ ଗୁଜୁରାଟ ରାଜ୍ୟରେ ରହି ଏକ କମ୍ପାନୀରେ କାର୍ଯ୍ୟରତ ରହି ଆସୁଥିଲେ। ଏକ ବର୍ଷ ପୂର୍ବେ ଉକ୍ତ ଯୁବକ ଜଣଙ୍କ ବିବାହ କରିଥିଲେ। ତାଙ୍କର ସ୍ତ୍ରୀ ଗର୍ଭବତୀ ଥିବାରୁ କିଛି ଦିନ ହେବ ଆଲୋକ ଛୁଟି ନେଇ ଘରକୁ ଆସିଥିଲେ। ଦୁଇ ଦିନ ପୂର୍ବେ ସମ୍ବଲପୁର ଜିଲ୍ଲାର ଏକ ଘରୋଇ ହସ୍ପିଟାଲରେ ତାଙ୍କର ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି। ଆଜି ହର୍ଷ ଉଲ୍ଲାସ ସହିତ ଉକ୍ତ ଯୁବକ ପରିବାର ଲୋକେ, ସ୍ତ୍ରୀ ଏବଂ ଜନ୍ମିତ ଶିଶୁ କୁ ନେଇ ନିଜର କାର୍ ଯୋଗେ ପଠାଇ, ନିଜେ ବାଇକ୍‌ରେ ଘରକୁ ଫେରୁଥିଲେ। ଦୁର୍ଭାଗ୍ୟ ବଶତଃ ରେଢ଼ାଖୋଲ ସହରର ବର୍ଷିକିଆଗ୍ରାମ ଛକ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ସେ ମୃତ୍ୟୁ ବରଣ କରିଥିଲେ। ୫ କିଲୋ ମିଟର ପଛରେ ଆସୁଥିବା କାର୍ ରେ ପରିବାର ଲୋକ ପାଖରେ ପହଞ୍ଚି ଦେଖିବା ପରେ ରେଢ଼ାଖୋଲ ପୁଲିସ ଖବର ଦେଇଥିଲେ। ପୁଲିସ ପେଟ୍ରୋଲିଂ ଗାଡି ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ଉପଖଣ୍ଡ ଡାକ୍ତରଖାନାକୁ ଆଣି ଶବ ଜବତ କରି ତଦନ୍ତ ଆରମ୍ଭ କରିଛି।

# ଦୁର୍ଘଟଣାରେ ଜଣେ ମୃତ, ଜଣେ ଆହତ

**ସମ୍ବଲପୁର, ୧୫।୫(ସମିସ):** ଧମା ଥାନା ଅନ୍ତର୍ଗତ ଖୁଣ୍ଟି ଅଞ୍ଚଳରେ ସଡ଼କ ଦୁର୍ଘଟଣାରେ ଜଣଙ୍କ ମୃତ ହୋଇଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ମୃତକ ଜଣକ ହେଉଛନ୍ତି ସଂକଳା ଗ୍ରାମର ପ୍ରଶାନ୍ତ ସେଠ ଓ ଆହତ ଜଣକ ସଦାନନ୍ଦ ପ୍ରଧାନ। ଦୁହେଁ ସମ୍ବଲପୁର ସହରରୁ କାମ ସାରି ବାଇକ୍ ଯୋଗେ ଘରକୁ ଫେରୁଥିବା ସମୟରେ ଅଜଣା ଗାଡି ତାଙ୍କୁ ପଛ ପଟୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ପ୍ରଶାନ୍ତ ସେଠଙ୍କ ମୃତ୍ୟୁ ହୋଇଥିବା ବେଳେ ସଦାନନ୍ଦ ପ୍ରଧାନ ଆହତ ହୋଇଥିଲେ। ଉଭୟଙ୍କୁ ତୁରନ୍ତ ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ତେବେ ଡାକ୍ତର ପ୍ରଶାନ୍ତକୁ ମୃତ ଘୋଷଣା କରିଥିବା ବେଳେ ସଦାନନ୍ଦଙ୍କୁ ଅଧିକ ଚିକିତ୍ସା ପାଇଁ ବୁର୍ଲା ଭୀମସାରକୁ ସ୍ଥାନାନ୍ତର କରାଯାଇଛି। ସେପଟେ ଘଟଣାସ୍ଥଳକୁ ଧମା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଅତିଥି ଭାବେ ଘରେ ରହି କଲା ଚୋରି

# ଗିରଫ ସହ ଚୋରି ସାମଗ୍ରୀ ଉଦ୍ଧାର

**କୁଚିଣ୍ଡା, ୧୫।୫(ସମିସ):** ମହୁଲପାଳି ଥାନା ଅନ୍ତର୍ଗତ କବରିବାହାଲ ଗ୍ରାମର ଶ୍ରୀମତୀ ନାୟକ ତାଙ୍କର ଘରୁ ଚୋରି ହୋଇଥିବା ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ ଦେଇଥିଲେ। ତାଙ୍କ ଅଭିଯୋଗ ଅନୁଯାୟୀ, ବଲାଙ୍ଗିର ଜିଲ୍ଲା ବେଲପଡ଼ାଗ୍ରାମର ଦିପକ ବେହେରା ନାମକ ବ୍ୟକ୍ତି, ଯିଏ ତାଙ୍କର ମାଆ ଘର ପଡୋଶୀ। ସେ ୬ ମାସ ଧରି ତାଙ୍କ ଶଶୁର ଘରକୁ ଅଥିତି ଭାବରେ ଯାଉଥିଲେ। ୩୧ ଜାନୁଆରୀ ସନ୍ଧ୍ୟା ବେଳେ ଘରେ ଏକା ଥିବା ବେଳେ ଗଦରେଜ୍‌ରେ ରଖାଯାଇଥିବା ଗହଣା ଓ ନଗଦ ଟଙ୍କା ଚୋରି କରିଥିଲେ। ଚୋରି ହୋଇଥିବା ସାମଗ୍ରୀରେ ଗୋଟିଏ ସୁନାର ଗଳାସୂତା (୧.୫ ଭରି), ୩ଟି ସୁନାର ଆଠି, ୨ ଜୋଡ଼ି କାନ ଝୁମକା, ୨ଟି ନାକ ଚାଲି, ଗୋଟିଏ ସୁନାର ମଙ୍ଗଳ ସୂତ୍ର, ୩ ଜୋଡ଼ି ରୂପା ପାଉଁଜି ଏବଂ ୨୦ହଜାର ନଗଦ ଟଙ୍କା ଥିଲା। ଏହି ଅଭିଯୋଗ ଅନୁଯାୟୀ, ମହୁଲପାଳି ଥାନାରେ ମାମଲା ସଂଖ୍ୟା ୧୫/୨୦୨୫, ମାମଲା ରୁଜୁ ହୋଇଥିଲା। ଅଭିଯୁକ୍ତ ଈଶ୍ୱର ବେହେରା ଓରଫ ଦିପକ (୪୦)କୁ ବଲାଙ୍ଗିର ଜିଲ୍ଲା ବେଲପଡ଼ାରୁ ଗିରଫ କରାଯାଇ ଗୁରୁବାର କୁଚିଣ୍ଡା ଏସ୍‌ଡିଜେଏମ କୋର୍ଟ ଚାଲାଣ କରାଯାଇଛି। ଚୋରି ସାମଗ୍ରୀ ସହ ନଗଦ ୪୭୩୦ ଟଙ୍କା ଉଦ୍ଧାର କରାଯାଇ ଥିବା ମହୁଲପାଳି ପୁଲିସ ପକ୍ଷରୁ ପ୍ରକାଶ।

# ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ୧୧ କେ.ଭି. ଭୂତଳ ଲାଇନ୍ କାର୍ଯ୍ୟକ୍ଷମ



**ସମ୍ବଲପୁର, ୧୫।୫ (ସମିସ):** ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଡବ୍ଲ୍ୟୁଓଡିଏଲ୍) ପକ୍ଷରୁ ଅଇଁଠାପାଲିସ୍ଥିତ ୩୩/୧୧ କେ.ଭି. ପାୱାର୍ ସବଷ୍ଟେସନ୍ (ପିଏସ୍‌ଏସ୍) ଠାରୁ ସମ୍ବଲପୁର ସହରର ଜ୍ୟୋତି ମାର୍କେଟ ପର୍ଯ୍ୟନ୍ତ ୧.୯ ସର୍କିଟ କିଲୋମିଟର ଦୂର ବିଶିଷ୍ଟ ଏକ ନୂତନ ୧୧ କେ.ଭି. ଭୂତଳ ବିଦ୍ୟୁତ୍ ଲାଇନ୍ ପ୍ରକଳ୍ପ ସମାପ୍ତ ହୋଇ ଗତକାଲି ଏହାକୁ ଚାର୍ଜ କରାଯାଇ କାର୍ଯ୍ୟକ୍ଷମ କରାଯାଇଛି। ଏହି ପ୍ରକଳ୍ପ ପାଇଁ କମ୍ପାନୀ ପକ୍ଷରୁ ୧.୨୪ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଏହି ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ ହେଉଛି ସମ୍ବଲପୁର ସହର ଅନ୍ତର୍ଗତ ବୁଢ଼ାରଜା, ଫାଟକ, ଜ୍ୟୋତି ମାର୍କେଟ, ଦେହେରିପାଲି, ଶାନ୍ତିନଗର ଓ ମାତୃବିହାର ଭଳି ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟିକ କ୍ଷେତ୍ରଗୁଡ଼ିକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା। ଏହାଦ୍ୱାରା ଅଞ୍ଚଳର ୫ ହଜାରରୁ ଅଧିକ ବ୍ୟବସାୟିକ ତଥା ଘରୋଇ ଗ୍ରାହକ ଉପକୃତ ହୋଇପାରିବେ। ପୂର୍ବରୁ, ଏହି ଅଞ୍ଚଳ ଗୁଡ଼ିକ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟର ସମ୍ମୁଖୀନ ହେଉଥିଲା। ବିଶେଷକରି କାଳବୈଶାଖୀ ତଥା ଅନ୍ୟ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏହି ଅଞ୍ଚଳର ଓଭରହେଡ୍ ୧୧ କେ.ଭି. ଫାଟକ୍ ଫିଡରରେ ଅନେକ କ୍ଷୟକ୍ଷତି ଘଟୁଥିଲା। ଫଳରେ ଉକ୍ତ ଅଞ୍ଚଳମାନଙ୍କରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ ହେଉଥିଲା। ତେବେ ଏହି ନୂତନ ଭୂତଳ କେବୁଲ ବିଦ୍ୟମାନ ୧୧ କେ.ଭି. ଫାଟକ୍ ଓଭରହେଡ୍ ଫିଡର୍ ଲାଇନର ଏକ ବିକଳ୍ପ ଭାବରେ କାର୍ଯ୍ୟ କରିବ, ଯାହା ଫିଡର୍ ଲାଇନରେ କ୍ଷଣସ୍ଥାୟୀ ତ୍ରୁଟି ତଥା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିଦ୍ୟୁତ୍ ସେବା ବ୍ୟାଘାତକୁ ହ୍ରାସ କରିବା ବିଦ୍ୟୁତ୍ ଯୋଗାଣର ଗୁଣବତ୍ତା ଏବଂ ନିର୍ଭରଯୋଗ୍ୟତାକୁ ଉନ୍ନତ କରିବ। ଏହି ପ୍ରକଳ୍ପ ସମ୍ବଲପୁର ଟାଉନର ଏକ ପ୍ରମୁଖ ଉତ୍ସବ ଶୀତଳଷଷ୍ଠୀ ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦେବାରେ ସମର୍ଥନ କରିବ ବୋଲି ଆଶାପ୍ରକାଶ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଟିପିଡବ୍ଲ୍ୟୁଓଡିଏଲ୍ ଭୂତଳ କେବୁଲିଂ ଭଳି ନିର୍ଭରଯୋଗ୍ୟ ଏବଂ ସ୍ଥାୟୀ ସମାଧାନ ଗ୍ରହଣ କରି ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ଭିତ୍ତିଭୂମିକୁ ଆଧୁନିକୀକରଣ କରିବା ପାଇଁ ପ୍ରତିବଦ୍ଧ।

## ସ୍କୁଲ ଟେଣ୍ଡରର ପ୍ରକ୍ରିୟାରେ ଅନିୟମିତତା

# ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଅଭିଯୋଗ

**ସମ୍ବଲପୁର, ୧୫।୫(ସମିସ):** ନାକଟିଦେଉଳ ବ୍ଲକ ସରାପାଲି ସରକାରୀ ନୋଡାଲ ହାଇସ୍କୁଲ କସ୍ତୁରବା ଗାନ୍ଧି ବାଳିକା ବିଦ୍ୟାଳୟର ଛାତ୍ରୀ ନିବାସ ପାଇଁ ବିଭିନ୍ନ ସାମଗ୍ରୀ ଯୋଗାଇବା ପାଇଁ ହୋଇଥିବା ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ଅଭିଯୋଗକାରୀ ସମ୍ବଲପୁର ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ଛାତ୍ରୀ ନିବାସ ପାଇଁ ବିଭିନ୍ନ ସାମଗ୍ରୀ ଯୋଗାଇବା ନିମନ୍ତେ ୨୦୨୫-୨୬ ପାଇଁ ଗତ ୧୦ ତାରିଖରେ ଟେଣ୍ଡର ପ୍ରକାଶ ପାଇଥିଲା। ବିଭିନ୍ନ ସାମଗ୍ରୀ ଯୋଗାଇବା ପାଇଁ ନାକଟିଦେଉଳର ସୁବାସ ଚନ୍ଦ୍ର ପ୍ରଧାନ 'ମାଁ ମହାମାୟୀ ଟ୍ରେଡର୍ସ ନାମରେ ଉପଯୁକ୍ତ ପ୍ରମାଣପତ୍ର ସହ ୧୩ ତାରିଖରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ମାଝୀଙ୍କୁ ଦାଖଲ କରିଥିଲେ। ଟେଣ୍ଡର ପ୍ରକ୍ରିୟା ଚୟନ କରିବା ଦିନ ଅର୍ଥାତ ୧୪ତାରିଖ ସକାଳ ୧୦ଟାରେ ରହିଥିବା ବେଳେ ନିର୍ଦ୍ଧାରିତ ସମୟ ପୂର୍ବରୁ ସେ ବିଦ୍ୟାଳୟରେ ଉପସ୍ଥିତ ରହି ଉପସ୍ଥାନରେ ଦସ୍ତଖତ କରିଥିଲି। ଏଥିରେ ୧୦ ଜଣ ବିଲଡର ଟେଣ୍ଡର ପେପର ଦାଖଲ କରିଥିଲେ। ପେପର ଖୋଲିବା ପ୍ରକ୍ରିୟା ବେଳେ ଅନ୍ୟ ୯ ଜଣ ବିଲଡରଙ୍କ ପେପର ପ୍ୟାକେଟରେ ସେମାନେ ଦସ୍ତଖତ କରିଥିଲେ। କିନ୍ତୁ ମାଁ ମହାମାୟୀ ଟ୍ରେଡର୍ସ ନାମରେ ଥିବା ଟେଣ୍ଡର ପେପର ପ୍ୟାକେଟରେ ଦସ୍ତଖତ କରିବା ପାଇଁ ସୁଯୋଗ ଦିଆଯାଇନଥିବା ସେ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। କଣପାଇଁ ଟେଣ୍ଡର ପେପର ପ୍ୟାକେଟରେ ଦସ୍ତଖତ କରିବାକୁ ସୁଯୋଗ ଦିଆଯାଉନାହିଁ ବୋଲି ସେ ପ୍ରଶ୍ନ କରିଥିଲେ। ହେଲେ ଉପସ୍ଥିତ ଥିବା ବିଇଓ ବିଜୟ କୁମାର ପାତ୍ର, ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ମାଝି, ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ଯାଇଥିବା ଟେଣ୍ଡର ସଂଯୋଜକ ଅବିନାସ ସାହୁ କୌଣସି ଉତ୍ତର ରଖିନଥିଲେ। ସେମାନେ ସୁବାସଙ୍କୁ ଉତ୍ତର ଦେବାକୁ ବାଧ ନୁହେ ବୋଲି କହିଥିଲେ। ସୁବାସ ପ୍ରତିବାଦ କରିବାରୁ ଥାନାରେ ଏତଲା ଦେଇ ଗିରଫ କରିବୁ ବୋଲି ଧମକ୍ ଚମକ୍ ଦେଇ ପୁଲିସ୍ ଡାକି ସ୍କୁଲ ପରିସରରୁ ବାହାର କରିଦେଇଥିଲେ। ପରେ ସୁବାସଙ୍କୁ ଛାଡି ଅନ୍ୟ ବିଲଡରମାନଙ୍କୁ ଏହି ଟେଣ୍ଡର ମିଳିଥିବା ସେ ଜାଣିବାକୁ ପାଇଥିଲେ। ଏଥିପାଇଁ ଜିଲ୍ଲାପାଳ ଓ ଡିଇଓଙ୍କ ନିକଟରେ ଅଭିଯୋଗ କରିଛନ୍ତି।ସୁବାସ କହିଛନ୍ତି, ଏହି ବିଦ୍ୟାଳୟରେ ହୋଇଥିବା ବିଭିନ୍ନ ଅନିୟମିତତାକୁ ଖୋଲାସା କରିବା ପାଇଁ ସେ ଆରଟିଆଇ ମାଗିଥିଲେ। ଏଥି ପାଇଁ ପ୍ରଧାନଶିକ୍ଷୟିତ୍ରୀ ଆକ୍ରୋସ ମୂଳକ ଭାବେ ଟେଣ୍ଡରରୁ ବଞ୍ଚିତ କରିଛନ୍ତି। ତେଣୁ ପ୍ରଶାସନ ଘଟଣାର ତଦନ୍ତ କରି ପୁଣି ଥରେ ଏହି ଟେଣ୍ଡରକୁ ରିଟେଣ୍ଡର କରିବାକୁ ସେ ଦାବି କରିଛନ୍ତି। ଏନେଇ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

# ପ୍ରକଳ୍ପସ୍ତରୀୟ ଅଦ୍ୱିକା ତାଲିମ ଶିବିର

**ରେଢ଼ାଖୋଲ, ୧୫।୫(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ମିଶନ ଶକ୍ତି ସଭାଗୃହରେ ଗୁରୁବାର ଦିନ ଶିଶୁ ବିକାଶ ଯୋଜନା ଆନୁକୂଲ୍ୟରେ ଅଙ୍ଗନୱାଡ଼ି କର୍ମୀମାନଙ୍କ ଦକ୍ଷତା ବୃଦ୍ଧି ଲାଗି ପ୍ରକଳ୍ପ ସ୍ତରୀୟ ଅଦ୍ୱିକା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିର ରେଢ଼ାଖୋଲ ସିଡିପିଓ ଆରତୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଦୁଇ ଦିନ ଧରି ଚାଲିଥିଲା। କାର୍ଯ୍ୟକ୍ରମରେ ୨୫ ଜଣ ଅଙ୍ଗନୱାଡ଼ି କର୍ମୀ ଅଂଶ ଗ୍ରହଣ କରିଥିଲେ। ଏଥିରେ ପ୍ରତ୍ୟେକ ଶନିବାର ଦିନ ଅଙ୍ଗନବାଡ଼ି କେନ୍ଦ୍ରମାନଙ୍କରେ କିଶୋରୀ ବାଳିକା ମାନଙ୍କ ପାଇଁ ଅନୁଷ୍ଠିତ ହେଉଥିବା ଅଦ୍ୱିକା କାର୍ଯ୍ୟକ୍ରମକୁ କିପରି ସରଳ ସୁନ୍ଦର ମନଲୋଭା କରି ପାରିବେ ସେ ସମ୍ପର୍କରେ ୧୨ଟି ମୋଡ୍ୟୁଲ୍‌ରେ ତାଲିମ ପ୍ରଦାନ କରାଯାଇଥିଲା। ରାଜ୍ୟସ୍ତରୀୟ ତାଲିମ ପ୍ରାପ୍ତ ପରିଦର୍ଶିକା ରଜନୀ ସାହୁ ତାଲିମ ପ୍ରଦାନ କରିଥିଲେ।



## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସୁଥିଲେ ସାବଧାନ !

# ବାଇକ୍ ଷ୍ଟାଣ୍ଡ ସିସିଟିଭି ଅଚଳ

**ସମ୍ବଲପୁର, ୧୫।୫(ସମିସ)**

ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସୁଥିଲେ ସାବଧାନ। ସ୍ୱାସ୍ଥ୍ୟବସ୍ଥା ଦେଖାଉଥିଲେ ମଧ ବାହାର ନଜର ରଖିବା ଜରୁରୀ। ନହେଲେ କେତେବେଳେ ମଧ ବାଇକ୍ ଚୋରି ହୋଇପାରେ। ବାଇକ୍ ଷ୍ଟାଣ୍ଡରେ ବାଇକ ରଖି ନର୍ଭୟରେ ସ୍ୱାସ୍ଥ୍ୟ ପରୀକ୍ଷା କରିପାରିବେନି। ସ୍ୱାସ୍ଥ୍ୟବସ୍ଥା ବୁଝୁଥିବା ବେଳେ ଏପଟେ କେହି ବାଇକ୍ ନେଇ ଫେରାର ହୋଇଯିବେ। ବାଇକ୍ ଚୋରି ପରେ ଅଭିଯୋଗ କଲେ ମଧ ମିଳିବ ନାହିଁ। କାରଣ ବାଇକ୍ ଷ୍ଟାଣ୍ଡରେ ଲାଗିଥିବା ଅଧିକାଂଶ ସିସିଟିଭି ଅଚଳ ହୋଇପଡ଼ିଛି। ମାସେ ଭିତରେ ୫ରୁ ଊର୍ଦ୍ଧ୍ୱ ବାଇକ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଗତ ୧୩ ତାରିଖ ସକାଳେ ପ୍ରସୂତି ବିଭାଗକୁ ମଞ୍ଜିତ ପ୍ରଧାନ(୪୦) ତାଙ୍କ ସ୍ତ୍ରୀଙ୍କୁ ନେଇ ଆସିଥିଲେ। ଚିକିତ୍ସା ପରେ ଅପରାହ୍ନରେ ଫେରିବା ବେଳେ ବାଇକ୍ ନଂ ଓଡି୧୫ଏଫ-୩୨୫୩ ନଥିଲା। ଖୋଜାଖୋଜି



କରି ବାଇକ୍ ପାଇନଥିଲେ। ପରେ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଏ ନେଇ ଜଣାଇଥିଲେ। ହେଲେ ସିସିଟିଭି ଅଚଳ ଥିବାରୁ କୌଣସି ସୁଫଳ ମିଳି ପାରିନଥିଲା। ବାଧ ହୋଇ ଟାଉନ ଥାନାରେ ଅଭିଯୋଗ କରିଛନ୍ତି।ଏହା ଦିନିକିଆ ଘଟଣା ନୁହେଁ। ଅଧିକାଂଶ ଦିନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ବାଇକ୍ ଚୋରି ହେଉଛି।

ସୂଚନା ଅନୁସାରେ ବୁର୍ଲାରେ ଭିମସାର ମେଡିକାଲ ଥିଲେ ମଧ ଅଧିକାଂଶ ଲୋକ ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥାନ୍ତି।

**ମାସକରେ ୫ରୁ ଊର୍ଦ୍ଧ୍ୱ ବାଇକ୍ ଚୋରି**

ଜିଲ୍ଲା ସାରା ଲୋକପ୍ରାୟ ଏହି ଡାକ୍ତରଖାନା ଉପରେ ନିର୍ଭର କରିଥାନ୍ତି। ପ୍ରାୟତଃ ସହରବାସୀ ବାଇକ୍ ଯୋଗେ ମେଡିକାଲ ପରିସରକୁ ଆସିଥାନ୍ତି। ମେଡିକାଲ ପରିସରରେ ବାଇକ୍ ପାର୍କିଂ କରିବା ପାଇଁ ସ୍ୱତନ୍ତ୍ର ସ୍ଥାନ ମଧ ରହିଛି। ବାହାରେ ସିକ୍ୟୁରିଟି ଗାର୍ଡ ମଧ ପହରା ଦେଉଛନ୍ତି। ପାର୍କିଂ ସ୍ଥାନରେ ସିସିଟିଭି ଲାଗିଛି। କିନ୍ତୁ ଅଧିକାଂଶ ଅଚଳ ହୋଇଯାଇଛି। ଯାହାର ସୁଯୋଗ ଉଠାଉଛନ୍ତି ଚୋରମାନେ। ମେଡିକାଲ ପରିସରରେ ଚୋରମାନେ ରହି ରେକି କରୁଛନ୍ତି। ଯେ କେହି ବି ବାଇକ୍ ପାର୍କିଂ କଲେ ତା ଉପରେ ନଜର ରଖୁଛନ୍ତି। ଯଦି ସ୍ୱାସ୍ଥ୍ୟ ପରୀକ୍ଷାରେ ବିଳମ୍ବ ଲାଗେ। ତାହାଲେ କୌଶଳକ୍ରମେ ବାଇକ୍‌କୁ ଷ୍ଟାଣ୍ଡରୁ ଚୋରି କରି ଫେରାର ହୋଇଯାଉଛନ୍ତି। ଏଭଳି ଘଟଣା ଗତ ଦୁଇ ମାସ ଭିତରେ ୧୦ ଟପିଲାଣି। ଚୋରି ପରେ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କଲେ ସିସିଟିଭି ଅଚଳ ବୋଲି ଜଣାପଡୁଛି। ଯାହା ଫଳରେ ପୁଲିସ ମଧ ଚୋରି ଗାଡ଼ି ଖୋଜିବାରେ ବିଫଳ ହେଉଛି।

# ଜିଲ୍ଲା କଂଗ୍ରେସ ପକ୍ଷରୁ ସହିଦ ସୈନିକଙ୍କୁ ଶ୍ରଦ୍ଧାଞ୍ଜଳି




**ସମ୍ବଲପୁର, ୧୫।୫(ସମିସ):** ଭାରତୀୟ ସେନା ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦ ବିରୋଧରେ ଲଢ଼େଇ କରି ଅପରେସନ 'ସିନ୍ଦୂର'ରେ ବଡ଼ ସଫଳତା ପାଇଛି। ଏହି ଆତଙ୍କବାଦ ବିରୋଧୀ ଲଢ଼େଇରେ ସହିଦ ହୋଇଥିବା ଭାରତୀୟ ସୈନିକଙ୍କୁ ଜିଲ୍ଲା କଂଗ୍ରେସ ପକ୍ଷରୁ ସମ୍ମାନ ତଥା ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଗୁରୁବାର ସନ୍ଧ୍ୟାରେ ସମ୍ବଲପୁର ଜିଲ୍ଲା କଂଗ୍ରେସ କମିଟିର ସଭାପତି ଜୟଶଙ୍କର ମିଶ୍ରଙ୍କ ନେତୃତ୍ୱରେ କଂଗ୍ରେସ କାର୍ଯ୍ୟାଳୟଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇ ସହିଦ ସୈନିକଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରାଯାଇଥିଲା। ଏହାପରେ ଜିଲ୍ଲା କଂଗ୍ରେସ କମିଟି କାର୍ଯ୍ୟାଳୟ ସମ୍ମୁଖରେ ସମସ୍ତେ ମହମବତୀ ପ୍ରଜ୍ୱଳନ କରି ସହିଦ ସୈନିକଙ୍କ ଆତ୍ମାର ସଦ୍‌ଗତି କାମନା କରି ପ୍ରାର୍ଥନା କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଦିଲ୍ଲୀପ ଦୁରିଆ, ଜିତେନ୍ଦ୍ର ପ୍ରଧାନ, ବିଜୟଲକ୍ଷ୍ମୀ ବେହେରା, ସୁତପା ମିତ୍ର, ବବିତା ବଡ଼ପଣ୍ଡା, ମହମ୍ମଦ ଜୁବେର, ମହମ୍ମଦ ସଲିମ, ନକୁଲ ବେହେରା, କିଶୋର ବାଗ, ଆଶିଷ ଚୌଧୁରୀ, ସତ୍ୟନାରାୟଣ ସେନାପତି, ସୁବର୍ଣ୍ଣ ମେହେର, ମୈଥିଳୀ ସାହୁ, ସୁଜାତା ବଡ଼ପଣ୍ଡା, ଫିଲିପ୍ସ କୁମାର, ପ୍ରହଲ୍ଲାଦ ତାଣ୍ଡି ପ୍ରମୁଖ ବହୁ କଂଗ୍ରେସ କର୍ମକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ।

# ମଣିପୁରରେ ଏନକାଉଣ୍ଟର; ୧୦ ଉଗ୍ରବାଦୀ ନିହତ

ନୂଆଦିଲ୍ଲୀ,୧୫।୫(ଏଜେନ୍ସି): ମଣିପୁରର ଚନ୍ଦେଲ ଜିଲ୍ଲାରେ ବୁଧବାର ରାତିରେ ସୁରକ୍ଷାବଳ ଏନକାଉଣ୍ଟରରେ ୧୦ ଉଗ୍ରବାଦୀ ନିହତ ହୋଇଛନ୍ତି। ଭାରତ-ବାଂଲାଦେଶ ସୀମା ନିକଟସ୍ଥ ଖେଙ୍ଗଜୟ ତହସିଲ ଅନ୍ତର୍ଗତ ସାମତାଲ ଗ୍ରାମରେ ୧୦ ଉଗ୍ରବାଦୀଙ୍କୁ ଆସାମ ରାଇଫଲ୍ ଏନକାଉଣ୍ଟର କରିଛି। ଭାରତୀୟ ସେନାର ଇଷ୍ଟର୍ଣ୍ଣ କମାଣ୍ଡ 'ଏକ୍ସ'ରେ ଏ ସମ୍ପର୍କରେ ସୂଚନା ଜାରି କରିଛି। ଏହି ଗାଁକୁ କିଛି ସଶସ୍ତ୍ର ଉଗ୍ରବାଦୀ ପ୍ରବେଶ କରିଥିବା ଗୁଇନ୍ଦା ସୂଚନା ମିଳିବା ପରେ ସେନା ପକ୍ଷରୁ ରାତି ଅଧିଆ ସର୍ଚ୍ଚ ଅପରେସନ କରାଯାଇଥିଲା। ଅପରେସନ ଖବର ପାଇ ଉଗ୍ରବାଦୀମାନେ ସଂପୃକ୍ତ ଅଞ୍ଚଳରୁ ଫେରାର ହୋଇଯିବାକୁ ଉଦ୍ୟମ କରିଥିଲା ବେଳେ ସୁରକ୍ଷାବଳ ପକ୍ଷରୁ ସେମାନଙ୍କୁ ଏନକାଉଣ୍ଟର କରାଯାଇଥିଲା। ସେମାନଙ୍କ ଠାରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଏବଂ ଅତ୍ୟାଧୁନିକ ସାମଗ୍ରୀ ଜବତ କରାଯାଇଥିବା ସେନା ପକ୍ଷରୁ କୁହାଯାଇଛି।

# ବିଏସ୍ଏଫ୍ ଯବାନଙ୍କୁ ନିର୍ଯାତନା ଦେଉଥିଲା ପାକିସ୍ତାନ



ନୂଆଦିଲ୍ଲୀ,୧୫।୫(ଏଜେନ୍ସି): ଭୁଲବଶତଃ ସୀମା ପାର୍ କରି ପାକିସ୍ତାନ ପଟକୁ ପଳାଇଥିବା ବିଏସଏଫ କନଷ୍ଟେବଳ ପୂର୍ଣ୍ଣମ କୁମାର ୨୧ ଦିନ ପରେ ଗତକାଲି ପାକିସ୍ତାନ କବଳରୁ ମୁକ୍ତ ହୋଇ ଗତକାଲି ସ୍ୱଦେଶ ଫେରିଥିଲେ। କିନ୍ତୁ ସେ ଫେରିବା ପରେ ପାକିସ୍ତାନରେ ତାଙ୍କୁ କିଭଳି ନିର୍ଯାତନା ଦିଆଯାଉଥିଲା ସେ ସମ୍ପର୍କରେ ବଖାଣିଛନ୍ତି। ସେ ଏପ୍ରିଲ ୨୩ ତାରିଖରେ ପଞ୍ଜାବର ଅନ୍ତର୍ଜାତୀୟ ସୀମାରେ ଗିରଫ ହେବା ପରେ ପାକିସ୍ତାନୀ ରେଞ୍ଜର୍ସ ତାଙ୍କ ଆଖିରେ କଳା ପଟି ବାନ୍ଧି ତାଙ୍କୁ ରଖୁଥିଲା ବୋଲି କହିଛନ୍ତି। ଯେଉଁଥିପାଇଁ ସେ ଶୋଇ ବି ପାରୁନଥିଲେ। ତାଙ୍କୁ ଶୋଇବାକୁ ଦିଆଯାଉ ନଥିଲା ବେଳେ ପାକ୍ ଯବାନମାନେ ଗାଳି ବି ଦେଉଥିଲେ।ଶାରୀରିକ ନିର୍ଯାତନା ଦିଆଯାଇ ନଥିଲେ ମଧ ସୀମାରେ ବିଏସଏଫ ନିୟୋଜନ ବିଷୟରେ ତାଙ୍କୁ ପଚରାଯାଇଥିଲା। ସବୁଠୁ ଦୁଃଖର କଥା ହେଉଛି ତାଙ୍କୁ ଦାନ୍ତ ଘଷିବାକୁ ମଧ ଅନୁମତି ଦିଆ ଯାଇ ନଥିଲା ବୋଲି ପୂର୍ଣ୍ଣମ କୁମାର କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୨୩ ଏପ୍ରିଲରେ ପଞ୍ଜାବର ଫିରୋଜପୁର ସେକ୍ଟରରେ ଡ୍ୟୁଟି ସମୟରେ ଭୁଲବଶତଃ ପାକିସ୍ତାନ ଅଞ୍ଚଳ ପାର ହୋଇଯାଇଥିବାରୁ ବିଏସଏଫ କନଷ୍ଟେବଳ ପୂର୍ଣ୍ଣମ କୁମାରଙ୍କୁ ପାକିସ୍ତାନ ରେଞ୍ଜର୍ସ ଗିରଫ କରି ନିଜ କବଜାକୁ ନେଇ ଯାଇଥିଲା।

■ ପାଣି ପାଇଁ ପାକିସ୍ତାନ କାକୁତି ମିନତି

# ଆତଙ୍କାବାଦ ବନ୍ଦ ନ ହେବା ଯାଏ ପାଣି ବନ୍ଦ: ଜୟଶଙ୍କର



ନୂଆଦିଲ୍ଲୀ, ୧୫।୫ (ଏଜେନ୍ସି): ଭାରତର ସିନ୍ଦୂର ଅପରେସନରେ ଘାଇଲା ହୋଇପଡ଼ିଥିବା ପାକିସ୍ତାନ ଏବେ ପାଣି ପାଇଁ ଛଟପଟ ହେବା ଆରମ୍ଭ କରିଦେଇଛି। ଅସ୍ତ୍ରବିରତି ପରେ ସିନ୍ଧୁ ନଦୀ ଜଳ ପାକିସ୍ତାନକୁ ଛାଡିବା ଲାଗି ପାକିସ୍ତାନ ସରକାର ଭାରତ ସରକାରଙ୍କ ନିକଟରେ କାକୁତି ମିନତି କରିବା ଆରମ୍ଭ କରିଦେଇଛନ୍ତି। କିନ୍ତୁ ସୀମାପାର ଆତଙ୍କବାଦ ବନ୍ଦ ନ ହେବା ଯାଏ ପାକିସ୍ତାନକୁ ପାଣି ଛାଡିବାର ପ୍ରଶ୍ନ ଉଠୁ ନାହିଁ ବୋଲି ଭାରତ ସ୍ପଷ୍ଟ କରିଛି। ସଂପ୍ରତିକ ସ୍ଥିତିରେ ପାକିସ୍ତାନ ସହିତ କେବଳ ଆତଙ୍କବାଦ ବିଷୟରେ ଆଲୋଚନା କରାଯିବ ଏବଂ ସିନ୍ଧୁ ନଦୀ ଜଳ ଚୁକ୍ତିକୁ ନେଇ ଭାରତ ସରକାର ନେଇଥିବା ନିଷ୍ପତ୍ତି କାଏମ ରହିବ। ଏଥିନେଇ କୌଣସି ବୁଝାମଣା ହେବ ନାହିଁ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କର ଗୁରୁବାର ସ୍ପଷ୍ଟ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ,ତୁରନ୍ତ ସିନ୍ଧୁ ଜଳ ଛାଡିବାକୁ ପାକିସ୍ତାନ ସରକାର ଗତକାଲି ଭାରତକୁ ଗୁହାରି କରିଥିଲେ।ଆଗକୁ ଖିରଫ ଋତୁ ଆସୁଥିବାରୁ ପାକିସ୍ତାନର କୃଷିକ୍ଷେତ୍ର ଭାରୀମାତ୍ରାରେ ପ୍ରଭାବିତ ହେବା ସହିତ ସ୍ଥିତିକୁ ଆହୁରି ଉତ୍କଟ କରିବ ଦର୍ଶାଇ ପାଣି ଛାଡିବାକୁ ପାକିସ୍ତାନ ଜଳ ସମ୍ପଦ ସଚିବ ସୟଦ ଅଲ୍ଲୀ ମୁର୍ତାଜା ଭାରତର ଜଳ ଶକ୍ତି ମନ୍ତ୍ରାଳୟକୁ ଅନୁରୋଧ କରିଥିଲେ। ଭାରତ ପକ୍ଷରୁ ଏଥିନେଇ ତୁରନ୍ତ ପ୍ରତିକ୍ରିୟା ଦିଆଯାଇ ନଥିଲା ବେଳେ ଗୁରୁବାର ଜୟଶଙ୍କର ଏଭଳି ଟିପ୍ପଣୀ ରଖିଛନ୍ତି। ସେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୂର୍ବରୁ ସବୁକିଛି ସ୍ପଷ୍ଟ କରିସାରିଛନ୍ତି। ପାକିସ୍ତାନ ସହ କେବଳ ଆତଙ୍କବାଦକୁ ନେଇ କଥାବାର୍ତ୍ତା ସମ୍ଭବ। ଯେଉଁ ଆତଙ୍କବାଦୀଙ୍କୁ ନେଇ ଆମେ ପାକିସ୍ତାନକୁ ତାଲିକା ଦେଇଛୁ ସେମାନଙ୍କୁ ପାକିସ୍ତାନ ପ୍ରଥମେ ଭାରତ ପଠାଉ।ଏହାସହିତ ପାକିସ୍ତାନ ତୁରନ୍ତ ନିଜ ମାଟିରେ ଆତଙ୍କବାଦୀ ଆଡ୍ଡା ହଟାଉ।



# କର୍ଣ୍ଣେଲ ସୋଫିଆଙ୍କୁ କ୍ଷମା ମାଗନ୍ତୁ ମଧ୍ୟପ୍ରଦେଶ ମନ୍ତ୍ରୀ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୫।୫(ଏଜେନ୍ସି): କର୍ଣ୍ଣେଲ ସୋଫିଆ କୁରେସୀଙ୍କୁ ନେଇ ଅପମାନଜନକ ମନ୍ତବ୍ୟ ଦେଇଥିବା ମଧ୍ୟପ୍ରଦେଶ ମନ୍ତ୍ରୀ ବିଜୟ ଶାହଙ୍କୁ ସୁପ୍ରିମକୋର୍ଟ ଭର୍ତ୍ସନା କରିବା ସହିତ ସେ ସୋଫିଆଙ୍କୁ ତୁରନ୍ତ କ୍ଷମା ମାଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ଏହି ପ୍ରସଙ୍ଗରେ ମଧ୍ୟପ୍ରଦେଶ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ ଉପରେ ସ୍ଥଗିତାଦେଶ ଦେବାକୁ ମନ୍ତ୍ରୀ ବିଜୟ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା ବେଳେ ସର୍ବୋଚ୍ଚ ନ୍ୟାୟାଳୟ ଏହାକୁ ଖାରଜ କରି ଦେଇଛନ୍ତି । ବିଜୟ ଶାହଙ୍କ ଆବେଦନ ଉପରେ ଶୁଣାଣି କରି ପ୍ରଧାନବିଚାରପତି ଜଷ୍ଟିସ୍ ବିଆର ଗଭାଇ ମନ୍ତ୍ରୀ ବିଜୟ ଶାହ କି ପ୍ରକାରର ବୟାନ ଦେଉଛନ୍ତି ବୋଲି ପ୍ରଶ୍ନ କରିଛନ୍ତି। ସାମ୍ବିଧାନିକ ପଦ ପଦବୀରେ ରହିଥିବା ଜଣେ ମନ୍ତ୍ରୀ କି ପ୍ରକାରର ଭାଷା ବ୍ୟବହାର କରୁଛନ୍ତି ବୋଲି ଜଷ୍ଟିସ୍ ଗଭାଇ ପ୍ରଶ୍ନ କରିବା ସହିତ ଏହା କ'ଣ ଜଣେ ମନ୍ତ୍ରୀଙ୍କ କ୍ଷେତ୍ରରେ ଶୋଭା ପାଏ କି ବୋଲି ପଚାରିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ ସାମ୍ବିଧାନିକ ପଦବୀରେ ଥିବା ବ୍ୟକ୍ତିଙ୍କଠାରୁ ଏଭଳି ବୟାନ ଆଶା କରାଯାଏ ନାହିଁ। ଯେତେବେଳେ ଦେଶ ଏକ ଘଡ଼ିସନ୍ଧି ପରିସ୍ଥିତି ଦେଇ ଗତି କରୁଛି, ସେତେବେଳେ ଜଣେ ଦାୟିତ୍ୱବାନ ବ୍ୟକ୍ତିଙ୍କ ଠାରୁ ଏଭଳି ବୟାନ ଆଶା କରାଯାଇ ପାରିବ ନାହିଁ। ସିଜେଆଇଙ୍କ ଏହି ଟିପ୍ପଣୀ ପରେ ମନ୍ତ୍ରୀ ବିଜୟ ଶାହ କ୍ଷମା ମାଗି ସାରିଛନ୍ତି ବୋଲି ତାଙ୍କ ଓକିଲ କହିଥିଲେ। ଏହାଛଡ଼ା ମନ୍ତ୍ରୀଙ୍କ ବୟାନକୁ ଗଣମାଧ୍ୟମ କଦର୍ଥ କରି ପ୍ରସାରଣ କରିଥିବା ଓକିଲ କହିଥିଲେ। ତେବେ ବିଜୟ ଶାହଙ୍କ ବିରୋଧରେ ଏତଲା ଦାଏର ଲାଗି ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ ଉପରେ ସ୍ଥଗିତାଦେଶ ପାଇଁ ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, କର୍ଣ୍ଣେଲ ସୋଫିଆ କୁରେସୀଙ୍କୁ ନେଇ ମଧ୍ୟପ୍ରଦେଶ କ୍ୟାବିନେଟ୍ ମନ୍ତ୍ରୀ ବିଜୟ ଶାହଙ୍କ ବିବାଦୀୟ ବୟାନ ପରେ ମହୁ ତହସିଲ ଅନ୍ତର୍ଗତ ମାନପୁର ଥାନାରେ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଏହି ପ୍ରସଙ୍ଗ ମଧ୍ୟପ୍ରଦେଶ ହାଇକୋର୍ଟରେ ପହଞ୍ଚିବା ପରେ ତାଙ୍କ ନିର୍ଦ୍ଦେଶ ଅନୁସାରେ ମନ୍ତ୍ରୀଙ୍କ ବିରୋଧରେ ଏତଲା ରୁଜୁ କରାଯାଇଛି।

# ଲକ୍ଷ୍ୟଭେଦୀ ଥିଲା ଭାରତୀୟ ସେନାର ପ୍ରହାର

ନୂଆଦିଲ୍ଲୀ,୧୫।୫(ଏଜେନ୍ସି): ଏପ୍ରିଲ ୨୨ ପହଲଗାମ ଆତଙ୍କୀ ହମଲାର ପ୍ରତିଶୋଧ ସ୍ୱରୂପ ଭାରତ ପାକିସ୍ତାନ ମାଟିରେ ପରିଚାଳିତ ଆତଙ୍କବାଦୀ ଆଡ୍ଡା ଉପରେ କରିଥିବା ସାମରିକ କାର୍ଯ୍ୟାନୁଷ୍ଠାନକୁ ନେଇ ଏବେ ପାଶ୍ଚାତ୍ୟ ଜଗତରେ ଜୋରଦାର୍ ଚର୍ଚ୍ଚା ଚାଲିଛି। ଭାରତୀୟ ସେନା ମେ '୭ ମଧ୍ୟରାତ୍ରରେ ପାକିସ୍ତାନ ବିପକ୍ଷରେ ଆରମ୍ଭ କରିଥିବା 'ଅପରେସନ ସିନ୍ଦୂର'ର ସଫଳତାକୁ ନେଇ ନ୍ୟୁୟର୍କ ଟାଇମ୍ସ ଏବଂ ୱାଶିଂଟନ୍ ପୋଷ୍ଟ ଭଳି ବହୁ ପ୍ରମୁଖ ଆନ୍ତର୍ଜାତିକ ସମ୍ବାଦପତ୍ର ସଂସ୍ଥା ଖବର ପ୍ରକାଶ କରିବା ସହିତ ଏହା ଭାରତୀୟ ସେନାର ବଡ଼ ସଫଳତା ବୋଲି ଉଲ୍ଲେଖ କରିଛନ୍ତି। ଖୁବ୍ କମ୍ ସମୟରେ ଏବଂ ମାତ୍ର ତିନି ଦିନର ଅପରେସନରେ ଭାରତୀୟ ସେନା ପାକିସ୍ତାନର ବହୁ ଆତଙ୍କବାଦୀ ଆଡ୍ଡା ଏବଂ ସାମରିକ ଘାଟିଗୁଡିକୁ ଯେଭଳି ଧ୍ୱସ୍ତବିଧ୍ୱସ୍ତ କରିଦେଇଛି ତାହା ଭାରତୀୟ ସେନାର ପରାକ୍ରମ ଏବଂ ଶୌର୍ଯ୍ୟ ପରାକାଷ୍ଠାକୁ ପ୍ରମାଣିତ କରିଥିଲା ବେଳେ ଭାରତ ସାମରିକ କ୍ଷେତ୍ରରେ ଏକ ନୂଆ ଫର୍ଦ୍ଦ ଯୋଡିଛି ବୋଲି କୁହାଯାଇଛି। ବିଶେଷକରି ଭାରତୀୟ ବାୟୁସେନା ନିୟନ୍ତ୍ରଣ ରେଖା ଏବଂ ଆନ୍ତର୍ଜାତିକ ସୀମା ଉଲ୍ଲଙ୍ଘନ ନ କରି ପାକିସ୍ତାନର ଆତଙ୍କବାଦ ଆଡ୍ଡା ଏବଂ ସାମରିକ ଘାଟି ଉପରେ ଆକ୍ରମଣ କରି ଯେଭଳି ବ୍ୟାପକ କ୍ଷତି ଘଟାଇଛି ତାହା ଭାରତ ପାଇଁ ଏକ ବଡ଼ ସଫଳତା ବୋଲି ଏହି ଦୁଇ ଖବରକାଗଜ ଉଲ୍ଲେଖ କରିବା ସହିତ ଏହାକୁ ସ୍ୱୀକୃତି ଦେବାକୁ ବହୁ ପାଶ୍ଚାତ୍ୟ ଗଣମାଧ୍ୟମ ବାଧ ହୋଇଛନ୍ତି ବୋଲି କହିଛନ୍ତି। ଏହାଦ୍ୱାରା ପାକିସ୍ତାନର ସବୁ ମିଛ ଧରାପଡ଼ିଯାଇଛି। ଭାରତୀୟ ସେନାର ଆକ୍ରମଣରେ ପାକିସ୍ତାନର ବ୍ୟାପକ କ୍ଷୟକ୍ଷତି ହୋଇଥିଲେ ମଧ ପାକିସ୍ତାନ ସରକାର ଏବଂ ସେନା ଏ ବିଷୟରେ ନିଜ ଦେଶବାସୀଙ୍କୁ ଲୁଚାଇବାକୁ ଉଦ୍ୟମ କରିଛନ୍ତି। କିନ୍ତୁ ନ୍ୟୁୟର୍କ ଟାଇମ୍ସ ଏବଂ ୱାଶିଂଟନ୍ ପୋଷ୍ଟ ଭଳି ବିଶ୍ୱର ଦୁଇ ପ୍ରମୁଖ ଦୈନିକ ଖବର କାଗଜରେ ଭାରତୀୟ ସେନାର ସଫଳତା ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ପାକିସ୍ତାନ ଏକପ୍ରକାର ଜଳକା ହୋଇପଡ଼ିଛି।

ଏପ୍ରିଲ ୨୨ରେ କଶ୍ମୀରର ପହଲଗାମ ଉପତ୍ୟକାରେ ଆତଙ୍କବାଦୀମାନେ ହିନ୍ଦୁ ପର୍ଯ୍ୟଟକମାନଙ୍କୁ ନିଶାଣ କରି ହତ୍ୟା କରିଥିଲେ। ଏଭଳି ବର୍ବର ଘଟଣା ସାରା ଦେଶବାସୀଙ୍କୁ ସ୍ତବ୍ଧ କରିଦେଇଥିଲା ବେଳେ ବହୁ ଆନ୍ତର୍ଜାତିକ ଗଣମାଧ୍ୟମରେ ଏନେଇ ଖବର ପ୍ରସାରିତ ହୋଇଥିଲା। ହେଲେ ନ୍ୟୁୟର୍କ ଟାଇମ୍ସ ଏବଂ ୱାଶିଂଟନ୍ ପୋଷ୍ଟ ଭଳି କିଛି ଆମେରିକୀୟ ଖବର କାଗଜ ସଂସ୍ଥା ଏହି ଘଟଣାକୁ ଅତି ସାଧାରଣ ଘଟଣା ଭାବେ ଖବର ପ୍ରକାଶ କରିଥିଲେ। ଯାହାକୁ ନେଇ ବିବାଦ ମଧ ଉଠିଥିଲା। ହେଲେ ଏହି ଘଟଣାର କିଛି ଦିନ ପରେ ଭାରତୀୟ ସେନା ପକ୍ଷରୁ ପାକିସ୍ତାନ ବିରୋଧରେ ହୋଇଥିବା ସାମରିକ କାର୍ଯ୍ୟାନୁଷ୍ଠାନର ସଫଳତାକୁ ନେଇ ଏହି ଦୁଇ ଖବରକାଗଜ ସମ୍ବାଦ ପ୍ରକାଶ ନ କରିବାରୁ ବର୍ତ୍ତି ପାରିନାହାନ୍ତି। ବରଂ ସେମାନେ ଭାରତୀୟ ସେନାର ପରାକ୍ରମ ଏବଂ ଦକ୍ଷତାକୁ ସର୍ବ ସମ୍ମୁଖକୁ ଆଣିଛନ୍ତି। ଅପରେସନ ସିନ୍ଦୂରରେ ଭାରତୀୟ ସେନା ପାକିସ୍ତାନର ବହୁ ପ୍ରମୁଖ ସାମରିକ ଘାଟି ଏବଂ ବାୟୁସେନା ଘାଟିକୁ ଧ୍ୱସ୍ତ ବିଧ୍ୱସ୍ତ କରିଦେଇଥିବା ନ୍ୟୁୟର୍କ ଟାଇମ୍ସ ପ୍ରକାଶ କରିଥିଲା ବେଳେ ଭାରତ ପାକିସ୍ତାନର ଅତିକମ୍‌ରେ ୬ଟି ଏୟାରବେସ୍ ଉପରେ ଆକ୍ରମଣ କରି ସେଗୁଡିକୁ ବ୍ୟାପକ କ୍ଷତି ପହଞ୍ଚାଇଥିବା କହିଛି। ଭାରତୀୟ ସେନାର ଅପରେସନ ସିନ୍ଦୂରକୁ ଅତ୍ୟନ୍ତ ନିଖୁଣ ଏବଂ ମର୍ମଭେଦୀ ବୋଲି ବର୍ଣ୍ଣନା କରି ଏହା ଦୁଇ ଦେଶ ମଧ୍ୟରେ ଗତ ଦଶନ୍ଧିରେ ହୋଇଥିବା ବିବାଦ ମଧ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ନ୍ୟୁୟର୍କ ଟାଇମ୍ସ ଏବଂ ୱାଶିଂଟନ୍ ପୋଷ୍ଟ କହିଛନ୍ତି।



■ ୱାଶିଂଟନ୍ ପୋଷ୍ଟ, ନ୍ୟୁୟର୍କ ଟାଇମ୍ସ ରିପୋର୍ଟ

## ଭୟାତୁର ହୋଇ ଅସ୍ତ୍ରବିରତି କରିବାକୁ ବାଧହୋଇଛି ପାକିସ୍ତାନ





ନୂଆଦିଲ୍ଲୀ,୧୫।୫(ଏଜେନ୍ସି): ଭାରତୀୟ ସେନା ପାକିସ୍ତାନର ବହୁ ସାମରିକ ଘାଟିକୁ ନିଶାଣ କରି ଆକ୍ରମଣ କରିବା ଏବଂ ଏଥିରେ ସଫଳତା ହାସଲ କରିବା ଘଟଣା ପ୍ରମାଣିତ ହୋଇସାରିଛି। ଆମେରିକା ସମେତ ବହୁ ପାଶ୍ଚାତ୍ୟ ରାଷ୍ଟ୍ରଙ୍କ ଉପଗ୍ରହ ଚିତ୍ରରୁ ଏହାର ପ୍ରମାଣ ହସ୍ତଗତ ହୋଇଥିବାରୁ ଭାରତୀୟ ସେନାର ଲକ୍ଷଭେଦୀ ଆକ୍ରମଣକୁ ନେଇ ବହୁ ପାଶ୍ଚାତ୍ୟ ସାମରିକ ବିଶେଷଜ୍ଞ ଭାରତୀୟ ସେନାକୁ ପରାକ୍ରମ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଅପରେସନ ସିନ୍ଦୂରକୁ ନେଇ ଭାରତ ଉଭୟ ସାମରିକ ଏବଂ କୂଟନୈତିକ ସ୍ତରରେ ବିଜୟ ହାସଲ କରିଛି ବୋଲି ପେଣ୍ଟାଗନର ପୂର୍ବତନ ବରିଷ୍ଠ ଅଧିକାରୀ ଏବଂ ସାମରିକ ବିଶେଷଜ୍ଞ ମାଇକେଲ ରୁବିନ କହିଛନ୍ତି। ଭାରତୀୟ ସେନା ଆକ୍ରଣରେ ପାକିସ୍ତାନର ପ୍ରଭୂତ କ୍ଷତି ଘଟିବା ପରେ ପାକିସ୍ତାନ ସେନା ଅତ୍ୟନ୍ତ ଭୟାତୁର ହୋଇ ଅସ୍ତ୍ରବିରତି ଘୋଷଣା କରିବାକୁ ବାଧ ହୋଇଛି ବୋଲି ସେ କହିଛନ୍ତି। ଏପରିକି ପାକିସ୍ତାନର ସେନାର ଭୟାତୁର ସ୍ଥିତିକୁ ସେ ଏକ ଗଳି କୁକୁର ଲାଞ୍ଜ ଜାକି ପଳାଇବା ସହିତ ତୁଳନା କରିଛନ୍ତି। ଏହାଛଡ଼ା ଆତଙ୍କବାଦ ବିରୋଧରେ ଭାରତ ଆରମ୍ଭ କରିଥିବା ଲଢେଇକୁ ନେଇ ଭାରତ କୂଟନୈତିକ ସ୍ତରରେ ମଧ ବିଜୟୀ ହୋଇଛି ବୋଲି ମାଇକେଲ କହିଛନ୍ତି। ଆତଙ୍କବାଦକୁ ନେଇ ପାକିସ୍ତାନ ବାସ୍ତବତା ଠାରୁ ଦୂରେଇ ପାରିବନି ବୋଲି ସେ କହିଛନ୍ତି। ସେହିପରି ଅନ୍ୟତମ ସାମରିକ ବିଶେଷଜ୍ଞ ଟମ୍ କୁପର ମଧ ଭାରତୀୟ ବାୟୁସେନାର ଦକ୍ଷତାକୁ ପ୍ରଶଂସା କରି ନିଜ ସୀମା ଭିତରେ ରହି ପାକିସ୍ତାନକୁ ଯେଭଳି କ୍ଷତି ପହଞ୍ଚାଇଛି ତାହା ଭାରତୀୟ ବାୟୁ ସେନାର ପରାକ୍ରମକୁ ପ୍ରତିପାଦିତ କରିଛି ବୋଲି କହିଛନ୍ତି। ଏବେ ଅପରେସନ ସିନ୍ଦୂର ସ୍ଥଗିତ ରହିଥିଲା ବେଳେ ସୀମାରେ ଡ୍ରୋନ କିମ୍ବା ପାକିସ୍ତାନ ପଟୁ ଗୁଳିଗୋଳା ବର୍ଷଣ ଆଉ ଶୁଭୁ ନାହିଁ। ଏହାକୁ ନେଇ ସୀମାନ୍ତ ଅଞ୍ଚଳରେ ସ୍ଥିତି ସ୍ୱାଭାବିକ ହେବାକୁ ଲାଗିଛି। ଅପରେସନ ସିନ୍ଦୂର ବେଳେ ଭାରତ-ପାକିସ୍ତାନ ସୀମାରେ ଗତ କିଛି ଦିନ ଧରି ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହେବା ସହିତ ଜନଜୀବନ ବହୁ ମାତ୍ରାରେ ପ୍ରଭାବିତ ହୋଇଥିଲା। ହେଲେ ଏବେ ସ୍କୁଲ, କଲେଜ ଖୋଲିବା ସହିତ ଦୋକାନ ବଜାର ମଧ ସ୍ୱାଭାବିକ ହୋଇଛି। ଲୋକମାନେ ସ୍ୱାଭାବିକ ଭାବେ ଘରୁ ବାହାରି ସେମାନଙ୍କ କାର୍ଯ୍ୟସ୍ଥଳକୁ ଯାଉଥିବା ଦେଖାଯାଇଛି।

# ତୁର୍କୀର ଡ୍ରୋନ ନିର୍ମାଣ ଛବିକୁ ମଳିନ କରିଛି 'ଅପରେସନ ସିନ୍ଦୂର'

ନୂଆଦିଲ୍ଲୀ,୧୫।୫(ଏଜେନ୍ସି):ପାକିସ୍ତାନ ବିରୋଧରେ ଭାରତର ଆତଙ୍କବାଦ ଲଢେଇରେ ତୁର୍କୀ ପାକିସ୍ତାନକୁ ସମର୍ଥନ କରି ଅସ୍ତ୍ରଶସ୍ତ୍ର ଯୋଗାଇବା ଘଟଣା ଭାରତବାସୀଙ୍କୁ କ୍ଷୁବ୍ଧ କରିଛି। ଭାରତ ଉପରେ ଆକ୍ରମଣ କରିବାକୁ ତୁର୍କୀ ପାକିସ୍ତାନକୁ ୩୫୦ରୁ ଅଧିକ ଡ୍ରୋନ ଯୋଗାଇବା ସହିତ ତୁର୍କୀର ସାମରିକ ଅଧିକାରୀ ଏବଂ ବିଶେଷଜ୍ଞମାନେ ମଧ ପାକିସ୍ତାନ ସେନାକୁ ପ୍ରଶିକ୍ଷଣ ଦେଇଥିଲେ। ଭାରତ ଉପରେ କିଭଳି ବିଭିନ୍ନ ସ୍ତରରେ ଆକ୍ରମଣ କରାଯାଇପାରିବ ସେଥିନେଇ ସେମାନେ ରଣନୀତି ପ୍ରସ୍ତୁତ କରିଥିଲେ। ଭାରତ ଉପରେ ଆକ୍ରମଣ କରିବାକୁ ପାକିସ୍ତାନ ତୁର୍କୀର ବେରାକ୍ତାର ଟିବି୨ ଏବଂ ୱାଇଆଇଏଚଏ ଡ୍ରୋନ ବ୍ୟବହାର କରିଥିଲା। ବିଶେଷକରି ସୀମାରେ ଭାରତୀୟ ଯବାନଙ୍କ ଉପରେ ଆକ୍ରମଣ କରିବା ଏବଂ ବିଭିନ୍ନ ସାମରିକ



ୟୁନିଟ୍‌କୁ ଯୋଗାଣ ବନ୍ଦ କରିବା ଲକ୍ଷ୍ୟରେ ଆକ୍ରମଣ କରିବାକୁ ଟାର୍ଗେଟ କରାଯାଇଥିଲା। କିନ୍ତୁ ତୁର୍କୀର ଅଧିକାଂଶ ଡ୍ରୋନକୁ ଭାରତୀୟ ସେନା ନିଷ୍କ୍ରିୟ କରି ଖାସାଇ ଦେବା ଘଟଣା ଏବେ ତୁର୍କୀ ପାଇଁ ସମସ୍ୟା ପାଲଟିଛି। ତୁର୍କୀ ପାକିସ୍ତାନକୁ ୫୦୦ରୁ ଅଧିକ ଡ୍ରୋନ ଯୋଗାଣ କରିଥିଲେ ମଧ ଏଥିମଧ୍ୟରୁ ଗୋଟିଏ ବି ଭାରତ ଉପରେ ହମଲା କରିବାକୁ ସକ୍ଷମ ହେବା ଘଟଣା ତୁର୍କୀ ଡ୍ରୋନ ନିର୍ମାଣ କ୍ଷେତ୍ରକୁ ପ୍ରଭାବିତ କରିଛି। ଡ୍ରୋନ ନିର୍ମାଣ କ୍ଷେତ୍ରରେ ତୁର୍କୀର ବିଶେଷତ୍ୱ ରହିଥିବାରୁ ବହୁ ଦେଶ ଏଠାରୁ ଡ୍ରୋନ କିଣିବାକୁ ଆଗ୍ରହୀ ରହିଥାଆନ୍ତି। କିନ୍ତୁ ଭାରତର ଅପରେସନ ସିନ୍ଦୂର ବେଳେ ତୁର୍କୀ ଡ୍ରୋନ କ୍ଷମତାକୁ ନେଇ ଯାହା ଦେଖାଯାଇଛି ତଦ୍ୱାରା ବହୁ ଦେଶ ଏବେ ତୁର୍କୀରୁ ମୁହଁ ଫେରାଇବା ଆରମ୍ଭ କରିଛନ୍ତି। ଏହାଛଡ଼ା ଅପରେସନ ସମୟରେ ତୁର୍କୀର ଦୁଇ ସେନଧିକାରୀ ନିହତ ହେବା ଘଟଣା ମଧ ତୁର୍କୀର ସ୍ଥିତିକୁ ଆହୁରି ଖରାପ କରିଛି।

# ଏନକାଉଣ୍ଟର୍‌ରେ ୩ ଜୈସ୍ ଆତଙ୍କୀ ସଫା; ୫୦ ଘଣ୍ଟାରେ ୬ ନିହତ



ନୂଆଦିଲ୍ଲୀ,୧୫।୫(ଏଜେନ୍ସି): ପହଲଗାମ ଘଟଣା ପରେ କେବଳ ପାକିସ୍ତାନ ନୁହେଁ, ଭାରତୀୟ ସେନା ଜମ୍ମୁ କଶ୍ମୀର ଉପତ୍ୟକାରେ ଆତଙ୍କବାଦ ବିରୋଧୀ ଅଭିଯାନକୁ ଆହୁରି ଜୋରଦାର କରିଛି। ମଙ୍ଗଳବାର ବିଳମ୍ବିତ ରାତିରେ ସୋଫିଆନରେ ସୁରକ୍ଷାବଳ ଏନକାଉଣ୍ଟରରେ ୩ ଲସ୍କର ଆତଙ୍କବାଦୀ ନିହତ ହୋଇଥିଲେ। ଏହାପରେ ଗୁରୁବାର ସକାଳେ ପୁଲୱାମା ଜିଲ୍ଲାରେ ଆଉ ୩ ଜୈସ୍-ଇ-ମହମ୍ମଦ ଆତଙ୍କବାଦୀଙ୍କୁ ଭାରତୀୟ ସେନା ଏନକାଉଣ୍ଟର କରିଛି। ଫଳରେ ଗତ ୫୦ ଘଣ୍ଟା ମଧ୍ୟରେ ଏହି ଦୁଇ ଜିଲ୍ଲାରେ ଏନକାଉଣ୍ଟରରେ ୬ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ଗୁରୁବାର ନିହତ ହୋଇଥିବା ଆତଙ୍କବାଦୀ ଆସିଫ୍ ମହମ୍ମଦ ଶେଖ , ଅମିର ନାଜିର ୱାନି ଏବଂ ଅହମ୍ମଦ ଭଟ୍ଟ ବୋଲି ଚିହ୍ନଟ କରାଯାଇଛି ଏବଂ ସେମାନଙ୍କ ଘର ପୁଲୱାମା ଜିଲ୍ଲାରେ ବୋଲି ଜଣାପଡ଼ିଛି। ପହଲଗାମ ଘଟଣା ପରେ ଏବେ ଭାରତୀୟ ସେନା କଶ୍ମୀର ଉପତ୍ୟକାରେ ଆତଙ୍କବାଦୀଙ୍କୁ ଖୋଜି ଖୋଜି ଏନକାଉଣ୍ଟର କରୁଥିବା ବେଳେ ସେମାନଙ୍କ ନିଦ ହଜିଯାଇଛି।

## ସୀମାବର୍ତ୍ତୀ ଅଞ୍ଚଳରେ ସ୍ୱାଭାବିକ ହେଉଛି ସ୍ଥିତି

ଏବେ ଅପରେସନ ସିନ୍ଦୂର ସ୍ଥଗିତ ରହିଥିଲା ବେଳେ ସୀମାରେ ଡ୍ରୋନ କିମ୍ବା ପାକିସ୍ତାନ ପଟୁ ଗୁଳିଗୋଳା ବର୍ଷଣ ଆଉ ଶୁଭୁ ନାହିଁ। ଏହାକୁ ନେଇ ସୀମାନ୍ତ ଅଞ୍ଚଳରେ ସ୍ଥିତି ସ୍ୱାଭାବିକ ହେବାକୁ ଲାଗିଛି। ଅପରେସନ ସିନ୍ଦୂର ବେଳେ ଭାରତ-ପାକିସ୍ତାନ ସୀମାରେ ଗତ କିଛି ଦିନ ଧରି ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହେବା ସହିତ ଜନଜୀବନ ବହୁ ମାତ୍ରାରେ ପ୍ରଭାବିତ ହୋଇଥିଲା। ହେଲେ ଏବେ ସ୍କୁଲ, କଲେଜ ଖୋଲିବା ସହିତ ଦୋକାନ ବଜାର ମଧ ସ୍ୱାଭାବିକ ହୋଇଛି। ଲୋକମାନେ ସ୍ୱାଭାବିକ ଭାବେ ଘରୁ ବାହାରି ସେମାନଙ୍କ କାର୍ଯ୍ୟସ୍ଥଳକୁ ଯାଉଥିବା ଦେଖାଯାଇଛି।

# ତୁର୍କୀୟ ଏଜେନ୍ସି ଲାଇସେନ୍ସ ବାତିଲ

ନୂଆଦିଲ୍ଲୀ,୧୫।୫(ଏଜେନ୍ସି): ଭାରତ ବିରୋଧରେ ତୁର୍କୀ ପାକିସ୍ତାନକୁ ଶହ ଶହ ଡ୍ରୋନ ଯୋଗାଇବା ଘଟଣାକୁ ଭାରତୀୟମାନେ ସହଜରେ ଗ୍ରହଣ କରିପାରି ନାହାନ୍ତି। ଯାହାକୁ ନେଇ ଏବେ ଭାରତରେ ' ତୁର୍କୀ ବୟକଟ୍' ଅଭିଯାନ ଜୋରଦାର୍ ହୋଇଛି। ସେପଟେ ଜାତୀୟ ସୁରକ୍ଷାକୁ ଦୃଷ୍ଟିରେ ରଖି ଦିଲ୍ଲୀସ୍ଥିତ ଜବାହାରଲାଲ ନେହୁରୁ ବିଶ୍ୱବିଦ୍ୟାଳୟ(ଜେଏନୟୁ) ତୁର୍କୀ ସହିତ ସମ୍ପର୍କ ତୁଟାଇଛି।ତୁର୍କୀର ଇନୋନୁ ବିଶ୍ୱବିଦ୍ୟାଳୟ ସହିତ ଜେଏନୟୁ ଶିକ୍ଷା ଏବଂ ପାଠ୍ୟକ୍ରମକୁ ନେଇ ବୁଝାମଣା କରିଥିଲା ବେଳେ ଏବେ ଏହାକୁ ରଦ୍ଦ କରିଛି। ପରବର୍ତ୍ତୀ ବିଜ୍ଞପ୍ତି ପ୍ରକାଶ ନ ପାଇବା ପର୍ଯ୍ୟନ୍ତ ତୁର୍କୀର ଏହି ବିଶ୍ୱବିଦ୍ୟାଳୟ ସହିତ ଏକାଡେମୀ ସ୍ତରରେ କୌଣସି କାରବାର କରାଯିବ ନାହିଁ ବୋଲି ଜେଏନୟୁ ପ୍ରଶାସନିକ କର୍ତ୍ତୃପକ୍ଷ ବୁଧବାର 'ଏକ୍ସ'ରେ ପୋଷ୍ଟ କରିଛନ୍ତି।ଜେଏନୟୁ ପରେ ଜାମିଆ ମିଲିଆ ବିଶ୍ୱବିଦ୍ୟାଳୟ ମଧ ସମାନ ପଦକ୍ଷେପ ନେଇଛି। ଅନ୍ୟପକ୍ଷରେ ଭାରତ ସରକାର ୯ଟି ବିମାନବନ୍ଦରରେ ଗ୍ରାଉଣ୍ଡ ହାଣ୍ଡେଲିଂ କରୁଥିବା ତୁର୍କୀ କମ୍ପାନି ସେଲେବିର ସୁରକ୍ଷା କ୍ଲିୟରାନ୍ସ ବାତିଲ କରି ଦେଇଛନ୍ତି । ଏହି ନିଷ୍ପତ୍ତି ବ୍ୟୁରୋ ଅଫ୍ ସିଭିଲ ଏଭିଏସନ୍ ସିକ୍ୟୁରିଟି ଦ୍ୱାରା ନିଆଯାଇଛି। ଏହି କମ୍ପାନୀ ସହ ତୁର୍କୀ ରାଷ୍ଟ୍ରପତି ଏର୍ଦୋଗାନଙ୍କ ଝିଅ ସୁମେୟିଙ୍କ ସଂପର୍କ ଥିବା କୁହାଯାଇଛି।

# ସ୍ୱତନ୍ତ୍ର ପକ୍ସୋ ଅଦାଲତ ପ୍ରତିଷ୍ଠା ପାଇଁ କେନ୍ଦ୍ରକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୫।୫(ଏଜେନ୍ସି): ସୁପ୍ରିମକୋର୍ଟ ଅଗ୍ରାଧିକାର ଭିତ୍ତିରେ ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ପ୍ରତିଷ୍ଠା କରିବାକୁ ଗୁରୁବାର କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପୋକ୍ସୋ ଅଧିନିୟମ ସହିତ ଜଡ଼ିତ ମାମଲା ଗୁଡ଼ିକର ତ୍ୱରିତ ବିଚାର ପାଇଁ ଚିନ୍ତା ପ୍ରକଟ କରି ସର୍ବୋଚ୍ଚ ନ୍ୟାୟାଳୟ ଏହି ନିର୍ଦ୍ଦେଶ ଜାରି କରିଛନ୍ତି। ଦେଶରେ ପୋକ୍ସୋ ଅଦାଲତ ଯଥେଷ୍ଟ ନଥିବାରୁ ମାମଲାଗୁଡ଼ିକରେ ଶୁଣାଣି ବିଳମ୍ବ ହେଉଛି। ତେଣୁ ତୁରନ୍ତ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ପ୍ରତିଷ୍ଠା କରିବାକୁ ଜଷ୍ଟିସ୍ ବେଲା ଏମ ତ୍ରିବେଦୀ ଓ ଜଷ୍ଟିସ୍ ପିବି ବରାଲେଙ୍କ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ କହିଛନ୍ତି।

# ରାହୁଲଙ୍କ ବିରୋଧରେ ପୁଣି ଦୁଇ ମାମଲା ରୁଜୁ

ନୂଆଦିଲ୍ଲୀ,୧୫।୫(ଏଜେନ୍ସି): କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ବିନା ଅନୁମତିରେ ବିହାରର ଦରଭଙ୍ଗାସ୍ଥିତ ଆମ୍ବେଦକର ହଷ୍ଟେଲରେ ପହଞ୍ଚିବା ତାଙ୍କ ପାଇଁ ମହଙ୍ଗା ପଡ଼ିଛି। ରାହୁଲଙ୍କ ଏଭଳି ଆଚରଣ ପାଇଁ ଦରଭଙ୍ଗା ପୁଲିସ ତାଙ୍କ ବିରୋଧରେ ଦୁଇଟି ମାମଲା ରୁଜୁ କରିଛି।ରାହୁଲ ଗୁରୁବାର ଆମ୍ବେଦକର ହଷ୍ଟେଲରେ ପହଞ୍ଚି ଏକ କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି ଓ ଜନଜାତି ସଂପ୍ରଦାୟ ଛାତ୍ରମାନଙ୍କୁ ସମ୍ବୋଧିତ କରିଥିଲେ। କିନ୍ତୁ ଏହାପୂର୍ବରୁ ସେ ସ୍ଥାନୀୟ ପ୍ରଶାସନର ଅନୁମତି ନେଇ ନଥିଲେ। ପ୍ରଶାସନ କୌଣସି ହଷ୍ଟେଲରେ ରାଜନୈତିକ କାର୍ଯ୍ୟକ୍ରମ ପାଇଁ ଅନୁମତି ଦେଇ ନ ଥିଲା ବେଳେ ରାହୁଲ ବିନା ଅନୁମତିରେ କିଭଳି ସଭା କଲେ ବୋଲି ପ୍ରଶ୍ନ ଉଠିଥିଲା। ଏହା ସତ୍ତ୍ୱେ ବି ରାହୁଲ ଜୋରଜବରଦସ୍ତି ହଷ୍ଟେଲର ପଛଦ୍ୱାର ଦେଇ ହଷ୍ଟେଲ ଭିତରକୁ ପ୍ରବେଶ କରିଥିଲେ। ଏନେଇ ସ୍ଥାନୀୟ ପ୍ରଶାସନ ପକ୍ଷରୁ ରାହୁଲଙ୍କ ବିରୋଧରେ ଅଭିଯୋଗ ଅଣାଯିବା ପରେ ଦରଭଙ୍ଗା ପୁଲିସ ଦୁଇଟି ମାମଲା ରୁଜୁ କରିଛି।




# ଟ୍ରମ୍ପଙ୍କ 'ୟୁ-ଟର୍ଣ୍ଣ'; ଯୁଦ୍ଧ ରୋକିନି, ସହାୟତା କରିଛି

ୱାଶିଂଟନ୍,୧୫।୫(ଏଜେନ୍ସି) : ଭାରତ-ପାକିସ୍ତାନ ଅସ୍ତ୍ରବିରତି ପ୍ରସଙ୍ଗରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଛେପ ଡୋକିଛନ୍ତି। ସେ ଭାରତ - ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ପାଇଁ ବୁଝାମଣା କିମ୍ବା ମଧ୍ୟସ୍ଥତା କରି ନାହାନ୍ତି, ବରଂ ଉଭୟ ଦେଶକୁ ସହାୟତା କରିଛନ୍ତି ବୋଲି କହିଛନ୍ତି। ଟ୍ରମ୍ପଙ୍କ ଏଭଳି 'ୟୁ-ଟର୍ଣ୍ଣ ଏବେ ବିଭିନ୍ନ ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ଭାରତ-ପାକିସ୍ତାନ ମଧ୍ୟରେ ମେ ' ୭ରୁ ତିନି ଦିନ ଧରି ସଂଘର୍ଷ ଚାଲିଥିଲା ବେଳେ ଅଚାନକ ଭାବେ ୧୦ ତାରିଖରେ ଟ୍ରମ୍ପ ସାମ୍ନାକୁ ଆସି ଉଭୟ ଦେଶ ଅସ୍ତ୍ରବିରତି ପାଇଁ ରାଜି ହୋଇଥିବା ପ୍ରଥମେ ସୋସିଆଲ ମିଡିଆରେ ଟ୍ୱିଟ୍ କରିଥିଲେ। ସେ କହିଥିଲେ, 'ଆମେରିକା ମଧ୍ୟସ୍ଥତାରେ ସାରା ରାତି ଆଲୋଚନା ପରେ ମୁଁ ଏହା ଘୋଷଣା କରି ଅତ୍ୟନ୍ତ ଖୁସି ଅନୁଭବ କରୁଛି ଯେ ଭାରତ ଓ ପାକିସ୍ତାନ ପୂର୍ଣ୍ଣ ଓ ତତ୍କାଳ ଅସ୍ତ୍ରବିରତି ପାଇଁ ସହମତ ହୋଇଛନ୍ତି । ଏଥିପାଇଁ ସେ ଦୁଇ ଦେଶକୁ ଶୁଭେଚ୍ଛା ଜଣାଉଛନ୍ତି।' ଏହାବ୍ୟତୀତ ଯୁଦ୍ଧବିରତିକୁ ଦୁଇ ଦେଶର ବୁଦ୍ଧିମତାର ପରିଚୟ ବୋଲି ଟ୍ରମ୍ପ କହିଥିଲେ। କିନ୍ତୁ ଭାରତ ସରକାର ଟ୍ରମ୍ପଙ୍କ ଏହି ଦାବିକୁ ଖଣ୍ଡନ କରିଥିଲେ । ଏହି ସମୟରେ ଅସ୍ତ୍ରବିରତି ପାଇଁ ଟ୍ରମ୍ପ ଭାରତ ଏବଂ ପାକିସ୍ତାନକୁ ବୁଝାଇବାକୁ ଉଦ୍ୟମ କରିଥିଲେ ଏବଂ କଶ୍ମୀର ପ୍ରସଙ୍ଗରେ ସମାଧାନ ଆଣିବାକୁ ଆବଶ୍ୟକ ସ୍ଥଳେ ଆମେରିକା ମଧ୍ୟସ୍ଥତା କରିବାକୁ ପ୍ରସ୍ତୁତ ରହିଥିବା ପରୋକ୍ଷରେ ସୂଚାଇଥିଲେ। ହେଲେ ଟ୍ରମ୍ପଙ୍କ ଟ୍ୱିଟ୍‌କୁ ନେଇ ଭାରତରେ ବିରୋଧ ବଢିଥିଲା। ଆମେରିକା ରାଷ୍ଟ୍ରପତି ଭାବେ ଟ୍ରମ୍ପ କାହିଁକି ପ୍ରଥମେ ଅସ୍ତ୍ରବିରତି ସୂଚନା ଦେଲେ ବୋଲି ବିଭିନ୍ନ ମହଲରେ ପ୍ରଶ୍ନ ଉଠିଥିଲା। ଭାରତ ବ୍ୟତୀତ ଆମେରିକାରେ ପ୍ରବାସୀ ଭାରତୀୟ ସମୁଦାୟରେ ମଧ ଏହି ପ୍ରଶ୍ନ ଉଠିବା ଆରମ୍ଭ କରିଥିଲା। ତେବେ ଭାରତ ପ୍ରତି ଟ୍ରମ୍ପଙ୍କ ପରିବର୍ତ୍ତିତ ଆଭିମୁଖ୍ୟକୁ ନେଇ ପ୍ରବାସୀ ଭାରତୀୟଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯିବା ପରେ ଟ୍ରମ୍ପ ତାଙ୍କ କଥା ବଦଳାଇଥିବା କୁହାଯାଉଛି।

# ପ୍ଲେ ଅଫ୍ ଖେଳିବେନି ଦକ୍ଷିଣ ଆଫ୍ରିକୀୟ ଖେଳାଳି

## ଶନିବାରଠାରୁ ଆଇପିଏଲ୍ ପୁଣି ଆରମ୍ଭ, ଜୁନ୍ ୩ରେ ଫାଇନାଲ୍



**ନୂଆଦିଲ୍ଲୀ,୧୫।୫ (ଏଜେନ୍ସି):** ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଯୋଗୁଁ ସ୍ଥଗିତ ରହିଥିବା ଆଇପିଏଲ୍-୧୮ ସଂସ୍କରଣର ଅବଶିଷ୍ଟ ୧୩ଟି ଲିଗ୍ ମ୍ୟାଚ୍ ଆସନ୍ତା ଶନିବାରଠାରୁ ଆରମ୍ଭ ହେବ। ଧର୍ମଶାଳାରେ ମେ' ୮ତାରିଖରେ ଦିଲ୍ଲୀ କ୍ୟାପିଟାଲ୍ସ ଓ ପଞ୍ଜାବ କିଙ୍ଗ୍ସ ମଧ୍ୟରେ ସ୍ଥଗିତ ରହିଥିବା ମ୍ୟାଚ୍‌କୁ ପୁନର୍ବାର ଆୟୋଜନ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହି ମ୍ୟାଚ୍‌ଟି ମେ ୨୪ରେ ଖେଳାଯିବ। ଆଇପିଏଲ୍-୧୮ ସ୍ଥଗିତ ରହିବା ପୂର୍ବରୁ ୭୦ଟି ଲିଗ୍ ମ୍ୟାଚ୍ ମଧ୍ୟରୁ ୫୭ଟି ଖେଳାଯାଇଥିଲା। ଅବଶିଷ୍ଟ ୧୩ଟି ଲିଗ୍ ମ୍ୟାଚ୍ ମେ ୧୭ରୁ ଆରମ୍ଭ ହେବ। ପ୍ଲେ ଅଫ୍‌ର ୪ଟି ମୁକାବିଲାକୁ ମିଶାଇ ଚଳିତ ଆଇପିଏଲ୍‌ରେ ଆଉ ୧୭ଟି ମ୍ୟାଚ୍ ଖେଳାଯିବ। ମେ ୨୭ରେ ଲିଗ୍ ମ୍ୟାଚ୍ ଶେଷ ହେବା ପରେ ମେ ୨୯ରେ କ୍ୱାଲିଫାୟର-୧, ୩୦ରେ ଏଲିମିନେଟର, ଜୁନ୍-୧ରେ କ୍ୱାଲିଫାୟର-୨ ଓ ଜୁନ୍ ୩ରେ ଫାଇନାଲ ଖେଳାଯିବ। ପ୍ଲେ ଅଫ ମ୍ୟାଚ୍‌ଗୁଡିକର ଭେନ୍ୟୁ ପରେ ଘୋଷଣା କରାଯିବ। ଏହା ମଧ୍ୟରୁ ଦୁଇଟି ଡବଲ ହେଡର ମୁକାବିଲା ମେ ୧୮ ଓ ୨୫ରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

ଏହା ମଧ୍ୟରେ ବିଭିନ୍ନ ଦେଶର ଖେଳାଳିମାନେ ସେମାନଙ୍କ ଫ୍ରାଞ୍ଚାଇଜ୍ ସହ ଯୋଗଦେଇଛନ୍ତି। କିନ୍ତୁ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ ଖେଳିବା ଲାଗି ଯୋଗ୍ୟତା ଅର୍ଜନ କରିଥିବା ଦକ୍ଷିଣ ଆଫ୍ରିକାର ଓ ଅଷ୍ଟ୍ରେଲିଆର କିଛି ଖେଳାଳି ପ୍ଲେ ଅଫ୍ ଖେଳିବେ ନାହିଁ ବୋଲି ସ୍ପଷ୍ଟ ହୋଇଛି। ଦକ୍ଷିଣ ଆଫ୍ରିକା ଟେଷ୍ଟ ଦଳରେ ସ୍ଥାନ ପାଇଥିବା ୮ଜଣ ଖେଳାଳି ମେ ୨୭ ଲିଗ୍ ମ୍ୟାଚ୍ ପରେ ସ୍ୱଦେଶ ଫେରିଯିବେ। ଏଣୁ ସେମାନେ ପ୍ଲେ ଅଫ୍‌ରେ ଖେଳିପାରିବେ ନାହିଁ ବୋଲି ଜଣାଯାଇଛି। ଆଇପିଏଲ୍ ଖେଳୁଥିବା କାଗିସୋ ରାବାଡା, ଆଇଡେନ୍ ମାର୍କରାମ, ମାର୍କୋ ଜାନସେନ, ଟ୍ରିଷ୍ଟାନ ଷ୍ଟବ୍ସ, ୱିଆନ୍ ମୁଲ୍ଡର, ଲୁଙ୍ଗି ଏନ୍‌ଗିଡି, ରିୟାନ ରିକେଲଟନ୍ ଓ କର୍ବିନ ବୋଷ୍ଟ ଟେଷ୍ଟ ଦଳରେ ସ୍ଥାନ ପାଇଛନ୍ତି। ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ପୂର୍ବରୁ ଜିମ୍ବାୱେ ସହ ଜୁନ୍ ୩ରେ ଖେଳାଯିବାକୁ ଥିବା ୱାର୍ମ ଅପ୍ ମ୍ୟାଚ୍‌ରେ ଭାଗ ନେବାକୁ ଏହି ଖେଳାଳିମାନେ ମେ ୩୦ରେ ଲଣ୍ଡନ ଯିବେ। କିନ୍ତୁ ଅନ୍ୟ ଦକ୍ଷିଣ ଆଫ୍ରିକୀୟ ଖେଳାଳିମାନେ ଆଇପିଏଲ୍ ଶେଷଯାଏ ଖେଳିବେ। ଲର୍ଡ୍ସରେ ଜୁନ୍ ୧୧ରୁ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ ଖେଳାଯିବ।

### ଜ୍ୟାକ୍ସ ଓ ବଟ୍ଲରଙ୍କ ସ୍ଥାନରେ ବେୟାରଷ୍ଟୋ ଓ କୁଶାଲ





ଆଇପିଏଲ୍ ଆରମ୍ଭ ପୂର୍ବରୁ କିଛି ଫ୍ରାଞ୍ଚାଇଜ୍ ଭାଗ୍ୟବାନ ସାବ୍ୟସ୍ତ ହୋଇଥିଲାବେଳେ ଆଉ କିଛି ଟିମ୍ ଶ୍ରେଷ୍ଠ ବିଦେଶୀ ଖେଳାଳିଙ୍କୁ ହରାଇଛି। ଏମାନଙ୍କ ମଧ୍ୟରେ ମୁମ୍ବାଇ ଇଣ୍ଡିଆନ୍ସର ୱିଲ ଜ୍ୟାକ୍ସ ଓ ଗୁଜରାଟ ଜାଏଣ୍ଟସର ଜୋଶ ବଟ୍ଲର ଅନ୍ୟତମ। ଇଂଲଣ୍ଡର ଏହି ଦୁଇ ଖେଳାଳି ଭିନ୍ନ ଭିନ୍ନ କାରଣରୁ ଆଇପିଏଲ୍‌ର ବାକିଥିବା ମ୍ୟାଚ୍ ଖେଳିପାରିବେ ନାହିଁ। ଗୁଜରାଟର ବଟ୍ଲର ଲିଗ୍ ମ୍ୟାଚ୍ ଖେଳିଲେ ମଧ୍ୟ ପ୍ଲେ ଅଫ୍‌ରେ ଖେଳିପାରିବେ ନାହିଁ। ୱେଷ୍ଟଇଣ୍ଡିଜ୍ ଗସ୍ତଲାଗି ତାଙ୍କୁ ଇଂଲଣ୍ଡ ଦିନିକିଆ ଦଳରେ ସାମିଲ କରାଯାଇଥିବାରୁ ସେ ସ୍ୱଦେଶ ଫେରିଯିବେ। ତାଙ୍କ ସ୍ଥାନରେ ଶ୍ରୀଲଙ୍କାର ୱିକେଟରକ୍ଷକ ବ୍ୟାଟର କୁଶାଲ ମେଣ୍ଡିସ୍‌ଙ୍କୁ ଦଳରେ ସାମିଲ କରାଯାଇଛି। ପାକିସ୍ତାନ ସୁପର ଲିଗ୍‌ରେ ଭଲ ଫର୍ମରେ ଥିବା କୁଶାଲ ପ୍ରଥମଥର ଲାଗି ଆଇପିଏଲ୍‌ରେ ଭାଗନେବେ।

ଇଂଲଣ୍ଡ ଦିନିକିଆ ଦଳରେ ସ୍ଥାନ ପାଇଥିବାରୁ ଅନ୍ୟତମ ଖେଳାଳି ୱିଲ ଜ୍ୟାକ୍ସ ମଧ୍ୟ ପ୍ଲେ ଅଫ୍‌ରେ ଉପଲବ୍ଧ ହେବେ ନାହିଁ। ମୁମ୍ବାଇ ଯଦି ପ୍ଲେ ଅଫ୍‌କୁ ଉନ୍ନୀତ ହୁଏ, ତେବେ ଇଂଲଣ୍ଡର ଅନ୍ୟତମ ଖେଳାଳି ଜନି ବେୟାରଷ୍ଟୋଙ୍କୁ ସାମିଲ କରାଯିବାକୁ ଆଲୋଚନା ଚାଲିଛି। ସମ୍ଭବତଃ ବେୟାରଷ୍ଟୋ ଖେଳିବେ ବୋଲି ଜଣାଯାଇଛି।

### ଆଇପିଏଲ୍‌ରୁ ବାଦ୍ ପଡିଲେ ମୟଙ୍କ ଯାଦବ

**ନୂଆଦିଲ୍ଲୀ,୧୫।୫(ଏଜେନ୍ସି):** ପୁଣିଥରେ ଇଞ୍ଜୁରୀ କାରଣରୁ ଯୁବ ଦ୍ରୁତ ବୋଲର ମୟଙ୍କ ଯାଦବ ଆଇପିଏଲ୍‌ର ଅନ୍ତିମ ଚରଣରୁ ବାଦ୍ ପଡିଛନ୍ତି। ପିଠିରେ ଆଘାତ ସମସ୍ୟା କାରଣରୁ ସେ ଆଗାମୀ ମ୍ୟାଚ୍‌ଗୁଡିକ ଖେଳିପାରିବେ ନାହିଁ ବୋଲି ଗୁରୁବାର ଆଇପିଏଲ୍ ତରଫରୁ କୁହାଯାଇଛି। ଫଳରେ ମୟଙ୍କ ବଦଳରେ ଲକ୍ଷ୍ନୌ ସୁପର ଜାଏଣ୍ଟସ ନ୍ୟୁଜିଲାଣ୍ଡ ଦ୍ରୁତ ବୋଲର ୱିଲିୟମ ଓ'ରୁର୍କଙ୍କୁ ଦଳରେ ସାମିଲ କରିଛି। ଓ ରୁର୍କ ୩ କୋଟି ଟଙ୍କା ବିନିମୟରେ ଦଳରେ ସାମିଲ ହୋଇଛନ୍ତି। ୨୨ ବର୍ଷୀୟ ମୟଙ୍କ ଏଥର ଆଇପିଏଲ୍‌ରେ ମାତ୍ର ଦୁଇଟି ମ୍ୟାଚ୍ ଖେଳି ୧୨.୫୦ ଇକୋନୋମି ରେଟ୍‌ରେ ମାତ୍ର ଦୁଇଟି ୱିକେଟ ଅକ୍ତିଆର କରିଛନ୍ତି।

### ଆଇପିଏଲ୍-୧୮ ର ଅବଶିଷ୍ଟ ଖେଳସୂଚୀ

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ଖେଳ ସମୟ |
|---|---|---|---|
| ୧୭-୫ | ବେଙ୍ଗାଲୁରୁ-କୋଲକାତା | ବେଙ୍ଗାଲୁରୁ | ରାତି ୭ଟା ୩୦ |
| ୧୮-୫ | ଦିଲ୍ଲୀ-ଗୁଜରାଟ | ଦିଲ୍ଲୀ | ଅପରାହ୍ଣ ୩ଟା ୩୦ |
| ୧୮-୫ | ରାଜସ୍ଥାନ-ପଞ୍ଜାବ | ଜୟପୁର | ରାତି ୭ଟା୩୦ |
| ୧୯-୫ | ଲକ୍ଷ୍ନୌ-ହାଇଦରାବାଦ୍ | ଲକ୍ଷ୍ନୌ | ରାତି ୭ଟା ୩୦ |
| ୨୦-୫ | ଚେନ୍ନାଇ-ରାଜସ୍ଥାନ | ଦିଲ୍ଲୀ | ରାତି ୭ଟା ୩୦ |
| ୨୧-୫ | ମୁମ୍ବାଇ- ଦିଲ୍ଲୀ | ମୁମ୍ବାଇ | ରାତି ୭ଟା ୩୦ |
| ୨୨-୫ | ଗୁଜରାଟ-ଲକ୍ଷ୍ନୌ | ଅହମ୍ମଦାବାଦ୍ | ରାତି ୭ଟା ୩୦ |
| ୨୩-୫ | ବେଙ୍ଗାଲୁରୁ-ହାଇଦରାବାଦ୍ | ବେଙ୍ଗାଲୁରୁ | ରାତି ୭ଟା ୩୦ |
| ୨୪-୫ | ପଞ୍ଜାବ-ଦିଲ୍ଲୀ | ଜୟପୁର | ରାତି ୭ଟା ୩୦ |
| ୨୫-୫ | ହାଇଦରାବାଦ୍-କୋଲକାତା | ଦିଲ୍ଲୀ | ଅପରାହ୍ଣ ୩ଟା ୩୦ |
| ୨୫-୫ | ଗୁଜରାଟ-ଚେନ୍ନାଇ | ଅହମ୍ମଦାବାଦ୍ | ରାତି ୭ଟା ୩୦ |
| ୨୬-୫ | ପଞ୍ଜାବ-ମୁମ୍ବାଇ | ଜୟପୁର | ରାତି ୭ଟା ୩୦ |
| ୨୭-୫ | ଲକ୍ଷ୍ନୌ-ବେଙ୍ଗାଲୁରୁ | ଲକ୍ଷ୍ନୌ | ରାତି ୭ଟା ୩୦ |
| ୨୯-୫ | ପ୍ରଥମ କ୍ୱାଲିଫାୟର | ---- | ରାତି ୭ଟା ୩୦ |
| ୩୦-୫ | ଏଲିମିନେଟର | ---- | ରାତି ୭ଟା ୩୦ |
| ୧-୬ | କ୍ୱାଲିଫାୟର-୨ | ---- | ରାତି ୭ଟା ୩୦ |
| ୩-୬ | ଫାଇନାଲ | ---- | ରାତି ୭ଟା ୩୦ |

*ବିଦ୍ର- ପ୍ଲେଅଫ୍ ଭେନ୍ୟୁ ପରେ ସ୍ଥିର ହେବ

## ଧାୱନଙ୍କ ଫିଟ୍‌ନେସକୁ ସୋଫିଙ୍କ ପ୍ରଶଂସା

**ନୂଆଦିଲ୍ଲୀ, ୧୫।୫ (ଏଜେନ୍ସି):** ପୂର୍ବତନ ଭାରତୀୟ କ୍ରିକେଟର୍ ଶିଖର ଧାୱନ ସର୍ବଦା ନିଜ ଫିଟ୍‌ନେସ ଉପରେ ବିଶେଷ ଧ୍ୟାନ ଦେଇଥାନ୍ତି। ଅଷ୍ଟ୍ରେଲିଆର ଆୟଶା ମୁଖାର୍ଜୀଙ୍କ ସହ ବିବାହ ବିଚ୍ଛେଦ ପରେ ୩୯ ବର୍ଷୀୟ ଧାୱନ ବର୍ତ୍ତମାନ ତାଙ୍କର ବିଦେଶୀ ବାନ୍ଧବୀ ସୋଫି ସାଇନଙ୍କ ସହ ସମ୍ପର୍କକୁ ନେଇ ଚର୍ଚ୍ଚାରେ ରହିଛନ୍ତି। ଆୟର୍ଲାଣ୍ଡର ସୋଫି ସାମାଜିକ ଗଣମାଧ୍ୟମରେ ଧାୱନଙ୍କ ଫିଟ୍‌ନେସକୁ ବେଶ୍ ପ୍ରଶଂସା କରିଛନ୍ତି। ଇନଷ୍ଟାଗ୍ରାମରେ ସୋଫି ଏକ ଫଟୋ ପୋଷ୍ଟ କରିଛନ୍ତି। ଯେଉଁଥିରେ ତାଙ୍କ ସହ ଧାୱନ ଜିମ୍‌ରେ ଏକାଠି ଠିଆ ହୋଇଥିବାର ଦେଖିବାକୁ ମିଳିଛି। ଏଥିରେ କ୍ୟାପସନ ଦେଇ ସୋଫି ଲେଖିଛନ୍ତି, 'ଜିମ୍‌ର ରୁଟିନ୍ ଏଭଳି ରଖିବା ଦରକାର ଯେଉଁଭଳି ଧାୱନଙ୍କ ପୋଜ୍ ରହିଛି।' ସୋଫି ପୋଷ୍ଟ କରିଥିବା ଏହି ଫଟୋକୁ ଧାୱନଙ୍କ ପ୍ରଶଂସକ ବେଶ୍ ପ୍ରଶଂସା କରିଛନ୍ତି। ଏକ ଘଣ୍ଟାରେ ଏହାକୁ ୧ ଲକ୍ଷ ଲାଇକ୍ ମିଳିଛି। ଏଠାରେ ଉଲ୍ଲେଖଯୋଗ୍ୟ, ଧାୱନ ୨୦୧୨ରେ ଆୟଶାଙ୍କୁ ବିବାହ କରିଥିଲେ। ୨୦୨୧ରେ ଉଭୟଙ୍କ ବିବାହ ବିଚ୍ଛେଦ ହୋଇଥିଲା।



■ ଆଜି ଦୋହା ଡାଇମଣ୍ଡ ଲିଗ୍

## ନୀରଜ, କିଶୋରଙ୍କ ଉପରେ ନଜର

**ଦୋହା,୧୫।୫(ଏଜେନ୍ସି):** କତାର ରାଜଧାନୀ ଦୋହାଠାରେ ଶୁକ୍ରବାର ଆୟୋଜନ ହେବ ଦୌଡ଼କୁଦର ଅନ୍ୟତମ ଶ୍ରେଷ୍ଠ ପ୍ରତିଯୋଗିତା ଡାଇମଣ୍ଡ ଲିଗ୍। ଦୋହା ଡାଇମଣ୍ଡ ଲିଗ୍‌ରେ ୪ ଜଣ ଭାରତୀୟ ଦଳରେ ନେତୃତ୍ୱ ନେବେ ନୀରଜ ଚୋପ୍ରା। ବିଶ୍ୱ ଚାମ୍ପିଅନସିପ ଟାଇଟଲ ହାସଲ କରିଥିବା ନୀରଜଙ୍କ ସହ ଏସୀୟ କ୍ରୀଡ଼ା ରୌପ୍ୟ ପଦକ ବିଜେତା ଓଡ଼ିଆ ଜାଭେଲିନ ଫିଙ୍ଗାଳୀ କିଶୋର ଜେନା ମଧ୍ୟ ଏଥିରେ ଅଂଶଗ୍ରହଣ କରିବେ। ସେହିପରି ଜାତୀୟ ରେକର୍ଡ ସୃଷ୍ଟି କରିଥିବା ପାରୁଲ ଚୌଧୁରୀ ୩୦୦୦ ମିଟର ଷ୍ଟିପଲ ଚେଜ୍ ଇଭେଣ୍ଟରେ ଅଂଶଗ୍ରହଣ କରିବେ। ସେହିପରି ପୁରୁଷ ୫୦୦୦ମିଟର ରେସ୍‌ରେ ଭାରତର ଗୁଲବୀର ସିଂହ ମଧ୍ୟ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ। ଏଥର ସର୍ବାଧିକ ୪ଜଣ ଭାରତୀୟ ଏହି ମିଟ୍‌ରେ ଭାଗନେବେ। ନୀରଜ ଏଠାରେ ୨୦୨୩ ସଂସ୍କରଣରେ ଟାଇଟଲ ଜିତିଥିଲେ। ତେବେ ୨୦୨୪ରେ ସଂସ୍କରଣରେ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଦୋହା ମିଟ୍‌ରୁ ହିଁ ନୀରଜ ତାଙ୍କ ଆଥଲେଟିକ ସିଜିନ ଆରମ୍ଭ କରିଥାନ୍ତି। ଏପର୍ଯ୍ୟନ୍ତ ୯୦ ମିଟର ପାର କରିପାରି ନଥିବା ନୀରଜଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ୮୯.୯୪ ମିଟର ରହିଛି।



ସେହିପରି ୨୦୨୩ ହାଙ୍ଗଝୁ ଏସୀୟ କ୍ରୀଡ଼ାରେ ରୌପ୍ୟ ଜିତିଥିବା କିଶୋର ତାଙ୍କ ଫର୍ମ ଫେରିପାଇବାକୁ ପ୍ରୟାସ କରିବେ। ଏହାପରେ କିନ୍ତୁ ସେ ଆଶାନୁରୂପ ପ୍ରଦର୍ଶନ କରିବାରେ ବିଫଳ ହୋଇଛନ୍ତି। ଗତବର୍ଷ କିଶୋର ଦୋହା ଡାଇମଣ୍ଡ ଲିଗ୍‌ରେ ୯ମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ନୀରଜ ଓ କିଶୋର ଶୁକ୍ରବାର ଭାରତୀୟ ସମୟ ରାତି ୧୦.୧୩ରେ ଜାଭେଲିନ୍ ଫିଙ୍ଗିବେ।

■ ଅସ୍ଥାୟୀ ଆଇପିଏଲ ଖେଳାଳି ବଦଳ ନିୟମ

## ଫାଇଦାରେ ରହିବେ ଦଳ

**ନୂଆଦିଲ୍ଲୀ,୧୫।୫(ଏଜେନ୍ସି):** ଭାରତ ଓ ପାକିସ୍ତାନ ମଧ୍ୟରେ ସୃଷ୍ଟି ଯୁଦ୍ଧ ଭଳି ସ୍ଥିତି କାରଣରୁ ସ୍ଥଗିତ ରହିଥିବା ଆଇପିଏଲ ଶନିବାରଠାରୁ ପୁଣି ଆରମ୍ଭ ହେବ। ଆଇପିଏଲ୍‌ର ଏହି ଅନ୍ତିମ ଚରଣ ପାଇଁ ନୂଆ ଅସ୍ଥାୟୀ ଖେଳାଳି ବଦଳ ନିୟମ ଜାରି କରାଯାଇଛି। ଜାତୀୟ ଦଳ ତରଫରୁ ଖେଳିବା ପାଇଁ, ଇଞ୍ଜୁରୀ ଓ ଅସୁସ୍ଥତା କାରଣରୁ ଏକାଧିକ ବିଦେଶୀ ଖେଳାଳି ଅନ୍ତିମ ଚରଣରେ ସାମିଲ ହେବାକୁ ଅକ୍ଷମତା ପ୍ରକାଶ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଆଇପିଏଲ ଗଭର୍ଣ୍ଣିଂ ପରିଷଦ ଏହି ଖେଳାଳିଙ୍କ ବଦଳରେ ନୂଆ ଖେଳାଳିଙ୍କୁ ଦଳରେ ସାମିଲ କରିବାକୁ ଏହି ନିୟମ ଜାରି କରିଛି। ଏହା ଅନୁସାରେ ଖେଳାଳିମାନଙ୍କୁ ଚଳିତ ଟୁର୍ଣ୍ଣାମେଣ୍ଟ ଶେଷ ପର୍ଯ୍ୟନ୍ତ ବିଭିନ୍ନ ଦଳ ତରଫରୁ ସବଷ୍ଟିଚ୍ୟୁଟ୍ ଭାବେ ଖେଳିବାକୁ ସୁଯୋଗ ଦିଆଯିବ। କିନ୍ତୁ ଏହି ଖେଳାଳିମାନେ ଆସନ୍ତାବର୍ଷ ଫ୍ରାଞ୍ଚାଇଜ୍‌ଗୁଡିକ ଦ୍ୱାରା ରିଟେନ କରାଯାଇପାରିବ ନାହିଁ ବୋଲି ସ୍ପଷ୍ଟ କରାଯାଇଛି।

ଅସ୍ଥାୟୀ ଭାବେ ଖେଳିବାକୁ ସୁଯୋଗ ପାଇଥିବା ଏହି ଖେଳାଳିମାନେ ଆଗାମୀ ୨୦୨୬ ଖେଳାଳି ନୀଲାମିରେ ସାମିଲ ହୋଇପାରିବେ ନାହିଁ। ଏହି ଖେଳାଳିମାନଙ୍କୁ ନୀଲାମିରେ ସାମିଲ ହେବାକୁ ନୂଆକରି ପଞ୍ଜୀକରଣ କରିବାକୁ ହେବ ବୋଲି କୁହାଯାଇଛି। ଉଦାହରଣ ସ୍ୱରୂପ, ଜ୍ୟାକ ଫ୍ରେଜର- ମ୍ୟାକଗୁର୍କଙ୍କ ବଦଳରେ ଦିଲ୍ଲୀ କ୍ୟାପିଟାଲ୍ସ ଦଳରେ ସାମିଲ ହୋଇଥିବା ବାଂଲାଦେଶ ଦ୍ରୁତ ବୋଲର ମୁସ୍ତାଫିଜୁର ରହମାନ ଆସନ୍ତାବର୍ଷ ନୀଲାମି ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ। କିନ୍ତୁ ଫ୍ରେଜର- ମ୍ୟାକଗୁର୍କ ୨୦୨୬ ନୀଲାମିରେ ବଜାୟ ରହିବେ। ତେବେ ମୁସ୍ତାଫିଜୁରଙ୍କୁ ନୀଲାମିରେ ସାମିଲ ହେବାକୁ ପଞ୍ଜୀକରଣ କରିବାକୁ ହେବ। ଯାହାଫଳରେ ସେ ଚଳିତ ଟୁର୍ଣ୍ଣାମେଣ୍ଟରେ ଖେଳିବା ନେଇ ସନ୍ଦେହ ସୃଷ୍ଟି ହୋଇଛି।

■ ଇଂଲଣ୍ଡ ଗସ୍ତ ପୂର୍ବରୁ

## ସିଦ୍ଧି ବିନାୟକଙ୍କ ଆଶୀର୍ବାଦ ନେଲେ ଗମ୍ଭୀର

**ମୁମ୍ବଇ, ୧୫।୫ (ଏଜେନ୍ସି):** ଭାରତୀୟ କ୍ରିକେଟ୍ ଦଳ ଆସନ୍ତା ମାସରେ ଇଂଲଣ୍ଡ ଗସ୍ତରେ ଯାଇ ସେଠାରେ ଘରୋଇ ଦଳ ବିପକ୍ଷରେ ୫ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବାର କାର୍ଯ୍ୟସୂଚୀ ରହିଛି। ଏହି ଗୁରୁତ୍ୱପୂର୍ଣ୍ଣ ଟେଷ୍ଟ ସିରିଜ ପୂର୍ବରୁ ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଗୁରୁବାର ମୁମ୍ବଇର ସିଦ୍ଧି ବିନାୟକ ମନ୍ଦିର ଯାଇ ଗଣପତିଙ୍କ ଆଶୀର୍ବାଦ ନେଇଛନ୍ତି। ଗୌତମଙ୍କ ସହ ତାଙ୍କ ପତ୍ନୀ ନତାଶା ମଧ୍ୟ ସିଦ୍ଧି ବିନାୟକଙ୍କ ଦର୍ଶନ କରିଛନ୍ତି।

ଗମ୍ଭୀର ତାଙ୍କ ସାମାଜିକ ଗଣମାଧ୍ୟମ ଆକାଉଣ୍ଟରେ ୨ଟି ଫଟୋ ପୋଷ୍ଟ କରି ଏହି ସୂଚନା ଦେଇଛନ୍ତି। ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ ଜୁନ ୨୦ରୁ ଆରମ୍ଭ ହୋଇ ଅଗଷ୍ଟ ୪ରେ ଶେଷ ହେବ। ଏହି ଗୁରୁତ୍ୱପୂର୍ଣ୍ଣ ସିରିଜ ପୂର୍ବରୁ ଭାରତର ଦୁଇ ଅଭିଜ୍ଞ ବ୍ୟାଟର୍ ଅଧିନାୟକ ରୋହିତ୍ ଶର୍ମା ଓ



ବିରାଟ କୋହଲି ଟେଷ୍ଟ କ୍ରିକେଟ୍‌କୁ ଅଲ୍‌ବିଦା କରିଛନ୍ତି। ଫଳରେ ଗମ୍ଭୀରଙ୍କ ପ୍ରଶିକ୍ଷଣପ୍ରାପ୍ତ ଭାରତୀୟ ଦଳ ପାଇଁ ଏହି ସିରିଜ ଅଗ୍ନି ପରୀକ୍ଷା ସଦୃଶ ରହିବ।

## ସାଉଦୀ ଇଂଲଣ୍ଡର ଦ୍ରୁତ ବୋଲିଂ ପରାମର୍ଶଦାତା

**ଲଣ୍ଡନ, ୧୫।୫ (ଏଜେନ୍ସି):** ନ୍ୟୁଜିଲାଣ୍ଡର ପୂର୍ବତନ ବୋଲର ଟିମ୍ ସାଉଦୀ ଇଂଲଣ୍ଡ କ୍ରିକେଟ୍ ଦଳର ଦ୍ରୁତ ବୋଲିଂ ପରାମର୍ଶଦାତା ନିଯୁକ୍ତ ହୋଇଛନ୍ତି। ଇଂଲଣ୍ଡର ଆଗାମୀ ଘରୋଇ କ୍ରିକେଟ୍ ସିଜନର ପ୍ରାରମ୍ଭିକ ପର୍ଯ୍ୟାୟରେ କେତୋଟି ସିରିଜ ଲାଗି ସେ ଏହି ଗୁରୁଦାୟିତ୍ୱ ତୁଲାଇବେ। ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ପକ୍ଷରୁ ଗୁରୁବାର ଏହି ସୂଚନା ଦିଆଯାଇଛି। ଜେମ୍ସ ଆଣ୍ଡରସନ ଅବସର ନେବା ପରେ ଇଂଲଣ୍ଡ କ୍ରିକେଟ୍ ଦଳର ଦ୍ରୁତ ବୋଲିଂ ପରାମର୍ଶଦାତା ଭାବେ କାର୍ଯ୍ୟ କରୁଥିଲେ। କିନ୍ତୁ ସେ ଆଗାମୀ ସିଜନର ପ୍ରାରମ୍ଭିକ ଭାଗରେ କାଉଣ୍ଟି ଟିମ୍ ଲଙ୍କାଶାୟର ସହ ଖେଳିବା ଲାଗି ଚୁକ୍ତି କରିଛନ୍ତି। ଯେଉଁଥି ପାଇଁ ସେ ଇଂଲଣ୍ଡ ଦଳର ଦ୍ରୁତ ବୋଲିଂ ପରାମର୍ଶଦାତା ଦାୟିତ୍ୱ ସାମୟିକ ଭାବେ ନେଇପାରିବେ ନାହିଁ। ଫଳରେ ତାଙ୍କ ସ୍ଥାନରେ ୩୬ ବର୍ଷୀୟ ସାଉଦୀଙ୍କୁ ଇସିବି ଏହି ଦାୟିତ୍ୱ ଦେଇଛି। ଇଂଲଣ୍ଡ ଏହାର ଘରୋଇ ପରିବେଶରେ ଆଗାମୀ ଦିନରେ ଜିମ୍ବାୱେ ବିପକ୍ଷରେ ଏକମାତ୍ର ଟେଷ୍ଟ ମ୍ୟାଚ୍, ୱେଷ୍ଟଇଣ୍ଡିଜ ସହ ସୀମିତ ଓଭର ସିରିଜ ଓ ଭାରତ ବିପକ୍ଷ ୫ ମ୍ୟାଚ୍ ଟେଷ୍ଟ ସିରିଜରେ ସାଉଦୀ ପରାମର୍ଶଦାତା ଭାବେ ଦାୟିତ୍ୱ ତୁଲାଇବେ। ସାଉଦୀଙ୍କ ପୂର୍ବ ନ୍ୟୁଜିଲାଣ୍ଡ ଟିମ୍ ମେଟ୍ ବ୍ରେଣ୍ଡନ ମ୍ୟାକ୍‌କୁଲମ ବର୍ତ୍ତମାନ ଇଂଲଣ୍ଡ ଦଳର ମୁଖ୍ୟ ପ୍ରଶିକ୍ଷକ ରହିଛନ୍ତି।



### ବିସିସିଆଇ ହେଡ୍‌କ୍ୱାର୍ଟରରେ ସୁନିଲଙ୍କ ନାମରେ ସ୍ୱତନ୍ତ୍ର କୋଠରୀ

## '୧୦୦୦୦ ଗାଭାସ୍କର'

**ମୁମ୍ବାଇ,୧୫।୫ (ଏଜେନ୍ସି):** କ୍ରିକେଟ କିଂବଦନ୍ତୀ ସୁନୀଲ ମନୋହର ଗାଭାସ୍କରଙ୍କୁ ବିସିସିଆଇ ପକ୍ଷରୁ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ କରାଯାଇଛି। ମୁମ୍ବଇରେ ଥିବା ବିସିସିଆଇ ହେଡ୍ କ୍ୱାର୍ଟରର ଏକ ବୋର୍ଡ ରୁମ୍‌କୁ '୧୦୦୦୦ ଗାଭାସ୍କର' ନାମରେ ନାମିତ କରାଯାଇଛି। ୧୯୭୧ରୁ ୧୯୮୭ ଯାଏ ଭାରତ ପକ୍ଷରୁ ଅନ୍ତର୍ଜାତୀୟ କ୍ରିକେଟ ଖେଳିଥିବା ଗାଭାସ୍କର ବିଶ୍ୱର ପ୍ରଥମ ଖେଳାଳି ଭାବେ ଟେଷ୍ଟ କ୍ରିକେଟରେ ୧୦,୦୦୦ ରନ୍ ପୂରଣ କରି ଇତିହାସ ସୃଷ୍ଟି କରିଥିଲେ। ଏହି ମାଇଲଖୁଣ୍ଟକୁ ସମ୍ମାନ ଜଣାଇ ବିସିସିଆଇ ଆଜି ତାଙ୍କୁ ସମ୍ମାନିତ କରିଛି। ହେଡ୍ କ୍ୱାର୍ଟରର ଗୁରୁବାର ଆୟୋଜିତ ଏକ ଉତ୍ସବରେ ବିସିସିଆଇ ସଭାପତି ରୋଜର ବିନ୍ନି, ଉପସଭାପତି ରାଜୀବ ଶୁକ୍ଲା, ସାଧାରଣ ସମ୍ପାଦକ ଦେବଜିତ ସାଇକିଆ ଓ ଅନ୍ୟତମ କିଂବଦନ୍ତୀ ସଚିନ ତେନ୍ଦୁଲକର ଉପସ୍ଥିତ ଥିଲେ। ଭାରତର ଏହି ପୂର୍ବତନ ଅଧିନାୟକଙ୍କୁ ବିସିସିଆଇ ସ୍ୱତନ୍ତ୍ର ଭାବେ ସମ୍ମାନିତ କରିବା ସହ ତାଙ୍କ ଖେଳ ଜୀବର ସଫଳତାକୁ ସ୍ୱୀକୃତି ଦେଇଥିବାରୁ ଗାଭାସ୍କର ବିସିସିଆଇକୁ ଧନ୍ୟବାଦ ଜଣାଇଛନ୍ତି। ଖେଳ ଜୀବନରେ ତାଙ୍କୁ ସହାୟତା ଦେଇଆସିଥିବା ଓ ସମର୍ଥନ କରିଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ସେ ଧନ୍ୟବାଦ ଜଣାଇଥିଲେ। ଜଣେ ଦକ୍ଷ, ଶୃଙ୍ଖଳିତ କ୍ରିକେଟ ବିଶେଷଜ୍ଞଙ୍କୁ ଏହି ସମ୍ମାନ ଉପଯୁକ୍ତ ବୋଲି କୁହାଯାଉଛି।



## ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ପୁରସ୍କାର ରାଶିରେ ରେକର୍ଡ ବୃଦ୍ଧି

# ଚାମ୍ପିଅନଙ୍କୁ ୩୦.୭୫, ଭାରତକୁ ମିଳିବ ୧୨.୩୨ କୋଟି

ଦୁବାଇ,୧୫।୫(ଏଜେନ୍ସି): ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି)ର ପୁରସ୍କାର ରାଶି ବୃଦ୍ଧି କରିଛି। ଚଳିତ ଡବ୍ଲ୍ୟୁଟିସିର ଫାଇନାଲ ମୁକାବିଲା ଇଂଲଣ୍ଡର ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଜୁନ୍ ୧୧ରୁ ୧୫ ତାରିଖ ମଧ୍ୟରେ ଖେଳାଯିବ। ଏଥର ଅଙ୍କ ତାଲିକାରେ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ଶୀର୍ଷ ଦୁଇଟି ସ୍ଥାନରେ ରହି ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଡବ୍ଲ୍ୟୁଟିସିର ବିଜେତା ତଥା ଚାମ୍ପିଅନ ଦଳକୁ ୩୦.୭୫ କୋଟି ଟଙ୍କା ପୁରସ୍କାର ବାବଦରେ ମିଳିବ। ସେହିପରି ରନର୍ସଅପ୍ ହୋଇଥିବା ଦଳକୁ ୧୮.୪୭ କୋଟି ଟଙ୍କା ପ୍ରଦାନ କରାଯିବ। ତୃତୀୟ ସ୍ଥାନରେ ରହିଥିବା ଭାରତୀୟ ଟେଷ୍ଟ ଦଳକୁ ୧୨.୩୨ କୋଟି ଟଙ୍କା ଦିଆଯିବ ବୋଲି ଗୁରୁବାର ଆଇସିସି ତରଫରୁ କୁହାଯାଇଛି।




ଏଥର ବିଜେତା ଦଳକୁ ୧୭.୯୬ କୋଟି ଟଙ୍କା ଅଧିକ ପ୍ରଦାନ କରାଯିବ। ଅର୍ଥାତ ପ୍ରଥମ ଦୁଇ ସଂସ୍କରଣର ବିଜେତା ଯଥା ନ୍ୟୁଜିଲାଣ୍ଡ (୨୦୨୧) ଓ ଅଷ୍ଟ୍ରେଲିଆ (୨୦୨୩)କୁ ୧୩.୬୮ କୋଟି ଟଙ୍କା ଦିଆଯାଇଥିଲା ଓ ଉପ- ବିଜେତା ଦଳକୁ ୬.୮୪ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ଦୁଇଥର ଯାକ ଭାରତ ଫାଇନାଲରେ ପରାସ୍ତ ହୋଇ ରନର୍ସଅପ୍ ହୋଇଥିଲା। ଡବ୍ଲ୍ୟୁଟିସି ଖେଳିଥିବା ସମସ୍ତ ୯ଟି ଯାକ ଦଳକୁ ପୁରସ୍କାର ରାଶି ମିଳିବ। ୯ମ ତଥା ଅନ୍ତିମ ସ୍ଥାନରେ ରହିଥିବା ପାକିସ୍ତାନ ଦଳକୁ ୪.୧୦ କୋଟି ଟଙ୍କା ମିଳିବ। ସେହିପରି ତୃତୀୟ ସ୍ଥାନରେ ରହିଥିବାର କାରଣରୁ ଭାରତ ଦଳକୁ ୧୨.୩୨ କୋଟି ଟଙ୍କା ମିଳିବ।

**ଡବ୍ଲ୍ୟୁଟିସି ପୁରସ୍କାର ରାଶି**

| ସ୍ଥାନ | ଦଳ | ପୁରସ୍କାର (ଟଙ୍କାରେ) |
|---|---|---|
| ବିଜେତା | ଅଷ୍ଟ୍ରେଲିଆ/ଦ.ଆଫ୍ରିକା | ୩୦.୭୯ କୋଟି |
| ଉପ-ବିଜେତା | ଅଷ୍ଟ୍ରେଲିଆ/ଦ.ଆଫ୍ରିକା | ୧୮.୪୭ କୋଟି |
| ତୃତୀୟ | ଭାରତ | ୧୨.୩୨ କୋଟି |
| ଚତୁର୍ଥ | ନ୍ୟୁଜିଲାଣ୍ଡ | ୧୦.୨୬ କୋଟି |
| ପଞ୍ଚମ | ଇଂଲଣ୍ଡ | ୮.୨୧ କୋଟି |
| ଷଷ୍ଠ | ଶ୍ରୀଲଙ୍କା | ୭.୧୯ କୋଟି |
| ସପ୍ତମ | ବାଂଲାଦେଶ | ୬.୧୬ କୋଟି |
| ଅଷ୍ଟମ | ୱେଷ୍ଟଇଣ୍ଡିଜ | ୫.୧୩ କୋଟି |
| ନବମ | ପାକିସ୍ତାନ | ୪.୧୦ କୋଟି |

## ଚାମ୍ପିଅନ୍‌ସିପ୍ ସିରିଜ୍: ସୁତବ୍ୟ ରନର୍ସଅପ୍

ଭୁବନେଶ୍ୱର,୧୫।୫ (ସମିସ): ଓଡ଼ିଶାର ଉଦୀୟମାନ ଟେନିସ ଖେଳାଳି ସୁତବ୍ୟ କର୍ମାକର ଛତିଶଗଡରେ ଶେଷ ହୋଇଥିବା ୧୮ ବର୍ଷରୁ କମ୍ ଚାମ୍ପିଅନସିପ ସିରିଜ୍‌ରେ ବାଳକ ବିଭାଗ ଯୁଗଳ କାଟାଗୋରୀରେ ରନର୍ସ ଅପ୍ ହୋଇଛନ୍ତି। ରାୟପୁରରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ସୁତବ୍ୟ ଓ ତାଙ୍କ ପାର୍ଟନର ମହମ୍ମଦ୍ ଅରିଜ୍ ଖାନ୍ ଫାଇନାଲରେ ଅର୍ଣ୍ଣବ ସିଂ ଓ ଏମନ ଭଟ୍ଟଙ୍କଠାରୁ ୦-୨ ସେଟ୍‌ରେ ପରାଜିତ ହୋଇଥିଲେ। ବାଳକ ବିଭାଗ ଏକକ ସେମିଫାଇନାଲରେ ସୁତବ୍ୟ ତାଙ୍କ ଯୁଗଳ ପାର୍ଟନର ଅରିଜ୍‌ଙ୍କଠାରୁ ମଧ୍ୟ ୦-୨ ସେଟ୍‌ରେ ପରାଜିତ ହୋଇଥିଲେ। ନିକଟରେ କଳିଙ୍ଗ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ସିଏସ୍-୭ ଟେନିସ ପ୍ରତିଯୋଗିତାରେ ସୁତବ୍ୟ ମଧ୍ୟ ଭଲ ଖେଳିଥିଲେ।



UTKAL UNIVERSITY
CENTRE FOR AGRI-MANAGEMENT
DEPARTMENT OF BUSINESS ADMINISTRATION
NAAC-A+Accredited
ADMISSION INTO 20TH BATCH : 2025
MBA (AGRIBUSINESS) in ppp mode
PAST RECRUITERS:
ELIGIBILITY:
B.Sc. (Agriculture) & allied subjects /B.Tech (Ag) / Bachelor's degree in Science/ Commerce/ Management (BBA/ BBM) with minimum 50% aggregate marks. Students with Agriculture and allied subjects will be given preference. Degree Students those who are waiting for the result can also apply.
SELECTION:
CAT / MAT / XAT / CMAT / GMAT / ATMA / ICAR - AIEEA PG / TISSNET Test scores. Candidates those who have not appeared the above tests will have to appear **Written Test** conducted by the centre. Candidates those who have appeared the above tests, but willing to appear for the written test conducted by the Centre can also do so. The Final selection shall be based on entrance scores, career marks and performance in Personal Interview.
Important Notes :
• Fill in the Application Form ONLINE at www.camutkal.ac.in.
• Last date of submission of Online Application form : 17th June, 2025
• Date of Written Test (UMAT): 23rd June, 2025 (Tentative)
• Date of Personal Interview : 24th to 26th June, 2025 (Tentative)
BARC Outreach Building, Utkal University, Bhubaneswar - 751004
Mob.: 9437124356, 7008751003
e-mail : admission@camutkal.org, academic@camutkal.org, Website : www.camutkal.ac.in
Course Head, CAM    Chairman, P.G Council

● ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ଉଦ୍‌ଯାପିତ

## ମହାରାଷ୍ଟ୍ର ଚାମ୍ପିଅନ; ଓଡ଼ିଶାକୁ ୧୭ତମ ସ୍ଥାନ

ପାଟନା, ୧୫।୫ (ଏଜେନ୍ସି): ବିହାରରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ (୧୮ ବର୍ଷରୁ କମ୍)ର ୭ମ ସଂସ୍କରଣ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମହାରାଷ୍ଟ୍ର ମୋଟ୍ ୧୫୮ ପଦକ ଜିତି ଓଭରଅଲ୍ ଚାମ୍ପିଅନ ହୋଇଛି। ଯେଉଁଥିରେ ମହାରାଷ୍ଟ୍ର ୫୮ ସ୍ୱର୍ଣ୍ଣ, ୪୭ ରୌପ୍ୟ ଓ ୫୩ କାଂସ୍ୟ ପଦକ ଜିତିଛି। ସେହିଭଳି ୧୧୭ (୩୯ ସ୍ୱର୍ଣ୍ଣ, ୨୭ ରୌପ୍ୟ ଓ ୫୧ କାଂସ୍ୟ) ପଦକ ସହ ହରିୟାଣା ପ୍ରଥମ ରନର୍ସଅପ୍ ଓ ରାଜସ୍ଥାନ (୬୦ ପଦକ) ତୃତୀୟ ସ୍ଥାନ ହାସଲ କରିଛି। ଓଡ଼ିଶା ଦଳ ପଏଣ୍ଟ ସାରଣୀର ୧୭ତମ ସ୍ଥାନରେ ରହିଛି। ମୋଟ୍ ଉପରେ ଓଡ଼ିଶା ୧୪ଟି ପଦକ ଜିତିଛି। ଯେଉଁଥିରେ ୫ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୩ କାଂସ୍ୟପଦକ ରହିଛି।

ଭାରତର ଇଂଲଣ୍ଡ ଗସ୍ତ

## ହରମନପ୍ରୀତଙ୍କୁ ଦିନିକିଆ, ଟି-୨୦ ଦଳର ନେତୃତ୍ୱ

ନୂଆଦିଲ୍ଲୀ,୧୫।୫(ଏଜେନ୍ସି): ଭାରତୀୟ ମହିଳା କ୍ରିକେଟ ଦଳର ଆଗାମୀ ଇଂଲଣ୍ଡ ଗସ୍ତ ପାଇଁ ଦିନିକିଆ ଓ ଟି-୨୦ ଦଳ ଘୋଷିତ ହୋଇଛି। ଦିନିକିଆ ଓ ଟି-୨୦ ସିରିଜ ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଗୁରୁବାର ଦଳ ଘୋଷଣା କରିଛି। ହରମନପ୍ରୀତ କୌରଙ୍କୁ ଦୁଇ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ସେହିପରି ସ୍ମୃତି ମନ୍ଧାନା ତାଙ୍କର ଡେପୁଟି ନିଯୁକ୍ତ କରାଯାଇଛି। ଆସନ୍ତା ଜୁନ୍ ୨୮ରୁ ଜୁଲାଇ ୨୨ ମଧ୍ୟରେ ଭାରତ ଓ ଇଂଲଣ୍ଡ ୫ଟି ଟି-୨୦ ଓ ୩ଟି ଦିନିକିଆ ମ୍ୟାଚ୍‌ରେ ମୁହାଁମୁହିଁ ହେବେ। କିଛିଦିନ ତଳେ ଶ୍ରୀଲଙ୍କାରେ ଅନୁଷ୍ଠିତ ତ୍ରିରାଷ୍ଟ୍ରୀୟ ଦିନିକିଆ ଶୃଙ୍ଖଳାରେ ଭାରତ ଟାଇଟଲ ଜିତି ତା'ର ଆତ୍ମବିଶ୍ୱାସ ବୃଦ୍ଧି କରିଛି। ଏହି ସିରିଜରେ ଭାରତ ସମେତ ଘରୋଇ ଶ୍ରୀଲଙ୍କା ଓ ଦକ୍ଷିଣ ଆଫ୍ରିକା ଅଂଶଗ୍ରହଣ କରିଥିଲେ।



**ଦିନିକିଆ ଦଳ:** ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପ- ଅଧିନାୟିକା), ପ୍ରତୀକା ରାୱଲ, ହର୍ଲିନ ଦେଓଲ, ଜେମିମା ରୋଡ୍ରିଗ୍ୱେଜ, ରିଚା ଘୋଷ (ୱିକେଟକିପର), ୟଷ୍ଟିକା ଭାଟିଆ (ୱିକେଟକିପର), ତେଜାଲ ହସବନିସ୍, ଦୀପ୍ତି ଶର୍ମା, ସ୍ନେହ ରାଣା, ଶ୍ରୀ ଚରଣୀ, ଶୁଚୀ ଉପାଧ୍ୟାୟ, ଅମନଜୋତ କୌର, ଅରୁନ୍ଧତି ରେଡ୍ଡୀ, କ୍ରାନ୍ତି ଗୌଡ଼ ଓ ସାୟାଲି ସତଘାରେ।

**ଟି-୨୦ ଦଳ:** ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପ- ଅଧିନାୟିକା), ଶେଫାଳୀ ବର୍ମା, ଜେମିମା ରୋଡ୍ରିଗ୍ୱେଜ, ରିଚା ଘୋଷ (ୱିକେଟକିପର), ୟଷ୍ଟିକା ଭାଟିଆ (ୱିକେଟକିପର), ହର୍ଲିନ ଦେଓଲ, ଦୀପ୍ତି ଶର୍ମା, ସ୍ନେହ ରାଣା, ଶ୍ରୀ ଚରଣୀ, ଶୁଚୀ ଉପାଧ୍ୟାୟ, ଅମନଜୋତ କୌର, ଅରୁନ୍ଧତି ରେଡ୍ଡୀ, କ୍ରାନ୍ତି ଗୌଡ଼ ଓ ସାୟାଲି ସତଘାରେ।

ସକାଳ THE SAKALA | ନନ୍ଦିଘୋଷ TV
ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ଜିଲ୍ଲା ଓ ବ୍ଲକସ୍ତରରେ ସର୍ବୋଚ୍ଚ ନମ୍ବର ରଖି
ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ 'ସକାଳ' ଓ 'ନନ୍ଦିଘୋଷ' ତରଫରୁ
ନିମ୍ନୋକ୍ତ ସ୍ଥାନମାନଙ୍କରେ ସମ୍ମାନିତ କରାଯିବ
Supported by
ଓମ୍‌ଫେଡ୍ କ୍ଷୀର ଓଡ଼ିଶାର | JUPITER GROUP OF INSTITUTIONS
ମାଟ୍ରିକ୍ ଉତ୍କର୍ଷ ସମ୍ମାନ ୨୦୨୫
ଆଜି, ସକାଳ ୯ ଘଟିକା
ଭୁବନେଶ୍ୱର
ଗୀତଗୋବିନ୍ଦ ସଦନ, ସୂଚନା ଭବନ ପରିସର, ଏଜି ଛକ, ଭୁବନେଶ୍ୱର
ଖୋର୍ଦ୍ଧା, କଟକ, ପୁରୀ, ନୟାଗଡ଼, ଜଗତସିଂହପୁର, କେନ୍ଦ୍ରାପଡା, କେନ୍ଦୁଝର, ଯାଜପୁର, ଅନୁଗୁଳ, ଢେଙ୍କାନାଳ
ଜୟପୁର
ଅଗ୍ରସେନ ଭବନ, ନେହେରୁ ନଗର, ମିଲ୍ ସାହି, ଜୟପୁର
କୋରାପୁଟ, ନବରଙ୍ଗପୁର, ରାୟଗଡା, ମାଲକାନଗିରି
୧୮.୦୫.୨୦୨୫, ରବିବାର, ସକାଳ ୯ ଘଟିକା
ବାଲେଶ୍ୱର
ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର
ବାଲେଶ୍ୱର, ଭଦ୍ରକ, ମୟୁରଭଞ୍ଜ
ବ୍ରହ୍ମପୁର
ଶିବକୁମାର ପଟନାୟକ ରିଡିଂ ରୁମ୍ ଛତ୍ରପୁର
ଗଞ୍ଜାମ, ଗଜପତି, କନ୍ଧମାଳ
ସମ୍ବଲପୁର
ହୋଟେଲ ଡଲଫିନ୍, ଅଇଁଠାପାଲି, ସମ୍ବଲପୁର
ସମ୍ବଲପୁର, ବରଗଡ, ସୁନ୍ଦରଗଡ, ଝାରସୁଗୁଡା, ଦେବଗଡ, ବଲାଙ୍ଗୀର, ବୌଦ୍ଧ, ସୋନପୁର, ନୂଆପଡା, କଳାହାଣ୍ଡି

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS